ଧରିତ୍ରୀ
DHARITRI
52 Years
ପୃଷ୍ଠା–୮+୮
ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୬/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Wednesday, November 26/2025 Page 16
୫୨ଶ ଭାଗ ୩ ସଂଖ୍ୟା VOLUME 52 ISSUE 3 ₹ 7.00 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul

# ହାଜତ ହିଂସା, ମୃତ୍ୟୁକୁ ବରଦାସ୍ତ କରାଯିବ ନାହିଁ

## ଦେଶର ବ୍ୟବସ୍ଥା ଉପରେ ଏହା କଳାଦାଗ: ସୁପ୍ରିମକୋର୍ଟ

**ହାଜତ ହିଂସା ଏବଂ ମୃତ୍ୟୁ ଘଟଣା ବ୍ୟବସ୍ଥା(ସିଷ୍ଟମ) ଉପରେ କଳାଦାଗ ସଦୃଶ। ଦେଶ ଏହାକୁ କେବେବି ବରଦାସ୍ତ କରିବ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ଏଥିସହିତ ଥାନାଗୁଡ଼ିକରେ ସିସିଟିଭି କାର୍ଯ୍ୟକାରିତାର ଅଭାବକୁ ନେଇ ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜସ୍ଥାନରେ ଗତ ୮ ମାସ ମଧ୍ୟରେ ପୋଲିସ ହାଜତରେ ୧୧ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଣିକି ଦେଶ ଏହାକୁ ସହ୍ୟ କରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।**



ନୂଆଦିଲ୍ଲୀ,୨୫।୧୧(ପି.ଟି.)

୨୦୨୫ର ପ୍ରଥମ ୮ମାସରେ ରାଜସ୍ଥାନର ବିଭିନ୍ନ ପୋଲିସ ହାଜତରେ ୧୧ ଜଣଙ୍କ ମୃତ୍ୟୁ ଘଟିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସୁପ୍ରିମକୋର୍ଟ ଗତ ସେପ୍ଟେମ୍ବରରେ ଏହାକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ। କେବଳ ଉଦୟପୁର ଡିଭିଜନରେ ୭ଟି ହାଜତ ମୃତ୍ୟୁ ଘଟିଥିଲା। ମାନବାଧିକାରର ଉଲ୍ଲଂଘନ ହେଉଛି କି ନାହିଁ, ତାହା ଯାଞ୍ଚ କରିବା ପାଇଁ ଥାନାଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଇବାକୁ ୨୦୨୦ ଡିସେମ୍ବରରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ହାଜତରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମଙ୍ଗଳବାର ଶୁଣାଣି ବେଳେ ହାଜତ ମୃତ୍ୟୁକୁ କେହି କଦାପି ଯଥାର୍ଥ କହିପାରିବେ ନାହିଁ କିମ୍ବା ଯଥାର୍ଥ ଦର୍ଶାଇବାକୁ ଉଦ୍ୟମ କରିବେ ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି। ଏହା ଶୁଣିବା ପରେ ଖଣ୍ଡପୀଠ ଏହି ମାମଲାରେ କେନ୍ଦ୍ର ସରକାର କ'ଣ ପାଇଁ ଅନୁପାଳନ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ମୃତ୍ୟୁ ପାଇଁ ଇସି ଦାୟୀ**

**୨୦୨୬ ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ**

# ଫେବୃଆରୀ ୧୫ରେ ଭାରତ-ପାକିସ୍ତାନ

ନୂଆଦିଲ୍ଲୀ,୨୫।୧୧

ଆସନ୍ତା ବର୍ଷ ଭାରତ ଓ ଶ୍ରୀଲଙ୍କାରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ (ଆଇସିସି) ପକ୍ଷରୁ ମଙ୍ଗଳବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ଟୁର୍ନାମେଣ୍ଟ ଲାଗି ୨୦୨୪ ସଂସ୍କରଣ ଚାମ୍ପିୟନ ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମାଙ୍କୁ ବ୍ରାଣ୍ଡ ଆମ୍ବାସାଡର ନାମିତ କରାଯାଇଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ କଲମ୍ବୋଠାରେ ପାକିସ୍ତାନ ଓ ନେଦରଲାଣ୍ଡ ମଧ୍ୟରେ ଖେଳାଯିବ। ସେହିଦିନ ମୁମ୍ବାଇରେ ହେବାକୁ ଥିବା ମ୍ୟାଚ୍‌ରେ ଘରୋଇ ଭାରତୀୟ ଦଳ ଜିଆଣ୍ଟ କିଲର ଆମେରିକାକୁ ଭେଟିବ।

**ରୋହିତ ଆମ୍ବାସାଡର**

୧୨ରେ ନାମ୍ବିଆକୁ ଭେଟିବା ପରେ ଭାରତୀୟ ଦଳ ଫେବୃଆରୀ ୧୫ ତାରିଖରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ହାଇଭୋଲ୍ଟେଜ ମ୍ୟାଚ୍ କଲମ୍ବୋଠାରେ ଖେଳାଯିବ। ଚଳିତବର୍ଷ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଚୁକ୍ତି ମୁତାବକ, ଉଭୟ ପଡ଼ୋଶୀ ଦେଶ କୌଣସି ବହୁ ରାଷ୍ଟ୍ରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଆୟୋଜନ କଲା ବେଳେ ପରସ୍ପର ଦେଶରେ ଖେଳିବେ ନାହିଁ ଏବଂ ସେମାନେ ନ୍ୟୁଟ୍ରାଲ ଭେନ୍ୟୁରେ ଖେଳିବେ। ☞ପୃଷ୍ଠା–୪









# ରାମମନ୍ଦିର ଶିଖରରେ ଧର୍ମଧ୍ୱଜା ସ୍ଥାପନ

**ଅଯୋଧ୍ୟା,୨୫।୧୧(ପି.ଟି.)**

ଅଯୋଧ୍ୟା ରାମମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏହାର ଶିଖରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଧର୍ମଧ୍ୱଜା ସ୍ଥାପନ କରିଛନ୍ତି। ରାମମନ୍ଦିର ନିର୍ମାଣ ଆନୁଷ୍ଠାନିକ ଭାବେ ସମ୍ପୂର୍ଣ୍ଣ ହେବା ସହ ୫୦୦ ବର୍ଷର ସଙ୍କଳ୍ପ

## ବହୁ ଶତାବ୍ଦୀର କ୍ଷତର ଉପଶମ ହୋଇଛି: ପ୍ରଧାନମନ୍ତ୍ରୀ

ପୂରଣ ହୋଇଛି। ବହୁ ଶତାବ୍ଦୀର କ୍ଷତ ଓ ଯନ୍ତ୍ରଣାର ଉପଶମ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଧ୍ୱଜାରୋହଣ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ, ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ



ଧର୍ମଧ୍ୱଜା ସ୍ଥାପନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଉଛନ୍ତି।

ସାମିଲ ହୋଇଥିଲେ। ଧ୍ୱଜାରୋହଣ ପରେ ଜନସମାବେଶକୁ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ଏହା ଦେଶ ପାଇଁ ସାଂସ୍କୃତିକ ପୁନରୁତ୍ଥାନର ମୁହୂର୍ତ୍ତ। ଆଜି ସାରା ଦେଶ ଏବଂ ବିଶ୍ୱ ରାମନାମରେ ତଲ୍ଲୀନ ହୋଇଛି। ଧ୍ୱଜା ଉତ୍ତୋଳନ ଏକ ଅନନ୍ୟ ଓ ଦିବ୍ୟ ମୁହୂର୍ତ୍ତ। ରାମମନ୍ଦିର ଶୀର୍ଷରେ ପବିତ୍ର ଧ୍ୱଜା 'ଅସତ୍ୟ ଉପରେ ସତ୍ୟର ବିଜୟ'ର ସାକ୍ଷ୍ୟ ଭାବେ ଛିଡ଼ାହେବ। ରାମମନ୍ଦିର ନିର୍ମାଣ ପାଇଁ ଅବଦାନ ଥିବା ସମସ୍ତ ରାମଭକ୍ତଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ଯୁବରାଜ ଭାବେ ରାମ ଘର ଛାଡ଼ି ମର୍ଯ୍ୟାଦାପୁରୁଷ ଭାବେ ଫେରିଥିଲେ। ସାଧୁସନ୍ଥଙ୍କ ଜ୍ଞାନ, ଗୁରୁଙ୍କ ମାର୍ଗଦର୍ଶନ, ନିଶାଦ ରାଜଙ୍କ ବନ୍ଧୁତ୍ୱ, ଶବରୀଙ୍କ ଭକ୍ତି ଏବଂ ଅନ୍ୟ ଅଗଣିତ ଲୋକଙ୍କ ପ୍ରତିଶ୍ରୁତି ତାଙ୍କୁ ବଦଳାଇ ଦେଇଥିଲା। ଏକ ବିକଶିତ ଭାରତ ଏହିଭଳି ସାମୂହିକ ସାମର୍ଥ୍ୟ ଆବଶ୍ୟକ କରେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଆର୍‌ଏସ୍‌ଏସ୍ ସରସଂଘଚାଳକ ମୋହନ ଭାଗବତ କହିଛନ୍ତି, ଅଯୋଧ୍ୟା ରାମମନ୍ଦିର ପାଇଁ ଯେଉଁମାନେ ଜୀବନ ଉତ୍ସର୍ଗ କରିଥିଲେ, ସେମାନଙ୍କୁ ଆଜି ଏଠାରେ ସ୍ଥାନ ମିଳିବା ଜରୁରୀ। ଆଜି ଆମ ସମସ୍ତଙ୍କ ପାଇଁ ଏହା ଏକ ମହାନ୍ ଦିବସ। ଦୀର୍ଘଦିନରୁ ରହିଆସିଥିବା ସ୍ୱପ୍ନ ପୂରଣ ହୋଇଥିବା ଭାଗବତ କହିଛନ୍ତି। ସୁପ୍ରିମକୋର୍ଟ ୨୦୧୯ର ଐତିହାସିକ ରାୟ ବଳରେ ବିବାଦୀୟ ୨.୭୭ ଏକର ଜମିକୁ ରାମମନ୍ଦିରକୁ ଅର୍ପଣ କରିଥିଲେ। ଏହାର ୬ ବର୍ଷ ପରେ ରାମମନ୍ଦିର ସମ୍ପୂର୍ଣ୍ଣ ହୋଇଛି।

# ଭାରତ ଆକାଶରୁ ହଟିଲା ଲାଭା ପାଉଁଶ

**ନୂଆଦିଲ୍ଲୀ,୨୫।୧୧**

ଆଫ୍ରିକୀୟ ଦେଶ ଇଥିଓପିଆରେ ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ଯୋଗୁ ପାଉଁଶର ଘନ ବାଦଲ ପୂର୍ବ ଦିଗକୁ ଗତିକରି ଭାରତୀୟ ଆକାଶରେ ମାଡ଼ିଯାଇଥିଲା। ସୋମବାର ରାତି ୧୧ଟାରେ ଏହା ଦିଲ୍ଲୀରେ ପହଞ୍ଚିବା ପରେ ଗୁଜରାଟ, ମହାରାଷ୍ଟ୍ର, ପଞ୍ଜାବ ଓ ଦେଶର ଅନ୍ୟାନ୍ୟ ଭାଗକୁ ବ୍ୟାପିଥିଲା। ଫଳରେ ସୋମବାରଠାରୁ ଅନେକ ବିମାନକୁ ବାତିଲ କରାଯାଇଥିଲା। ତେବେ ମଙ୍ଗଳବାର ରାତି ୧୦ଟା ୩୦ ମିନିଟ୍ ସୁଦ୍ଧା ଉକ୍ତ ପାଉଁଶ ଭାରତ ଆକାଶରୁ ଅପସରି ଯାଇଥିବା ପାଣିପାଗ ବିଭାଗ କହିଛି। ଇଥିଓପିଆର ହେଲି ଗୁବ୍ବି ଆଗ୍ନେୟଗିରିରୁ ୧୨,୦୦୦ ବର୍ଷ ପରେ ପ୍ରଥମ ଥର ପାଇଁ ରବିବାର ଲାଭା ଉଦ୍‌ଗିରଣ ହୋଇଥିଲା। ମଙ୍ଗଳବାର ରାତି ସୁଦ୍ଧା ପାଉଁଶ ଚାଇନାକୁ ଚାଲିଯିବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ।

# ଶାନ୍ତି ଆଲୋଚନା ସତ୍ତ୍ୱେ କିଭ୍ ଉପରେ ରୁଷିଆର ଆକ୍ରମଣ: ୬ ମୃତ

**କିଭ୍,୨୫।୧୧**

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ପାଖାପାଖି ୪ ବର୍ଷ ଧରି ଯୁଦ୍ଧ ଲାଗି ରହିଥିବାବେଳେ ଏହାର ଅବସାନ ପାଇଁ ଆମେରିକା ଆଣିଥିବା ସାନି ଶାନ୍ତି ଯୋଜନା ଉପରେ ଆଲୋଚନା ଜାରି ରହିଛି। ଏହା ସତ୍ତ୍ୱେ ରୁଷିଆ ସୋମବାର ରାତିରେ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଜୋର୍‌ଦାର ଆକ୍ରମଣ କରିଛି। କିଭ୍‌ରେ ଥିବା କେତେକ ବିଲ୍ଡିଂ ଏବଂ ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିବାବେଳେ ଏଥିରେ ଅନ୍ୟୁନ ୬ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଦକ୍ଷିଣ ରୁଷିଆ ଉପରେ ୟୁକ୍ରେନ୍ ଆକ୍ରମଣ କରିବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ କେତେକ ଘର ଧ୍ୱଂସ ହୋଇଛି।

ଆମେରିକାର ସାନି ଶାନ୍ତି ଆଲୋଚନା ଉପରେ ଏହାର ସେନା ସଚିବ ଡାନ୍ ଡ୍ରିସ୍କୋଲ ମଙ୍ଗଳବାର ଆବୁଧାବୀଠାରେ ରୁଷିଆ କର୍ତ୍ତୃପକ୍ଷଙ୍କୁ ଭେଟି ଆଲୋଚନା କରିଛନ୍ତି। କିଛିଦିନ ପୂର୍ବରୁ ଆମେରିକା ବୁଝାମଣା ଟିମ୍‌ରେ ସାମିଲ ହୋଇଥିବା ଡ୍ରିସ୍କୋଲ୍ ରୁଷିଆରେ ଶାନ୍ତି ସ୍ଥାପନ ଲାଗି ଆଲୋଚନାର ନେତୃତ୍ୱ ନେଇଛନ୍ତି। ୟୁକ୍ରେନ୍ ମଧ୍ୟ ଉକ୍ତ ଆଲୋଚନା ସମ୍ପର୍କରେ ଅବଗତ ଅଛି ଏବଂ ଉଭୟ ପକ୍ଷ ଯଥାସମ୍ଭବ ଶୀଘ୍ର ଯୁଦ୍ଧ ବନ୍ଦ ହେବା ନେଇ ଏକ ଚୁକ୍ତିନାମାରେ ପହଞ୍ଚିବାକୁ ସୂଚନା ଦେଇଥିବା ଆମେରିକାର ଜଣେ ଅଧିକାରୀ କହିଛନ୍ତି। ଗତ ରବିବାର ଜେନେଭାରେ ଆମେରିକା ଏବଂ ୟୁକ୍ରେନ୍ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଯୁଦ୍ଧ ବନ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରିବ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଥିଲେ।

# ୨,୫୦୦ କୋଟି ଡ୍ରଗ୍ ର୍ୟାକେଟ୍ ମାଷ୍ଟରମାଇଣ୍ଡ ଦୁବାଇରେ ଗିରଫ

## ଭାରତ ପ୍ରତ୍ୟର୍ପିତ ହେବେ

**ନୂଆଦିଲ୍ଲୀ,୨୫।୧୧**

ଗତବର୍ଷ ନଭେମ୍ବରରେ ଦିଲ୍ଲୀରୁ ୨,୫୦୦ କୋଟି ଟଙ୍କା ମୂଲ୍ୟର ୮୨ କିଲୋଗ୍ରାମ୍ ଉଚ୍ଚମାନର କୋକେନ ଜବତ ହୋଇଥିଲା। ଏହି ଚୋରାଚାଲାଣ ର୍ୟାକେଟ୍‌ର ମାଷ୍ଟରମାଇଣ୍ଡ କୁହାଯାଉଥିବା ପୱନ ଠାକୁରଙ୍କୁ ଦୁବାଇରୁ ଗିରଫ କରାଯାଇଛି। ତାଙ୍କୁ ଖୁବ୍‌ଶୀଘ୍ର ଭାରତ ପ୍ରତ୍ୟର୍ପିତ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। କିଛିଦିନ ପୂର୍ବରୁ ଦିଲ୍ଲୀରୁ ଜବତ ହୋଇଥିବା ୨୮୨ କୋଟି ଟଙ୍କାର ମେଥ୍ ଡ୍ରଗ୍ସର ମାଷ୍ଟରମାଇଣ୍ଡ ମଧ୍ୟ ପୱନ। ସେ ବହୁବର୍ଷ ଧରି ହାୱାଲା ଏବଂ ମନିଲଣ୍ଡରିଂରେ ସାମିଲ ଥିଲେ। ପରେ ସେ ବେଆଇନ ନିଶାଦ୍ରବ୍ୟ ଚୋରା କାରବାର ଆରମ୍ଭ କରିଥିଲେ। ଏଥିରୁ ଆୟ କଳାଟଙ୍କାକୁ ସେ ବିଦେଶରେ ଥିବା ସେଲ୍ କମ୍ପାନୀକୁ ପଠାଉଥିଲେ।

# ମୋତେ ଟାର୍ଗେଟ କଲେ ଦେଶ ଦୋହଲାଇଦେବି: ମମତା

**କୋଲକାତା,୨୫।୧୧**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆସନ୍ତାବର୍ଷ ହେବାକୁ ଥିବାବେଳେ ଏହା ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାରୁ ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛନ୍ତି। ବନଗାଁଓରେ ଏସ୍‌ଆଇଆର୍ ବିରୋଧୀ ରାଲିରେ ଉଦ୍‌ବୋଧନ ଦେଇ ମମତା କହିଛନ୍ତି, ଆପଣମାନଙ୍କ ନାଁ ଭୋଟର ତାଲିକାରୁ ଯଦି କଟିଯାଏ, ତେବେ କେନ୍ଦ୍ର ସରକାରଙ୍କୁ ମଧ୍ୟ ହଟାଇ ଦେବାକୁ ହେବ। ଏସ୍‌ଆଇଆର୍ ପଛର ଉଦ୍ଦେଶ୍ୟକୁ ନେଇ ମମତା ପ୍ରଶ୍ନ କରିଛନ୍ତି। ବିହାର ନିର୍ବାଚନ ପ୍ରଚାର ବେଳେ ଭାଜପା ଯେଉଁ ଖେଳ ଖେଳିଥିଲା, ତାହା ପଶ୍ଚିମବଙ୍ଗରେ ହୋଇପାରିବ ନାହିଁ। ପଶ୍ଚିମବଙ୍ଗରେ ଯଦି ତାଙ୍କୁ କିମ୍ବା ତାଙ୍କ ଲୋକମାନଙ୍କୁ ଟାର୍ଗେଟ କରାଯାଏ, ତେବେ ସେ ଦେଶବ୍ୟାପୀ ଆନ୍ଦୋଳନ କରିବା ସହ ସମଗ୍ର ଦେଶକୁ ଦୋହଲାଇଦେବେ ବୋଲି ମମତା କହିଛନ୍ତି। ଗୋଟିଏ ବି ନାଁ ହଟାଇବାର କ୍ଷମତା ନିର୍ବାଚନ କମିଶନଙ୍କର ନାହିଁ। ତେଣୁ କେହି ଭୟଭୀତ ନ ହେବାକୁ ତୃଣମୂଳ କଂଗ୍ରେସ ନେତ୍ରୀ ଲୋକମାନଙ୍କୁ ନିବେଦନ କରିଛନ୍ତି।

# ଖ୍ରୀଷ୍ଟିଆନ୍ ଅଫିସରଙ୍କ ବହିଷ୍କାର କାଏମ

## ସେନା ପାଇଁ ଅନୁପଯୁକ୍ତ କହିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୫।୧୧**

ଗୁରୁଦ୍ୱାରାରେ ପ୍ରବେଶ ପାଇଁ ମନାକରି ବହିଷ୍କୃତ ହୋଇଥିବା ଖ୍ରୀଷ୍ଟିଆନ୍ ସେନା ଲ୍ୟୁଟ୍‌ନାଣ୍ଟ ସାମୁଏଲ୍ କମଲେଶନଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିବା ସହ ସେ ସେନା ପାଇଁ ଅନୁପଯୁକ୍ତ ବୋଲି କହିଛନ୍ତି। ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶ ଅମାନ୍ୟ କରିବା ସହିତ ଶିଖ୍ ସୈନ୍ୟଙ୍କ ବିଶ୍ୱାସକୁ ସମ୍ମାନ ଦେବାରେ ବିଫଳ ହୋଇଥିବାରୁ ତାଙ୍କୁ ବହିଷ୍କାର କରାଯିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି। ଏଭଳି ବିଶୃଙ୍ଖଳା ପାଇଁ ସେନା ଅଧିକାରୀ ବହିଷ୍କୃତ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ କହିଛନ୍ତି। ଗତ ମେ'ରେ ଦିଲ୍ଲୀ ହାଇକୋର୍ଟ ମଧ୍ୟ ସେନା ନିଷ୍ପତ୍ତିକୁ କାଏମ ରଖିଥିଲେ। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଉର୍ଦ୍ଧ୍ୱରେ ଧର୍ମକୁ ରଖିବା ବିଶୃଙ୍ଖଳିତ କାର୍ଯ୍ୟ ବୋଲି ହାଇକୋର୍ଟ କହିଥିଲେ।

# ପ୍ରତି ୧୦ମିନିଟ୍‌ରେ ଜଣେ ମହିଳାଙ୍କୁ ପରିବାର ଲୋକେ ହତ୍ୟା କରୁଛନ୍ତି

## ଜାତିସଂଘ ରିପୋର୍ଟ

**ନ୍ୟୁୟର୍କ,୨୫।୧୧(ପି.ଟି.)**

ବିଶ୍ୱରେ ପ୍ରତି ୧୦ ମିନିଟ୍‌ରେ ଜଣେ ମହିଳା କିମ୍ବା ଯୁବତୀଙ୍କୁ ତାଙ୍କ ପାର୍ଟନେର ଅଥବା ପରିବାର ସଦସ୍ୟ ହତ୍ୟା କରୁଥିବା ଜାତିସଂଘର ନୂତନ ତଥ୍ୟରୁ ଜଣାପଡ଼ିଛି। ଅର୍ଥାତ୍ ପ୍ରତିଦିନ ହାରାହାରି ୧୩୭ ଜଣ ମହିଳା ବା ବାଳିକାଙ୍କୁ ପରିବାର ସଦସ୍ୟ ହତ୍ୟା କରୁଥିବା ଜାତିସଂଘର ନିଶାଦ୍ରବ୍ୟ ଓ ଅପରାଧ କାର୍ଯ୍ୟାଳୟ (ୟୁଏନ୍‌ଓଡିସି) ଏବଂ ଜାତିସଂଘ ମହିଳା ରିପୋର୍ଟରେ ପ୍ରକାଶ ପାଇଛି। ଗତବର୍ଷ ୮୩,୦୦୦ ମହିଳା ଓ ଯୁବତୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୦% ଅର୍ଥାତ୍ ୫୦,୦୦୦ଙ୍କୁ ସେମାନଙ୍କ ଘନିଷ୍ଠ ପାର୍ଟନେର କିମ୍ବା ପରିବାର ସଦସ୍ୟ ହତ୍ୟା କରିଥିଲେ। ଅନ୍ୟପକ୍ଷରେ ଗତବର୍ଷ ପୁରୁଷ ହତ୍ୟାର ୧୧% ସେମାନଙ୍କ ପାର୍ଟନେର କିମ୍ବା ପରିବାର ସଦସ୍ୟଙ୍କ ଦ୍ୱାରା କରାଯାଇଛି। ବିଶ୍ୱରେ ଅନେକ ମହିଳା ଓ ବାଳିକାଙ୍କ ପାଇଁ ଘର ଏକ ବିପଜ୍ଜନକ ସ୍ଥାନ ହୋଇ ରହିଥିବା ୟୁଏନ୍‌ଓଡିସିର କାର୍ଯ୍ୟକାରୀ ଏକ୍ସିକ୍ୟୁଟିଭ୍ ଡାଇରେକ୍ଟର ଜନ୍ ବ୍ରାଣ୍ଡୋଲିନୋ କହିଛନ୍ତି।

# ଦିଲ୍ଲୀ ପ୍ରଦୂଷଣ: ହସ୍ତକ୍ଷେପ କଲା ପିଏମ୍‌ଓ

## ଇଭି ଚଳାଚଳ ବଢ଼ାଇବା ଉପରେ ଗୁରୁତ୍ୱ

**ନୂଆଦିଲ୍ଲୀ,୨୫।୧୧**

ଦିଲ୍ଲୀ-ଏନ୍‌ସିଆର୍‌ରେ ବାୟୁ ପ୍ରଦୂଷଣ ଉତ୍କଟ ରୂପ ନେଇଥିବାବେଳେ ବାୟୁ ଗୁଣବତ୍ତା ଦିନକୁ ଦିନ ଅଧିକ ଖରାପ ହେଉଥିବାରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ହସ୍ତକ୍ଷେପ କରିଛନ୍ତି। ପ୍ରଦୂଷଣ ସୃଷ୍ଟିକାରୀ ଯାନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ରାଜଧାନୀରେ ବିଦ୍ୟୁତ୍‌ଚାଳିତ ଯାନ (ଇଭି)ର ଅଧିକ ପ୍ରସାର କରିବା ପାଇଁ ଅଧିକାରୀମାନଙ୍କୁ ପିଏମ୍‌ଓ ନିର୍ଦ୍ଦେଶ ଦେଇଛି। ଦ୍ୱିତୀୟ ସପ୍ତାହ ପାଇଁ ଦିଲ୍ଲୀର ବାୟୁ ଗୁଣବତ୍ତା ଅତ୍ୟନ୍ତ ନିକୃଷ୍ଟ ରହିଛି। ଏହାକୁ ନେଇ ପିଏମ୍‌ଓରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଦୂଷଣ ସୃଷ୍ଟିକାରୀ ଗାଡ଼ିଗୁଡ଼ିକର ଯାଞ୍ଚକୁ ଜୋର୍‌ଦାର କରିବା ପାଇଁ କୁହାଯାଇଛି। ଦିଲ୍ଲୀ-ଏନ୍‌ସିଆର୍‌ରେ ଏବେବି ୩୭% ବିଏସ୍-୧ରୁ ବିଏସ୍-୩ ଗାଡ଼ି ଚଳାଚଳ କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଦିଲ୍ଲୀ ରାସ୍ତାରେ ଅଧିକରୁ ଅଧିକ ଇଭି ଚଳାଇବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି।

ଦିଲ୍ଲୀରେ ବାର୍ଷିକ ପିଏମ୍୨.୫ ପ୍ରଦୂଷଣ ସ୍ତର ଦେଶରେ ସର୍ବାଧିକ ରହିଥିବା ରେକର୍ଡ କରାଯାଇଛି, ଯାହାକି ଘନମିଟର ପ୍ରତି ହାରାହାରି ୧୦୧ ମାଇକ୍ରୋଗ୍ରାମ୍। ଏହା ଜାତୀୟ ସୀମାଠାରୁ ୨.୫ ଗୁଣ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଗାଇଡଲାଇନ୍‌ର ୨୦ ଗୁଣ ବୋଲି ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ୍ ଏୟାର(ସିଆର୍‌ଇଏ)ର ଉପଗ୍ରହଭିତ୍ତିକ ଆକଳନରୁ ଜଣାପଡ଼ିଛି। ପିଏମ୍୨.୫ ସ୍ତର ଘନମିଟର ପ୍ରତି ୭୦ ମାଇକ୍ରୋଗ୍ରାମ ସହ ଚଣ୍ଡିଗଡ଼ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ହରିୟାଣା(୬୩) ଏବଂ ତ୍ରିପୁରା (୬୨) ସହ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛି। ଦେଶର ମୋଟ ୭୪୯ ଜିଲ୍ଲା ମଧ୍ୟରୁ ୪୪୭ଟିରେ ବାର୍ଷିକ ପିଏମ୍୨.୫ ସ୍ତର ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ଦିଲ୍ଲୀ ଏବଂ ଆସାମର ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଦୂଷଣ ସର୍ବାଧିକ ରହିଛି। ୫୦ ସବୁଠୁ ପ୍ରଦୂଷିତ ଜିଲ୍ଲା ମଧ୍ୟରୁ ଉଭୟ ଦିଲ୍ଲୀ ଓ ଆସାମରୁ ୧୧ଟି ଲେଖାଏ ଜିଲ୍ଲା ରହିଛନ୍ତି। ସେହିପରି ବିହାର ଓ ହରିୟାଣାର ୭ଟି ଲେଖାଏ ଜିଲ୍ଲା ଅତ୍ୟନ୍ତ ପ୍ରଦୂଷିତ। ଉତ୍ତରପ୍ରଦେଶର ୪, ତ୍ରିପୁରାର ୩, ରାଜସ୍ଥାନ ଓ ପଶ୍ଚିମବଙ୍ଗର ୨ଟି ଲେଖାଏ ଜିଲ୍ଲାର ବାୟୁ ଅତ୍ୟଧିକ ପ୍ରଦୂଷିତ ବୋଲି ଆକଳନରେ କୁହାଯାଇଛି।





















# ଛେଳି ଚରାଇବାକୁ ଯାଇଥିବା ବୃଦ୍ଧାଙ୍କୁ ଦଳିଦେଲା ହାତୀ

ତାଳଚେର,୨୫ା୧୧(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ କଙ୍କିଳି ଗାଁ ନିକଟ ବିଲମାଳକୁ ମଙ୍ଗଳବାର ଛେଳି ଚରାଇବାକୁ ଯାଇଥିବା ଜଣେ ବୃଦ୍ଧାଙ୍କୁ ଦଳି ମାରିଦେଇଛି ହାତୀ। ମୃତା ହେଲେ କଟନାଳି ଗ୍ରାମର ବାସନ୍ତୀ ଖଟୁଆ (୬୧)। ସୂଚନା ଅନୁସାରେ, ବାସନ୍ତି ଅପରାହ୍ନରେ ସ୍ୱାମୀଙ୍କ ସହିତ ଛେଳି ଚରାଇବାକୁ କଙ୍କିଳି ଗ୍ରାମ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ସେ ଏକ ଦନ୍ତା ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖା ଦେଇଥିଲା। ଖବରପାଇ ତାଳଚେର ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶୁଦ୍ଧ କାର୍ଯ୍ୟ ନିମନ୍ତେ ୧ ଲକ୍ଷ ଟଙ୍କା ଓ ଅବଶିଷ୍ଟ ୯ଲକ୍ଷ ଟଙ୍କା ପରେ ପ୍ରଦାନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା।

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

## ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପାଇଁ ଜନସ୍ୱାର୍ଥ ମାମଲା

କଟକ,୨୫ା୧୧(କାର୍ତ୍ତିକ ସାହୁ)

ଓଡ଼ିଶାରେ କ୍ରମାଗତ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀ ବଢ଼ୁଛନ୍ତି। ସେମାନଙ୍କୁ ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଗତ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଆଗାମୀ ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଥିବା ବେଆଇନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଉପରେ ରୋକ ଲଗାଇବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସରକାର ଟାସ୍କଫୋର୍ସ ଗଠନ କରି ସେମାନଙ୍କ ଆଧାର କାର୍ଡ, ଭୋଟର କାର୍ଡ, ରାଶନ୍‌କାର୍ଡ ଆଦି ଯାଞ୍ଚ କରିବା ସହ ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯାଉ। ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଓଡ଼ିଶାରେ ବସବାସ କରିବା ପରେ ବେଆଇନ ଭାବେ ଆଧାର କାର୍ଡ, ଭୋଟର କାର୍ଡ, ରାଶନ୍ କାର୍ଡ ଆଦି କରାଇ ସମସ୍ତ ସରକାରୀ ସୁବିଧା ସୁଯୋଗ ହାତେଇବାରେ ସଫଳ ହେଉଛନ୍ତି। ରାଜ୍ୟ ସରକାର ବାଂଲାଦେଶ ହାଇକମିଶନରଙ୍କ ସହ ସମନ୍ୱୟ ରଖି ତୁରନ୍ତ ସେମାନଙ୍କୁ ଚିହ୍ନଟ କରନ୍ତୁ। ସେମାନଙ୍କୁ ଅସ୍ଥାୟୀ ରହଣି କେନ୍ଦ୍ରରେ ରଖି ସେମାନଙ୍କ କାଗଜପତ୍ର ଯାଞ୍ଚ କରିବା ସହ ସେମାନଙ୍କ ଦେଶକୁ ପଠାଇବାର ବନ୍ଦୋବସ୍ତ କରନ୍ତୁ। ଏଥିସହ ଭବିଷ୍ୟତରେ ବେଆଇନ ବାଂଲାଦେଶୀ ଅନୁପ୍ରବେଶ ରୋକିବାକୁ ରାଜ୍ୟ ସରକାର ସାମୁଦ୍ରିକ ତଟ ଓ ସୀମାରେ କୋଷ୍ଟ ଗାର୍ଡ, ବିଏସ୍‌ଏଫ୍ ଫୋର୍ସ ମୁତୟନ କରନ୍ତୁ। ଏଥିସହ ଦେଶ ସୁରକ୍ଷାରେ ନିୟୋଜିତ କର୍ମଚାରୀମାନଙ୍କୁ ସଜାଗ ରହିବାକୁ ମେରାଇନ୍ ଥାନାଗୁଡ଼ିକୁ ଆଦେଶ ଦିଅନ୍ତୁ ବୋଲି ହାଇକୋର୍ଟରେ ପ୍ରାର୍ଥନା କରାଯାଇଛି। ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ପୋଲିସ କମିଶନର୍ ଏବଂ ବୈଦେଶିକ ବିଭାଗ ସଚିବ ପ୍ରମୁଖଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ ହୋଇଛି।

# ରାଜ୍ୟରେ ବଢ଼ିଲେ ବାଘ

## ଶିମିଳିପାଳରେ ୩୪, ସାତକୋଶିଆ ବାଘ ଶୂନ୍ୟ

ଭୁବନେଶ୍ୱର,୨୫ା୧୧(ବନ୍ଦନା ସେଠୀ)

ରାଜ୍ୟରେ ବାଘ ସଂଖ୍ୟା ବଢ଼ି ଚାଲିଛି। ଗତବର୍ଷ ଶିମିଳିପାଳରେ ୩୦ଟି ବାଘ ରହିଥିବାବେଳେ ଚଳିତବର୍ଷ ଏହା ୩୪କୁ ବୃଦ୍ଧି ପାଇଛି। ତେବେ ରାଜ୍ୟରେ କେବଳ ଶିମିଳିପାଳରେ ବାଘ ଥିବାବେଳେ ସାତକୋଶିଆ ବାଘ ଶୂନ୍ୟ ହୋଇଯାଇଥିବା ନେଇ ପିସିସିଏଫ୍ ପ୍ରେମ୍ କୁମାର ଝା ମଙ୍ଗଳବାର ସୂଚନା ଦେଇଛନ୍ତି। ଏଥିରୁ ଶିମିଳିପାଳ ବାଘଙ୍କୁ ସୁହାଉଥିବା ସ୍ପଷ୍ଟ ହୋଇଛି। ପ୍ରତି ୪ ବର୍ଷରେ ଥରେ ଭାରତରେ ବାଘ ଗଣନା ହୋଇଥାଏ। ଏହାପୂର୍ବରୁ ୨୦୨୨ରେ ଗଣତି ହୋଇଥିଲା। ଓଡ଼ିଶା ସ୍ୱତନ୍ତ୍ର ଭାବେ ବାଘ ଗଣନା କରୁଛି। ତଥ୍ୟ ଅନୁଯାୟୀ, ୨୦୨୨ରେ ରାଜ୍ୟରେ ୨୦ଟି ବାଘ ନଜରକୁ ଆସିଥିଲେ। ୨୦୨୩ରେ ୨୭ଟି ବାଘ ସମେତ ୯ଟି ଶାବକ ଏବଂ ୨୦୨୪ରେ ୩୦ଟି ମହାବଳ ବାଘ ଚିହ୍ନଟ କରାଯାଇଥିଲା। ଏବେ ରାଜ୍ୟରେ ମହାବଳ ବାଘ ୩୪ ଓ ୯ଟି ଶାବକ ଅଛନ୍ତି। ଶିମିଳିପାଳରେ ବାଘ ଉପରେ ନଜର ରଖିବା ପାଇଁ କ୍ୟାମେରା ଲଗାଯାଇଛି, ଯାହା ୬୦ଦିନ ଧରି କାର୍ଯ୍ୟ କରିବ। କ୍ୟାମେରାରେ ବାଘ ଫଟୋ ଓ ତା'ର ପାଦଚିହ୍ନକୁ ଦେଖି ଚିହ୍ନଟ କରାଯାଇ ଗଣନା କରାଯାଉଛି। ରାଜ୍ୟରେ ବର୍ତ୍ତମାନ ୫୦% ସାଧାରଣ ବାଘ ରହିଥିବା ବେଳେ ୫୦% ମେଲାନ୍‌ଷ୍ଟିକ୍ ବାଘ ରହିଥିବା ପିସିସିଏଫ୍ କହିଛନ୍ତି।










# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଓଡ଼ିଶା ବିକାଶ କନ୍‌କ୍ଲେଭ ୨୦୨୫, ସ୍ଥାନ: ଜେ ଫେୟାର ସେଣ୍ଟର୍, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ଜାତୀୟ ଦୁଗ୍ଧ ଦିବସ ପାଳନ, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ୩୪ ଜଣଙ୍କୁ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ, ସ୍ଥାନ: ଜେନିସ୍ ସେଣ୍ଟର ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୪୫।
- କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ପ୍ରତିବାଦ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍, ସମୟ: ପୂର୍ବାହ୍ନ ୧୧ଟା।
- ପିଏମ୍‌ଶ୍ରୀ ଡେମୋନ୍‌ଷ୍ଟ୍ରେସନ୍ ମଲ୍ଟିପର୍ପୋଜ୍ ସ୍କୁଲ ପକ୍ଷରୁ ଭାଲିଡିକ୍ଟୋରି ଫଙ୍କସନ୍ ଇନ୍‌ଟେନ୍ସ ୨୦୨୫, ସ୍ଥାନ: ଆଞ୍ଚଳିକ ଅଡିଟୋରିୟମ୍, ସମୟ: ଅପରାହ୍ନ ୩ଟା।
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କାର ବିତରଣ, ସ୍ଥାନ: କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ସମୟ: ଅପରାହ୍ନ ୪ଟା।
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ଅପରାହ୍ନ ୪ଟା।
- ଭୁବନେଶ୍ୱର ମ୍ୟାଜିକ୍ ସର୍କଲ ପକ୍ଷରୁ ବାର୍ଷିକ ମ୍ୟାଜିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ୧୦୮ତମ ଜୟନ୍ତୀ ସମାରୋହ, ସ୍ଥାନ: ବୀରେନ୍ ମିତ୍ର ପାର୍କ, ମିଶନ ରୋଡ୍, ସମୟ: ସକାଳ ୯ଟା।
- ଆମ୍ ଆଦମୀ ପାର୍ଟିର ୧୪ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଏଏପି ଅଫିସ ଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ସମ୍ମିଳିତ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: କଟକ ଗଡ଼, ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୧ଟା।

**ପୁରୀ**
- ଡି.ଏମ୍. ପବ୍ଲିକ ସ୍କୁଲର ନୂତନ କ୍ୟାମ୍ପସ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ପୁରୀ ଦତ୍ତତୋଟା, ସମୟ: ସକାଳ ୯ଟା।
- ଶ୍ରୀଜଗନ୍ନାଥ ଶିଶୁ ବିହାର ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ପୁରୁଣା ସଦର ଥାନା ନିକଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତପୋବନ ଆଦର୍ଶ ବିଦ୍ୟାଳୟ ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ବୋଳମଣ୍ଡପ ସାହି, ସମୟ: ୧୦ଟା ୪୫।
- ଶ୍ରମ କୋଡ୍ ଉଚ୍ଛେଦ ଦାବିରେ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସମୟ: ପୂର୍ବାହ୍ନ ୧୧ଟା।
- ଖରିଫ ଫସଲ ସମ୍ପର୍କିତ ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସମ୍ବିଧାନ ବଞ୍ଚାଅ ଦିବସ ଉପଲକ୍ଷେ ଚିନ୍ତନ ସଭା, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

- 'ସୁସ୍ଥ ନାରୀ ସଶକ୍ତ ରାଷ୍ଟ୍ର' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ବାଲେଶ୍ୱର**
- ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପୋଲିସ ଲାଇନ ଛକ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଆଧ୍ୟାତ୍ମିକ ସମାରୋହ କମିଟି ପକ୍ଷରୁ ୧୦ ଦିନ ବ୍ୟାପୀ ମହାପ୍ରଭୁଙ୍କ ମୀନକେଶ, ସ୍ଥାନ: ଥାନା ଛକ ରେଲିଫାଡ ପଡ଼ିଆ, ଭୋଗରାଇ, ସମୟ: ସକାଳ ୮ଟା।
- କୃଷକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ଭୋଗରାଇ, ସମୟ: ସକାଳ ୮ଟା।
- ସମ୍ବିଧାନ ଦିବସ ସମାରୋହ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ଓଡ଼େଶା ଭବନ, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଓକିଲ ସଂଘ ପକ୍ଷରୁ ସମ୍ବିଧାନ ଦିବସ, ସ୍ଥାନ: ସମ୍ମିଳନୀ କକ୍ଷ, ଜିଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ବାଲେଶ୍ୱର ଲୋକ ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନପଙ୍ଗ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱର୍ଗତ ଶିକ୍ଷକ ସମ୍ମାନନ ଭିଖାରୀଙ୍କ ସ୍ମୃତିସଭା, ସ୍ଥାନ: ଆଡ଼ିଆ, ବନ୍ତ, ସମୟ: ଅପରାହ୍ନ ୨ଟା।
- ବିଧାନସଭାସ୍ତରୀୟ ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ତ୍ୟାଗଭୂମି ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

**କେନ୍ଦୁଝର**
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ ପରିସର, ବଡ଼ବିଲ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବିଜୁ ଛାତ୍ର ଜନତା ଦଳର ବୈଠକ, ସ୍ଥାନ : ହାଟଡିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ଶ୍ରୀ ରାମ ମନ୍ଦିରରେ ଭଜନ ସମାରୋହ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ : ଡ଼ଙ୍ଗର, ହାଟଡିହୀ, ସମୟ : ସନ୍ଧ୍ୟା ୫ ଟା।

**ମୟୂରଭଞ୍ଜ**
- ବହୁଭାଷୀ ନାଟକ ମହୋତ୍ସବ,ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମ, ଗଞ୍ଜାମ,ସମୟ: ପୂର୍ବାହ୍ନ ୧୦ଟା।

**କନ୍ଧମାଳ**
- ବିଜିଳ ପ୍ରକଳ୍ପ ଉଦ୍‌ଘାଟନ, ସାଂସଦ କ୍ରୀଡା କାର୍ଯ୍ୟକ୍ରମ, ସ୍ଥାନ: ଦରିଙ୍ଗବାଡ଼ି, ସମୟ: ସକାଳ ୯ଟା।
- କୃଷକ ରାଲି ମରିବ, ସ୍ଥାନ: ବଚେଲବାଡ଼ି ପଞ୍ଚାୟତ ପାଙ୍ଗାଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- କନ୍ଧମାଳ ଏମ୍‌ପିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବ୍ରାହ୍ମଣୀଗାଁ ଶିବମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ ଟା।

**ଢେଙ୍କାନାଳ**
- ଏକତା ପଦଯାତ୍ରା, ସ୍ଥାନ: ମିନି ଷ୍ଟାଡ଼ିୟମଠାରୁ ପଲ୍ଲିଶ୍ରୀ ମେଳା ପଡ଼ିଆ ମହିଷାପାଟ, ସମୟ: ସକାଳ ୭ଟା ୪୫।
- ଆଇପିଏଲ୍ ପକ୍ଷରୁ ଆଖିପୋଡ଼ା ଶୁଭାରମ୍ଭ, ସ୍ଥାନ: ଇଣ୍ଡିଆନ ପଜାସ ଲିମିଟେଡ୍ କମ୍ପାନି, ହରିପୁର, ଢେଙ୍କାନାଳ, ସମୟ: ସକାଳ ୮ଟା ୩୦।
- ଶ୍ରମ କୋଡ଼ ପ୍ରତ୍ୟାହାର ଦାବୀରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ବିପିନୀ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର ପାଖ ପଡ଼ିଆ, ଗୁଡ଼ିଆଖାଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା ୩୦।

**ଅନୁଗୋଳ**
- ଗ୍ରାଉଣ୍ଡ ୱାଟର ମ୍ୟାନେଜମେଣ୍ଟ ନେଇ ବୈଠକ, ସ୍ଥାନ: ଅନୁଗୋଳ ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନୁଗୋଳ ଓକିଲ ସଂଘ ଆନୁକୂଲ୍ୟରେ ସମ୍ବିଧାନ ଓ ଆଇନ ଦିବସ ସମାରୋହ, ସ୍ଥାନ ଅନୁଗୋଳ ଓକିଲ ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶୀତର ଗୀତ ଆସର, ସ୍ଥାନ: ଅନୁଗୋଳ ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦।

**ଜଗତ୍‌ସିଂହପୁର**
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଏରସମାସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ, ସ୍ଥାନ: ଏରସମା ବ୍ଲକ ସମ୍ମୁଖରେ ପ୍ରତିବାଦ ଉତ୍ସବ, ସମୟ: ପୂର୍ବାହ୍ନ ୧୧ଟା।
- ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ନୂତନ ଶ୍ରମ ସଂହିତା ସଚେତନତା ଅଧିବେଶନ, ସ୍ଥାନ: ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ସତ୍‌ସଙ୍ଗ ବାବାଙ୍କ ଜନ୍ମଶତବାର୍ଷିକୀ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସତ୍‌ସଙ୍ଗ ମନ୍ଦିର, ମୁଖାବନ୍ଧ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- କୃଷକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟ, ବାରଡ଼ଙ୍ଗ, ମହାକାଳପଡ଼ା, ସମୟ: ସକାଳ ୯ଟା।
- କେନ୍ଦ୍ରିତ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ଜନ ସମ୍ପର୍କ ଯାତ୍ରାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ:ରାଜାପୁର, କେନ୍ଦ୍ରାପଡ଼ା ସଦର, ସମୟ:ପୂର୍ବାହ୍ନ ୧୧ଟା ; ସ୍ଥାନ:ନୂଆ ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର ମଧ୍ୟାହ୍ନ ୧୨ଟା ; ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୩ଟା ।

**ଯାଜପୁର**
- କୃଷକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ : ଧର୍ମଶାଳା ବ୍ଲକ କାଉନ୍‌ସିଲ ମହୋତ୍ସବ ପଡ଼ିଆ, ସମୟ: ସକାଳ ୮ଟା।
- ବ୍ୟାସ ପ୍ରିଣ୍ଟ ମିଡ଼ିଆ ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ,ସ୍ଥାନ : ଯାଜପୁର ରୋଡ ଚୋରଦାବାଇପାସ ଛକ,ସମୟ: ସକାଳ ୯ଟା୩୦।
- ଷଷ୍ଠ ଜିଲାପରିଷଦର ସପ୍ତମ ପରିଚାଳନା କମିଟି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା୩୦।
- ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ବ୍ୟାସନଗର ଚୋରଦା ଜବାହାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନହକା ରାଧାରାଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।

**ନୟାଗଡ଼**
- ଓଡ଼ଣ ଷଷ୍ଠୀ ପର୍ବ, ସ୍ଥାନ:ଜଗନ୍ନାଥ ନୀଳାମାଧବ ମନ୍ଦିର, କଣ୍ଟିଲୋ, ସମୟ:ସକାଳ ୭ଟା।
- ମଣିଭଦ୍ରା ମହାପ୍ରଭୁଙ୍କ ୩ୟ ଦିବସ, ସ୍ଥାନ: ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ମଣିଭଦ୍ରା କଳାପାଟ ପୀଠ, ସମୟ: ମଧ୍ୟାହ୍ନ ୧୨ରୁ ରାତି ୮ଟା।
- ସମ୍ବିଧାନ ଦିବସ, ସ୍ଥାନ:ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ।
- ସମ୍ବିଧାନ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ୩୦ ।

**ରାୟଗଡ଼ା**
- ବିଭିନ୍ନ ଦାବି ନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ ଶ୍ରମିକ ମଞ୍ଚର ପ୍ରତିବାଦ ଉତ୍ସବ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଗୁଣପୁର କୋର୍ଟ ଭିଡିଓ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା ।
- ଦିଆଲ ପରବ ଭେଟ୍‌ଘାଟ, ସ୍ଥାନ: ରିସିଡି ହାଇସ୍କୁଲ ପଡ଼ିଆ, ରାୟଗଡ଼ା, ସମୟ: ମଧ୍ୟାହ୍ନ ୧୨ଟା।

**ନବରଙ୍ଗପୁର**
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କୋସାଗୁମୁଡ଼ା ବ୍ଲକ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ ସ୍ତରୀୟ ଖେଳ ମହୋତ୍ସବ, ସ୍ଥାନ: ନବରଙ୍ଗପୁର ଦଣ୍ଡଶ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିଭିନ୍ନ ବିଭାଗର ସହାଭାଗିତାରେ କୌଶଳ ଓ ଜୀବିକାର ବିକାଶରେ ପଞ୍ଚାୟତର ଭୂମିକା, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ସମ୍ବିଧାନ ଦିବସରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶୀତବସ୍ତ୍ର ବଣ୍ଟନ, ସ୍ଥାନ: ନନ୍ଦପୁର ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ସମ୍ବିଧାନ ଦିବସ, ମୋ କଲେଜ ମୋ ଗୌରବ କାର୍ଯ୍ୟକ୍ରମ, ସ୍ଥାନ: ସୁନାବେଡ଼ା ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ସଙ୍ଗଠନ ଆଭିମୁଖ୍ୟରେ ସମ୍ବିଧାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବିଧିକ ଭବନ, ସମୟ: ସକାଳ ୯ଟା।
- ସମ୍ବିଧାନ ଦିବସ କମିଟି ଆୟୋଜନରେ ସମ୍ବିଧାନ ଦିବସ କାର୍ଯ୍ୟକ୍ରମ, ସ୍ଥାନ : କଚେରୀ ରୋଡ, ସମୟ : ପୂର୍ବାହ୍ନ ୧୦ଟା।
- ଅଟୋ ଚାଳକ ସଂଘର ବୈଠକ, ସ୍ଥାନ : ସାମ୍ବିଧିକ ଭବନ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଙ୍ଗଠନର ତାଲା ବନ୍ଦ ଆନ୍ଦୋଳନ, ସ୍ଥାନ: ସରକାରୀ ଆୟୁର୍ବେଦ କଲେଜ ଗେଟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

**ରାଉରକେଲା**
- ନିର୍ମଳ ମୁଣ୍ଡା ଖୁଣ୍ଟକାଟି ଟ୍ରଷ୍ଟ ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ଝିରପାଣି ଫୁଟବଲ ପଡ଼ିଆ, ସମୟ: ସକାଳ ୯ଟା।
- ଆମ୍ ଆଦମୀ ପାର୍ଟିପକ୍ଷରୁ ଶୋଭାଯାତ୍ରା ପ୍ରଦର୍ଶନ, ସ୍ଥାନ: ବେଦବ୍ୟାସ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଉଦିତନଗର ହାଇସ୍କୁଲ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ସଙ୍ଗୀତ ୧୫୦ବର୍ଷ ପୂର୍ତ୍ତି ପାଳନ ସମାରୋହ, ସ୍ଥାନ: ଡିଏଭି ଗ୍ରାଉଣ୍ଡ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଗଣମାଧ୍ୟମ ସମ୍ମିଳନୀ, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ସମ୍ବିଧାନ ଦିବସ, ସ୍ଥାନ: ଏନ୍‌ଆଇଟି ଭୁବନେଶ୍ୱର ବେହେରା ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୬ଟା।

**ସୁନ୍ଦରଗଡ଼**
- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମ,ସ୍ଥାନ: ଏଡିଆର ସେଣ୍ଟ,ସମୟ: ଅପରାହ୍ନ ୪ଟା।

**ବରଗଡ଼**
- ବୈଷ୍ଣୋଦେବୀଙ୍କୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ଦର୍ଶନ, ସ୍ଥାନ: ବୈଷ୍ଣୋଦେବୀ ମନ୍ଦିର, ଗୁରୁଖା, ବରଗଡ଼, ସମୟ: ଅପରାହ୍ନ ୧ଟା।
- ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।
- କଂଗ୍ରେସ ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ଜିଲାସ୍ତରୀୟ ଦିଶା କମିଟି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବେଟି ବଚାଓ, ବେଟି ପଢ଼ାଓ ସଚେତନତା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରମ ଆଇନ ବିରୋଧରେ ସିପିଏମ୍ର ଶୋଭାଯାତ୍ରା, ବିକ୍ଷୋଭ, ସ୍ଥାନ: ତହସିଲ ଅଫିସ ସମ୍ମୁଖ, ମ. ରାମପୁର, କଳାହାଣ୍ଡି, ସମୟ: ପୂର୍ବାହ୍ନ ୧୧ଟା ୩୦।

**ବୌଦ୍ଧ**
- ସମ୍ବିଧାନ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ୩୦।

**ଦେବଗଡ଼**
- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

**ସୁବର୍ଣ୍ଣପୁର**
- ଦୁଙ୍ଗୁରିପାଲି ବହୁଜନ ମିଳିତ ମଞ୍ଚ ପକ୍ଷରୁ ସମ୍ବିଧାନ ଦିବସ ପାଳନ, ସ୍ଥାନ: ଦୁଙ୍ଗୁରିପାଲି ଏସ୍‌ସି ଏସ୍‌ଟି ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।

**ନୂଆପଡ଼ା**
- ୩ୟ ଫୁଟବଲ ମହାକୁମ୍ଭ ନବମ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ସ୍ୱାସ୍ଥ୍ୟରେ ସାମ୍ୟତା, କର୍ମକ୍ଷେତ୍ରରେ କାର୍ଯ୍ୟ ସିଦ୍ଧି ଏବଂ ପରିବାରରେ ଶାନ୍ତି ଯୋଗୁ ଖୁସି ଅନୁଭବ କରିପାରନ୍ତି। କିନ୍ତୁ କୃତ୍ତିକା ନକ୍ଷତ୍ରର ସନ୍ତାନଙ୍କ ସମସ୍ୟା, ଶିକ୍ଷାରେ ପ୍ରତିବନ୍ଧକ, ଆଲୋଚନାରେ ବିଫଳତା ଯୋଗୁ ମାନସିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଋଣ ପରିଶୋଧ କରିବା ସକାଶେ ଘରୋଇ ବ୍ୟକ୍ତି କିମ୍ବା ବ୍ୟାଙ୍କରୁ ନିର୍ଦ୍ଦେଶ ପାଇପାରନ୍ତି।

**ବୃଷ** – ବନ୍ଧୁଙ୍କ ଆହ୍ୱାନରେ ଅନତିଦୂରକୁ ଯାତ୍ରା କରିବା ସକାଶେ ପ୍ରସ୍ତୁତ ହେବାକୁ ପଡ଼ିପାରେ। ରୋହିଣୀ ନକ୍ଷତ୍ରର ସକାଳୁ ଅର୍ଥ ସମ୍ବନ୍ଧିତ ଖବର ପାଇ ଖୁସି ହେବେ। ଉଦ୍ୟମର ସଫଳତା ପ୍ରାପ୍ତି ବିଗରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ଭୋଗବିଳାସ, ଦର୍ଶନୀୟ ସ୍ଥାନ ଭ୍ରମଣ, ବନ୍ଧୁମିଳନ ହେତୁରୁ ଆନନ୍ଦ ଲଭିବେ।

**ମିଥୁନ** – ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବା ଯୋଗୁ ଆଶ୍ୱସ୍ତି ଲାଭ କରିବେ। ରାଜନୈତିକ କ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ପୁନର୍ବସୁ ନକ୍ଷତ୍ର ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ ଦୁରଯାତ୍ରାର ସୁଯୋଗ ପାଇବେ। ପୁରାତନ ଶତ୍ରୁ, କ୍ରନିକ୍ ରୋଗ କିମ୍ବା ଋଣଭାରଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବାର ସୂଚନା ରହିଛି ।

**କର୍କଟ** – ଆପଣଙ୍କ କର୍ମଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ରାଜନୀତି, ସଂଗଠନ କିମ୍ବା ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବୈଷୟିକ ଅଭିବୃଦ୍ଧି ସଙ୍ଗକୁ ପ୍ରକଳ୍ପାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ପୂର୍ବ ସମସ୍ୟା ସମାଧାନ ପାଇଁ ପଡ଼ୋଶୀଙ୍କ ପରାମର୍ଶ ଗ୍ରହଣୀୟ ହେବ।

**ସିଂହ** – ପରିସ୍ଥିତିବଶତଃ ଅନାମାନଙ୍କ ସମସ୍ୟା ଭିତରେ ନିଜକୁ ସାମିଲ କରିବାକୁ ବାଧ ହୋଇପାରନ୍ତି। ମଘା ନକ୍ଷତ୍ର ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ପୂର୍ବକ ବିବ୍ରତବୋଧ କରିପାରନ୍ତି। କିନ୍ତୁ ବିବାଦୀୟ ସ୍ଥିତିରେ, କଚେରି ମାମଲାରେ, ପ୍ରତିଯୋଗିତାରେ ସଫଳତା ଅବଶ୍ୟ ପାଇବେ।

**କନ୍ୟା** – ଚିତ୍ରା ନକ୍ଷତ୍ରର ଆତ୍ମୀୟଙ୍କ ସହ ମନାନ୍ତର କିମ୍ବା କଳହଜନିତ ମାନସିକ ସ୍ଥିତି ଭଲ ରହିବନାହିଁ। କିନ୍ତୁ ଆଜି ପକେଟ ଖାଲି ରହିବନି ଏବଂ ମଙ୍ଗଳମୟଙ୍କୁ ମଧ୍ୟ ମନ ବଳିବ। କର୍ମ କ୍ଷେତ୍ରରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉପକୃତ ହେବେ।

**ତୁଳା** – ଅଭାବ ନ ଥିଲେ କ'ଣ ହେଲା ହାତ ଖାଲି ରହିବା ଫଳରେ କୌଣସି ଜିନିଷ କିଣିବାକୁ ଇଚ୍ଛାଥିଲେ ମଧ୍ୟ କିଣିପାରିବେ ନାହିଁ । କର୍ମକ୍ଷେତ୍ରରେ ପରିସ୍ଥିତିବଶତଃ ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଅବଶ୍ୟ ପୁତ୍ରକନ୍ୟାଙ୍କ ହେତୁରୁ ସୁଖ ମିଳିବା ସଙ୍ଗକୁ ପରିବାରରେ ଶାନ୍ତି ବିରାଜମାନ କରିବ।

**ବିଛା** – ଈର୍ଷା କରୁଥିବା ଲୋକଙ୍କର ପରୋକ୍ଷ ଗୁପଚୁପ୍ କଥା ମନରେ ଅସ୍ଥିରତା ସୃଷ୍ଟି କରିପାରେ। ଜ୍ୟେଷ୍ଠା ନକ୍ଷତ୍ର ଆନୁଷ୍ଠାନିକ କାମରୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉପକୃତ ହେବେ। କର୍ମ କ୍ଷେତ୍ରରେ ଯେଉଁମାନେ ସେବା ନୀତିରେ କାମ କରିଥାନ୍ତି। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୁରୀକରିବା ସକାଶେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ** – ସଭାସମିତିରେ ଆପଣଙ୍କ ମତ ମନ୍ତବ୍ୟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ରାଜନୀତିରେ, କଳାସାହିତ୍ୟ ସଙ୍ଗୀତରେ, ସଭାସମିତିରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଆକସ୍ମିକ ଭାବରେ ଭ୍ରମଣ, ବନ୍ଧୁମିଳନ ଓ ମିଷ୍ଟାନ ଲାଭରୁ ମନ ଖୁସି ରହିବ।

**ମକର** – ଆଜି ବାହାରେ ଆଦରସମ୍ମାନ ଏବଂ ପ୍ରଶଂସା ପାଇ ଖୁସୀ ହୋଇଯିବେ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ ପ୍ରଭୃତି କ୍ଷେତ୍ରରେ ସଫଳତା ମିଳିବ। ମୂଲ୍ୟବାନ ଦ୍ରବ୍ୟ ହଜାଇଦେବା କାରଣରୁ ମନଦୁଃଖ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**କୁମ୍ଭ** – କର୍ମକ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି। ଶତଭିଷା ନକ୍ଷତ୍ରର ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଯେତେ ଚେଷ୍ଟା କଲେ ମଧ୍ୟ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରିବେ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ୍ୟ ହେବେ।

**ମୀନ** – ଆଜି ପରିବାରରେ ଅବୁଝା ସନ୍ତାନ, କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଭର୍ତ୍ସନା ସାଙ୍ଗକୁ ବନ୍ଧୁଙ୍କ ଅସହଯୋଗରୁ ଚିନ୍ତିତ ରହିବେ। ରେବତୀ ନକ୍ଷତ୍ରର ଆର୍ଥିକ ଉନ୍ନତି, ପୁଞ୍ଜି କାରବାର, ଅଗ୍ନି ତଥା ବିଦ୍ୟୁତ୍ ସମ୍ପର୍କିତ ବ୍ୟବସାୟ କ୍ଷେତ୍ରରୁ ଲାଭବାନ ହେବେ। ଆଜିର ପାରିବାରିକ ସ୍ଥିତି, ବନ୍ଧୁ ସମ୍ପର୍କ, ଯାତ୍ରା ଓ ସଭାସମିତି କ୍ଷେତ୍ର ଉତ୍ତମ ରହିବ।

ଆଜି ନଭେମ୍ବର ୨୬ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ଷଷ୍ଠୀ ବୁଧବାର (ଆଜିଠାରୁ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବାର ଅନୁସାରେ ବିଭିନ୍ନ ରଙ୍ଗର ଘୋଡ଼ଲାଗି ବେଶ ଆରମ୍ଭ ହେବ ଏବଂ ଏହି ଘୋଡ଼ ଲାଗି ବେଶ ମାଘ ମାସ ଶୁକ୍ଳପକ୍ଷ ଚତୁର୍ଥୀ ପର୍ଯ୍ୟନ୍ତ ଚାଲିବ।) ରାଶିନକ୍ଷତ୍ର–ଶ୍ରବଣା/ମକର, ଷଷ୍ଠାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ପାରସ୍କର ମତାନୁସାରେ ବିବାହ ପାଣିଗ୍ରହଣ। ଗୃହାରମ୍ଭ, ଗୃହପ୍ରବେଶ ସକାଶେ ଶୁଦ୍ଧିଦିନ। ଦିବା ଘ.୦୬.୦୫ମି. ଗତେ ଘ. ୦୮.୧୬ମି. ମଧ୍ୟେ, ଘ.୧୦.୨୮ମି. ଗତେ ଘ.୧୧.୩୩ମି. ମଧ୍ୟେ ଶୁଭ ଶୁଭ ବେଳା। ଦିବା ଘ.୧୧.୩୩ମି. ଗତେ ଘ.୧୨.୫୫ମି. ମଧ୍ୟେ ରାହୁ କାଳ।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପରେ ପଡ଼ି,**
**କଷାରୁ ବଡ଼ି ।**

ଆମ ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଉପରେ ପଡ଼ି ଅନ୍ୟ ଆଗରେ ନିଜର ଆତ୍ମବଡ଼ିମା ଦେଖାଉଥାଆନ୍ତି। ନିଜେ ଯେତେ ନୁହଁ ବା ଯାହା ନୁହଁ, ତାହା ଅନ୍ୟ ଆଗରେ କହି ପ୍ରଶଂସା ଲାଭ କରିବା ସହ ନିଜର ଅଧିକାରକୁ ସାବ୍ୟସ୍ତ କରାଆନ୍ତି। ଅନ୍ୟ ଉପରେ ନିଜର କର୍ତ୍ତୃତ୍ୱ ବିସ୍ତାର କରୁଥିବା ବ୍ୟକ୍ତି ସମାଜରେ ଗ୍ରହଣୀୟ ହୋଇନଥିବା ବେଳେ ଏପରି ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଉଇଁ ନ ଦିଶେ ହସି ପଶେ**
**ଉତ୍ତର ମେଘ ଦକ୍ଷିଣ ଆସେ**
**ସଜ ଗୋବରରେ ଅଂଶେଇ ବସେ**
**ନାଥ ବୋଲେ ପୁତା ନିଷ୍ଟେ ବରଷେ।**

ଯଦି ସୂର୍ଯ୍ୟ ଉଦୟ ବେଳେ ଦିଶୁନି ଏବଂ ଅସ୍ତ ବେଳେ ପଶ୍ଚିମ ଦିଗ ଲାଲ ଦିଶେ, ଉତ୍ତର ଦିଗରେ ବାଦଲ ଆଚ୍ଛାଦିତ ହୋଇ ଦକ୍ଷିଣ ଦିଗକୁ ଆସେ, ତେବେ ବର୍ଷା ହେବାର ସମସ୍ତ ଲକ୍ଷଣ ଦେଖାଦିଏ। ସେହିପରି ଗୋବରରେ ଏକ ପ୍ରକାର ନୀଳବର୍ଣ୍ଣ ମାଛି ବସିଥିବାର ଦେଖିଲେ ବର୍ଷା ହେବାର ମଧ୍ୟ ସମ୍ଭାବନା ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

# କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରୁନି ପୋଲିସ

## ୩୦ ଥାନାରେ ନାହିଁ ସିସିଟିଭି

### ନୂଆ ଥାନାରେ ଲାଗି ନାହିଁ, ଖୁବ୍ ଶୀଘ୍ର ଲାଗିବ: ଏଡିଜି

ଭୁବନେଶ୍ୱର,୨୫।୧୧(ତ୍ରିନାଥ ମହାନ୍ତି/ସବ୍ୟସାଚି ରାଉତ)

ଥାନାରେ ବଢ଼ୁଥିବା ନିର୍ଯାତନାକୁ ନେଇ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ଥାନାରେ ସିସିଟିଭି ଲଗାଇବା ପାଇଁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶକୁ ରାଜ୍ୟ ପୋଲିସ ମାନୁ ନ ଥିବା ଦେଖିବାକୁ ମିଳିଛି। ରାଜ୍ୟରେ ଥିବା ଅଧିକାଂଶ ଥାନାରେ ସିସିଟିଭି ଲାଗି ନ ଥିବାବେଳେ ଅନେକ ଥାନାରେ ଏସବୁ କାମ କରୁନି। ମେଣ୍ଟେନାନ୍ସ ଅଭାବରୁ ଏହି ସିସିଟିଭି ପୁରା ଅଚଳ ହୋଇପଡ଼ିଛି, ଯାହାର ଫାଇଦା ନେଉଛନ୍ତି ଥାନାରେ ଥିବା ପୋଲିସ କର୍ମଚାରୀ। ଥାନା ଭିତରେ ଖୁଲମଖୁଲା ଲାଞ୍ଚ କାରବାର ସହ ଥାନାକୁ ଯାଉଥିବା ଅଭିଯୋଗକାରୀଙ୍କୁ ନିର୍ଯାତନା ଦେଉଛନ୍ତି, ଯାହାକି ରାଜଧାନୀର ଭରତପୁର ଥାନାରେ ଦେଖିବାକୁ ମିଳିଥିଲା। ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ମେଜର ଏବଂ ତାଙ୍କ ବାନ୍ଧବୀଙ୍କୁ ପୋଲିସ ଥାନା ଭିତରେ ନିର୍ଯାତନା ଦେଇଥିଲେ। ପୋଲିସ ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ଥାନାରେ ସିସିଟିଭି ନ ଥିବାରୁ ପୋଲିସ ଉପରେ କଳଙ୍କର ଛିଟା ଲାଗିଥିଲା। ଏହି ଘଟଣା ପରେ ହାଇକୋର୍ଟ ରାଜ୍ୟର ସମସ୍ତ ଥାନାରେ ସିସିଟିଭି ଲଗାଇବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିଲା। ଭରତପୁର ଘଟଣା ପରେ ପୋଲିସ ଅଧିକାରୀଙ୍କ ଏଭିଡେଭିଟ ଗଙ୍ଗୱାଲ କୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ରାଜ୍ୟରେ ୫୨ ଥାନାରେ ସିସିଟିଭି ଲଗାଯାଇ ନ ଥିବା ଦର୍ଶାଇଥିଲେ। ଅନୁରୂପ ଭାବରେ ୨୦୨୪ ସେପ୍ଟେମ୍ବର ୨୪ ସୁଦ୍ଧା ୫୫୬ ଥାନାରେ ୭ହଜାର ୨୬୬ ସିସିଟିଭି ବିଭିନ୍ନ କାରଣ ପାଇଁ କାର୍ଯ୍ୟକ୍ଷମ ନ ଥିବା ମଧ୍ୟ ସତ୍ୟପାଠରେ ଦର୍ଶାଇଥିଲେ। ଇତିମଧ୍ୟରେ ବର୍ଷକରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ଥାନାରେ ସିସିଟିଭି କାର୍ଯ୍ୟକ୍ଷମ ହୋଇପାରି ନ ଥିବା ଅଭିଯୋଗ ହେଉଛି। ଥାନାରେ ଲାଗିଥିବା ସିସିଟିଭି ମେଣ୍ଟେନାନ୍ସ କାମ ଓଏଟିକୁ ନେଇଛି। ହେଲେ ଓଏଟି ନିଜେ ଏବି ଚିପ୍‌ କାମ ନ କରିବାକୁ ଅଭିଯୋଗ ହୋଇଛି। ଲିଙ୍କ୍ ଦେଇଛି। ଉକ୍ତ ସଂସ୍ଥା ନା ଠିକ୍ ସମୟରେ ମେଣ୍ଟେନାନ୍ସ କରୁଛି ନା ଯାଞ୍ଚ, ଯେଉଁଥିପାଇଁ ଅଧିକାଂଶ ଥାନାରେ ସିସିଟିଭି ଲାଗିଥିଲେ ମଧ୍ୟ ତାହା ଅଚଳ ହୋଇପଡ଼ିଛି। ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସମାନ ଦଶା ଦେଖିବାକୁ ମିଳୁଛି। ଭୁବନେଶ୍ୱରର ୨୪ଟି ଥାନାରେ ସିସିଟିଭି ଲାଗିଛି। ହେଲେ ଅନେକ ଥାନାରେ ସିସିଟିଭି ଅଚଳ ହୋଇଯାଇଥିଲେ ମଧ୍ୟ ତାହାର ମରାମତି କରାଯାଉ ନାହିଁ। ଆହୁରି ମଧ୍ୟ ଯେଉଁ ଥାନାରେ ସମସ୍ତ ସିସିଟିଭି କାମ କରୁଛି ସେଠାରେ ହାର୍ଡ ଡିସ୍କରେ ଭିଡିଓ ଅଧିକ ଦିନ ପର୍ଯ୍ୟନ୍ତ ରହୁନାହିଁ। ଥାନାରେ ଏଭଳି ଅବସ୍ଥା ଥିବାରୁ ଏକାଧିକ ଥାନା ପାର୍କିଂରେ ରହୁଥିବା ବାଇକ୍ ଏବଂ ଅନ୍ୟ ଜବତ ସାମଗ୍ରୀ ଚୋରି ହୋଇଯାଉଛି। କେବଳ ଭୁବନେଶ୍ୱର ନୁହେଁ, କଟକରେ ଥିବା ପୁରୁଣା ଥାନାରେ ଏଭଳି ସ୍ଥିତି ଥିବା ଏକାଧିକ ଥାନା ଅଧିକାରୀ କହିଛନ୍ତି। ଆହୁରି ମଧ୍ୟ ଅଚଳ ସିସିଟିଭିକୁ ଠିକ୍ କରିବା ପାଇଁ ଓଏଟିକୁ ଚିଠି ଲେଖାଯାଉଛି। ମଧ୍ୟ ସେ କାମ କରୁ ନ ଥିବା ଥାନା ଅଧିକାରୀ କହିଛନ୍ତି। ଥାନାରେ ସିସିଟିଭି ନ ଥିଲେ ପୋଲିସ ଭୂମିକା ଅଧିକ ସନ୍ଦେହ ଘେରକୁ ଆସୁଛି। ହାଜତ ମୃତ୍ୟୁ ବଢ଼ିବା ସହ ନିର୍ଯାତନା ମାମଲା ପ୍ରତିଦିନ ବିଭିନ୍ନ ଥାନାରୁ ଉଠିଆସୁଛି। ବଡ଼ କଥା ହେଲା କମିଶନରେଟ୍ ପୋଲିସ ଛଡ଼ା ଉପକୂଳରେ ଥିବା ମେରାଇନ୍ ଥାନାରେ ଅଧିକାଂଶ ସିସିଟିଭି ଅଚଳ ହୋଇ ପଡ଼ିଛି। ଯେତିକି ଥାନାରେ କାମ କରୁଛି, ସେଠାରେ ଉଚ୍ଚ ଅଧିକାରୀ ଏହାକୁ ମନିଟରିଂ କରୁନାହାନ୍ତି। ଫଳରେ ଥାନା ଅଧିକାରୀ ମନଇଚ୍ଛା ବ୍ୟବହାର କରୁଛନ୍ତି। ଏନେଇ ଆଧୁନିକୀକରଣ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଅଧିକାଂଶ ଥାନାରେ ସିସିଟିଭି ଲଗାଯାଇଛି। ୩୦ଟି ନୂଆ ଥାନାରେ ସିସିଟିଭି ଲାଗିନାହିଁ। ସେଠାରେ ତୁରନ୍ତ ସିସିଟିଭି ଲଗାଇବାକୁ କୁହାଯାଇଛି। ସିସିଟିଭି ଅଚଳ ଥିବା ଥାନାରେ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ଅପରପକ୍ଷରେ କଟକ-ଭୁବନେଶ୍ୱର କମିଶନରେଟ୍ ପୋଲିସର ସମସ୍ତ ଥାନାରେ ବର୍ତ୍ତମାନ ସିସିଟିଭି କାର୍ଯ୍ୟ କରୁଛି ବୋଲି ପୋଲିସ କମିଶନର ଏସ୍ ଦେବଦତ୍ତ ସିଂ କହିଛନ୍ତି।

## ହାଜତ ହିଂସା...

ପ୍ରଥମ ପୃଷ୍ଠାରୁ...

ସତ୍ୟପାଠ(ଏଫିଡେଭିଟ୍) ଦାଖଲ କରିନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ଏଥିସହିତ ସର୍ବୋଚ୍ଚ ଅଦାଲତକୁ କେନ୍ଦ୍ର କ'ଣ ପାଇଁ ଏତେ ହାଲୁକା ଭାବେ ନେଉଛି ବୋଲି ଜଷ୍ଟିସ୍ ନାଥ ଜାଣିବାକୁ ଚାହିଁଥିଲେ। ଉତ୍ତରରେ ମେହେଟ୍ଟା କହିଥିଲେ, ସେ ଏହି ମାମଲାରେ ପୂର୍ବରୁ ହାଜର ହୋଇ ନ ଥିଲେ। ଅଦାଲତକୁ କେହି ହାଲୁକା ଭାବେ ନେଉପାରିବେ ନାହିଁ। ଆସନ୍ତା ୩ ସପ୍ତାହ ମଧ୍ୟରେ ଅନୁପାଳନ ସତ୍ୟପାଠ ଦାଖଲ ହେବ ବୋଲି ମେହେଟ୍ଟା କହିଥିଲେ। ପରେ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଡାଭେଙ୍କ ଯୁକ୍ତି ଶୁଣିଥିଲେ। ପୂର୍ବ ତାରିଖରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନ କରାଯାଇଥିଲା। ସେମାନେ ଜବାବ ରଖିଛନ୍ତି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଉତ୍ତରରେ ଏପର୍ଯ୍ୟନ୍ତ ମାତ୍ର ୧୧ଟି ରାଜ୍ୟ ଅନୁପାଳନ ସତ୍ୟପାଠ ଦାଖଲ କରିଛନ୍ତି। ୩ଟି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିସିଟିଭି ଲଗାଇଥିବାବେଳେ ଅନ୍ୟ ୩ଟି ସଂସ୍ଥା ଏପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁପାଳନ କରିନାହାନ୍ତି ବୋଲି ଡାଭେ ଜଣାଇଥିଲେ।

## ଫେବୃଆରୀ ୧୫ରେ...

ଏଥିଉତ୍ତାରୁ ସେମିଫାଇନାଲ ଓ ଫାଇନାଲ ଲାଗି ଭେନ୍ୟୁ ପରିବର୍ତ୍ତନ କରାଯିବାର ବିକଳ୍ପ ରଖାଯାଇଛି। ଯଦି ପାକିସ୍ତାନ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରେ, ତେବେ ସେମାନେ ସେମାନଙ୍କର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ କଲମ୍ବୋରେ ଖେଳିବେ। ଅନ୍ୟପକ୍ଷରେ ଯଦି ପାକିସ୍ତାନ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୁଏ, ତେବେ ଟାଇଟଲ ମୁକାବିଲା ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ୨୦ ଦଳକୁ ୪ଟି ଗ୍ରୁପରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ଭାରତ ଓ ପାକିସ୍ତାନ ସହିତ ନେଦରଲାଣ୍ଡ ଓ ନାମିବିଆ ସ୍ଥାନ ପାଇଥିବା ବେଳେ ଗ୍ରୁପ୍-ବି'ରେ ଶ୍ରୀଲଙ୍କା, ୨୦୨୧ ସଂସ୍କରଣ ଚାମ୍ପିଅନ ଅଷ୍ଟ୍ରେଲିଆ ସହିତ ଜିମ୍ବାୱେ ଓ ଆୟର୍ଲାଣ୍ଡ ରହିଛନ୍ତି। ସେହିଭଳି ଗ୍ରୁପ୍-ସି'ରେ ଦୁଇ ଥରର ଚାମ୍ପିଅନ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ସହିତ ପଦାର୍ପଣକାରୀ ଇଟାଲୀ ସ୍ଥାନ ପାଇଛି। ଗ୍ରୁପ୍-ଡି'ରେ ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ଯୁଏଇ ଓ କାନାଡା ରହିଛନ୍ତି। ପ୍ରତ୍ୟେକ ଗ୍ରୁପର ଟପ ଦୁଇ ଦଳ ସୁପର-୮ ପାଇଁ କ୍ୱାଲିଫାଏ କରିବେ। ସୁପର-୮ ପର୍ଯ୍ୟାୟରେ ୮ଟି ଦଳକୁ ଦୁଇଟି ଗ୍ରୁପରେ ଭାଗ କରାଯିବ ଏବଂ ଉଭୟ ଗ୍ରୁପର ଟପ୍ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ।

# ଜଙ୍ଗଲ ଜମିରୁ ୪୦ ହଜାର ଗଛ କାଟି ଶିଳ୍ପ ପ୍ରତିଷ୍ଠା

**■ ଏନ୍‌ଜିଟି ଜାଲରେ ଭିସିଆଇ କମ୍ପାନୀ**
**■ ଯୁଗ୍ମ ତଦନ୍ତ କରି ରିପୋର୍ଟ ଦାଖଲ ନିର୍ଦ୍ଦେଶ**



ନିର୍ମାଣାଧୀନ ଭିସିଆଇ କାରଖାନା।

ଯାଜପୁର,୨୫।୧୧
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇଡ୍‌କୋଠାରୁ ୨୨ ଏକର ଜମି ନେଇ ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ କାରଖାନା ପ୍ରତିଷ୍ଠା ହେଉଛି। ହେଲେ ଏହି ଜମି ମଧ୍ୟରୁ ୧୧ ଏକର ଜମି ଜଙ୍ଗଲ କିସମ ରହିଛି। ଭିସିଆଇ କାରଖାନା ପ୍ରତିଷ୍ଠା କରିବାକୁ ବିନା ଅନୁମତିରେ ଜଙ୍ଗଲ ଜମିରୁ ପ୍ରାୟ ୪୦ ହଜାର ଗଛ କଟାଯାଇଛି। ଗଛକଟା ଏବେ ମଧ୍ୟ ଜାରି ରହିଛି। ଏହାବାଦ ଜଙ୍ଗଲ ଜମିରୁ ବିପୁଳ ମୋରମ ଲୁଟ ହୋଇଛି। ଏହିକ୍ରମରେ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ନିୟମ-୩୪ ଅନୁଯାୟୀ ବ୍ୟାପକ ଜୈବ ବିବିଧତା ଏବଂ ପରିବେଶଗତ କ୍ଷତି ମୂଲ୍ୟାଙ୍କନ, ପରିବେଶ ସୁରକ୍ଷା ଆଇନ-୧୯୮୬ ଏବଂ ଆପରାଧିକ ଆଇନ ଅନୁଯାୟୀ ଭିସିଆଇ ବିରୋଧରେ ଫୌଜଦାରି ମାମଲା ରୁଜୁ ଆଦି ଦାବି କରି ଅଞ୍ଚଳବାସୀଙ୍କ ପକ୍ଷରୁ ସୁବ୍ରତ କୁମାର ସାହୁ ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୯୪/୨୦୨୫/ଇଜେଡ ନମ୍ବରରେ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ଏନଜିଟି ପକ୍ଷରୁ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଏବଂ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଯୁଗ୍ମ ତଦନ୍ତକାରୀ ଦଳ ଗଠନ କରି ଆସନ୍ତା ୧୨।୧୨।୨୦୨୫ ସୁଦ୍ଧା ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଦାନଗଦି ତହସିଲ ଅନ୍ତର୍ଗତ ଜଖପୁରା ଏବଂ କଚେରିଗାଁ ମୌଜାରେ ଭିସିଆଇକୁ ଉପରୋକ୍ତ ଜମି ଲିଜ ଦିଆଯାଇଛି। ଏହି ଜମି ଉପରେ ଭିସିଆଇ ବାର୍ଷିକ ୧ ଲକ୍ଷ ଟନ କ୍ଷମତା ବିଶିଷ୍ଟ ଏକ ଗ୍ରୀନଫିଲ୍ଡ କୋଇଲା ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବ। ଆବଣ୍ଟିତ ୨୨ ଏକର ଜମି ମଧ୍ୟରୁ ୧୧ ଏକର ଜଙ୍ଗଲ ଜମି ଅଧୀନରେ ଆସୁଛି। ତେଣୁ ପ୍ଲାଣ୍ଟ ସ୍ଥାପନ ପୂର୍ବରୁ ପରିବେଶଗତ ମଞ୍ଜୁରୀ ନେବା ବାଧ୍ୟତାମୂଳ କରାଯାଇଥିଲା। ହେଲେ ପ୍ରକଳ୍ପ ପ୍ରସ୍ତାବ ଆରମ୍ଭ ହେବାଦିନଠାରୁ ଭିସିଆଇ ବେଆଇନ କାର୍ଯ୍ୟରେ ଲିପ୍ତ ରହିଛି ଏବଂ ସତ୍ୟକୁ ଲୁଚାଇ ରଖିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ପରିବେଶଗତ ମଞ୍ଜୁରୀ ପାଇଁ କରିଥିବା ଆବେଦନରେ ଉଲ୍ଲେଖ କରିଛନ୍ତି ଯେ, ପ୍ରକଳ୍ପ କିମ୍ବା ଏହାର କିଛି ଅଂଶରେ କୌଣସି ଜଙ୍ଗଲ ଜମି ନାହିଁ। ଜଙ୍ଗଲ ଜମି ଜଙ୍ଗଲ ସଂରକ୍ଷଣ ଆଇନ-୧୯୮୦ ଅଧୀନରେ ଆସୁଛି। ଉପରୋକ୍ତ ଆଇନର ଧାରା-୨ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ଆବଶ୍ୟକ କରେ ବୋଲି ପୂର୍ଣ୍ଣ ଜ୍ଞାନ ସତ୍ତ୍ୱେ କମ୍ପାନୀ ପକ୍ଷରୁ ପରିବେଶ ପୋର୍ଟାଲ ମାଧ୍ୟମରେ ଜମି ଜଙ୍ଗଲ ଅନ୍ତର୍ଭୁକ୍ତ ପ୍ରକାଶ ନ କରି ଉକ୍ତ ସ୍ଥାନକୁ ଶିଳ୍ପ ଜମି ଭାବରେ ମିଥ୍ୟା ଭାବରେ ଉପସ୍ଥାପନ କରିଥିଲେ। ଜଙ୍ଗଲ ସଂରକ୍ଷଣ ଆଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ କରି ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଛନ୍ତି। ଯେଉଁଥିରେ କୋଇଲା, ପିଚୁ, କାର୍ବନ ବ୍ଲାକ ଫିଡ ଷ୍ଟକ ଏବଂ କୋଇଲା ତାର୍ ତେଲ ଭଳି ବିପଦପୂର୍ଣ୍ଣ ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି। ଏହାବାଦ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ସିପିସିବି)ର ବର୍ଗୀକରଣ ଅନୁସାରେ କୋଇଲା ତାର୍ ଡିଷ୍ଟିଲେସନ ଏକ ଲାଲ ବର୍ଗ ଶିଳ୍ପ, ଯାହା ପଲିସାଇକ୍ଲିକ ଆରୋମାଟିକ ହାଇଡ୍ରୋକାର୍ବନ (ପିଏଏଚ୍), ଫେନଲ ଏବଂ ନାଫଥାଲିନ ଡେରିଭେଟିଭ୍ସ ସମେତ ଅତ୍ୟନ୍ତ ବିଷାକ୍ତ ପ୍ରଦୂଷଣ ନିର୍ଗତ କରିଥାଏ। ଏହିସବୁ କର୍କଟ ରୋଗ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥ। ଜଙ୍ଗଲ ଜମିରେ କିମ୍ବା ନିକଟରେ ଏପରି ଏକ ପ୍ରକଳ୍ପ ପ୍ରତିଷ୍ଠା କେବଳ ବେଆଇନ ନୁହେଁ, ବରଂ ପରିବେଶଗତ ଭାବରେ ମଧ୍ୟ ବିପର୍ଯ୍ୟୟଜନକ। କାରଣ ଏହା ଜୈବ ବିବିଧତାକୁ ବିପଦରେ ପକାଇଥାଏ। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ୧୬।୫।୨୦୨୫ରେ ଜଙ୍ଗଲ ଧ୍ୱଂସ, ଜଳ ପ୍ରଦୂଷଣ ଏବଂ ଅନଧିକୃତ ଖଣିଜ ପଦାର୍ଥ ଉତ୍ତୋଳନ ହେଉଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ଏହାର ସମାଧାନ ହୋଇନାହିଁ। ତେଣୁ ଏନ୍‌ଜିଟି ଏହି ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ, ସିପିସିବି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) କର୍ତ୍ତୃପକ୍ଷ ଏବଂ ଜିଲାପାଳଙ୍କୁ ନେଇ ଏକ ତଦନ୍ତକାରୀ ଦଳ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କୁ ଏହି ଦଳର ନେତୃତ୍ୱ ନେବାକୁ ପରାମର୍ଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ଭିସିଆଇ କେମିକାଲ୍ସର ସିଇଓ ଶୁଭମ୍ ଗୁପ୍ତାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ମତାମତ ମିଳି ପାରିନାହିଁ।

## ଜାତୀୟ ହାର ତୁଳନାରେ ଓଡ଼ିଶାର ମୁଣ୍ଡ ପିଛା ଆୟ କମ୍

ଭୁବନେଶ୍ୱର,୨୫।୧୧
(ରବିନାରାୟଣ ଜେନା)

ରାଜ୍ୟର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ(ପର୍ କ୍ୟାପିଟା ଇନ୍‌କମ୍) ଜାତୀୟ ହାର ତୁଳନାରେ ବହୁ ପଛରେ ରହିଛି। ଜାତୀୟ ସ୍ତରରେ ୨ଲକ୍ଷ ୧୬୨ ଟଙ୍କା (୨,୪୪୦ ଡଲାର) ରହିଥିବାବେଳେ ଓଡ଼ିଶାରେ ମୁଣ୍ଡ ପିଛା ଆୟ ୧ ଲକ୍ଷ ୮୨ହଜାର ୫୪୮ ଟଙ୍କା (୨,୨୨୫ ଡଲାର) ରହିଛି। ତେବେ ଗୋଟିଏ ପଟେ ରାଜ୍ୟ ସରକାର ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଅହରହ ଉଦ୍ୟମ କରୁଛନ୍ତି। ଏଥିପାଇଁ ଭିଜନ-୨୦୩୬ ଏବଂ ୨୦୪୭ର ପରିକଳ୍ପନା କରାଯିବା ସହ ବହୁବିଧ ଯୋଜନା ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଇକୋନୋମି ଆଣ୍ଡ ଫାଇନାନ୍ସେ ଅଫ୍ ଓଡ଼ିଶା ଆଣ୍ଡ ମିଡିୟମ ଟର୍ମ ଆଉଟଲୁକ୍'ରେ ଏଭଳି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଛି।

ନଭେମ୍ବର ୨୦ରେ ଅର୍ଥ ବିଭାଗ ପକ୍ଷରୁ ଜାରି କରାଯାଇଥିବା ଏହି ରିପୋର୍ଟରେ କୁହାଯାଇଛି, ୨୦୨୪-୨୫ ଆର୍ଥିକବର୍ଷରେ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡ ପିଛା ଆୟ ଆଇଏନ୍‌ଆର୍ ୧,୮୨,୫୪୮ (୨,୨୨୫ ଡଲାର) ରହିଛି, ଯାହାକି ଜାତୀୟସ୍ତରରେ ଆଇଏନ୍‌ଆର୍ ୨,୦୦,୧୬୨ (୨,୪୪୦ ଡଲାର) ଠାରୁ କମ୍। ଜାତୀୟସ୍ତର ଏବଂ ଓଡ଼ିଶା ମଧ୍ୟରେ ମୁଣ୍ଡ ପିଛା ହାରକୁ ନେଇ ଥିବା ବ୍ୟବଧାନକୁ କମ୍ କରିବା ଲାଗି ସରକାରଙ୍କ ପକ୍ଷରୁ ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜସ୍ୱ ବୃଦ୍ଧି କରାଯିବା ସହ ମୁଣ୍ଡ ପିଛା ଆୟ କିଭଳି ବଢ଼ିବ ସେଥିପାଇଁ ନୀଳନକ୍ସା ପ୍ରସ୍ତୁତ ହୋଇଛି। ତଥ୍ୟ ଅନୁଯାୟୀ, ୨୦୧୫-୧୬ ଆର୍ଥିକ ବର୍ଷରେ ଏହି ବ୍ୟବଧାନ ୩୧.୬% ରହିଥିଲା, ମାତ୍ର ୨୦୨୪-୨୫ ଆର୍ଥିକ ବର୍ଷରେ ଏହା କ୍ରମଶଃ ହ୍ରାସ ପାଇ ୮.୮%କୁ ଖସିଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଲୋକଙ୍କ ମୁଣ୍ଡ ପିଛା ଆୟ ହାର ବଢୁଥିବା ଅର୍ଥ ବିଭାଗ ରିପୋର୍ଟରେ କୁହାଯାଇଛି।

ଅର୍ଥ ବିଭାଗ ପକ୍ଷରୁ ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ର ପରିକଳ୍ପନା ଅନୁଯାୟୀ, ଭାରତର ସମୁଦାୟ ଘରୋଇ ଉତ୍ପାଦରେ ଓଡ଼ିଶାର ହାର ଏବେ ୨.୮ ପ୍ରତିଶତ ରହିଥିବାବେଳେ ୨୦୩୬ ବେଳକୁ ଏହା ବୃଦ୍ଧି ପାଇ ୪ ପ୍ରତିଶତରେ ପହଞ୍ଚିବ। ସେହିପରି ବିକଶିତ ଭାରତ ୨୦୪୭ ବେଳକୁ ଭାରତର ଜିଡିପିକୁ ଓଡ଼ିଶା ୫ପ୍ରତିଶତ ଅବଦାନ ରଖିବାକୁ ତଥ୍ୟରେ ରହିଛି ; ଯାହାକି ଆମେରିକା ଡଲାରରେ ୫୦୦ ବିଲିୟନ(୨୦୩୬) ବେଳକୁ ହୋଇଥିବାବେଳେ ୨୦୪୭ ବେଳକୁ ୧.୫ ଟ୍ରିଲିୟନ ଆମେରିକା ଡଲାରରେ ଓଡ଼ିଶା ପହଞ୍ଚିବ।

# ଚାଳକଙ୍କ ସମେତ ୩ ମୃତ, ୨ ଗୁରୁତର

**ଡିଭାଇଡର ଡେଇଁ ଟ୍ୟାଙ୍କରକୁ ପିଟିଲା ବୋଲେରୋ**



ଦୁର୍ଘଟଣାଗ୍ରସ୍ତ ବୋଲେରୋ

ମଙ୍ଗୁଳି-ଜଗତପୁର,୨୫।୧୧
(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ରଜକଣା ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ବୋଲେରୋ ଡିଭାଇଡର ଡେଇଁ ଟ୍ୟାଙ୍କରକୁ ସାମ୍ନାପଟୁ ଧକ୍କା ଦେଇଛି। ଫଳରେ ବୋଲେରୋ ଚାଳକଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତ ୩ଜଣ ହେଲେ କେନ୍ଦୁଝର ଜିଲା କାଠବାଉଁସୁଳି ଗ୍ରାମର ଅଶୋକ କୁମାର ବାରିକ, ଭଦ୍ରକର ପ୍ରକାଶ ବିଶ୍ୱାଳ ଓ ବିହାରର ଉମେଶ କୁମାର। ଗୁରୁତର ୨ଜଣ ହେଲେ ପୁରୀ ଜିଲା କଣାସ ଥାନା ଅଧୀନ କୋଟକଣା ଗ୍ରାମର ବିଶ୍ୱରଞ୍ଜନ ରାଉତରାୟ, କେନ୍ଦୁଝର ଜିଲା ନୟାକୋଟ ଥାନା ଅଧୀନ ବଂଶପାଳ ଗ୍ରାମ ନୟନ ପଲାଇ। ଗୁରୁତରଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣାରେ ବୋଲେରୋ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବା ବେଳେ ଟ୍ୟାଙ୍କର ସମ୍ମୁଖ ଭାଗ ଭାଙ୍ଗିଯାଇଛି।

ପୋଲିସ ସୂଚନା ମୁତାବକ, ଲୁହାପଥର ଓ ଖଣିରେ କାର୍ଯ୍ୟରତ ୫ଜଣ କର୍ମଚାରୀ ଏକ ବୋଲେରୋ (ନଂ. ଓଡି-୦୨ବିୟୁ ୨୭୭୫)ରେ ସୁନ୍ଦରଗଡ଼ରୁ ପୁରୀ ଅଭିମୁଖେ ଯାଉଥିଲେ। ଭୋର ପ୍ରାୟ ୪ଟାରେ ରାଜକଣା ଛକ ନିକଟରେ ବୋଲେରୋ ଭାରସାମ୍ୟ ହରାଇ ରାସ୍ତା ମଝି ଡିଭାଇଡରକୁ ଡେଇଁ ରାସ୍ତା ଆରପାର୍ଶ୍ୱ କଟକରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କର (ନଂ. ଜିଜେ ୩୯ଟିଏ-୦୧୯୯)କୁ ସାମ୍ନାପଟୁ ଧକ୍କା ଦେଇଥିଲା। ଫଳରେ ଚାଳକଙ୍କ ସମେତ ୫ଜଣ ବୋଲେରୋରେ ଚାପିହୋଇ ରହିଯାଇଥିଲେ। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ବୋଲେରୋକୁ କାଟି ୫ଜଣଙ୍କୁ ଉଦ୍ଧାର କରିଥିଲା। ହେଲେ ସେତେବେଳକୁ ୩ଜଣଙ୍କ ମୃତ୍ୟୁ ଘଟିଥିଲା।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ ଅବଧି ବଢ଼ିଲା

କଟକ,୨୫।୧୧(କାର୍ତ୍ତିକ ସାହୁ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ଅବଧିକୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହାପରେ ଅବଧି ଆଉ ବଢ଼ାଯିବ ନାହିଁ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ସୂଚନାନୁସାରେ, ଉଭୟ ପରୀକ୍ଷାର ଆବେଦନ ନଭେମ୍ବର ୧୨ରୁ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରିରେ ଶେଷ ହେବାର ଥିଲା। ତେବେ ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଷଷ୍ଠ ଶ୍ରେଣୀ ସମେତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ଖାଲି ସିଟ୍‌ରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ହେବ। ଛାତ୍ରୀଛାତ୍ରଙ୍କ ମାତାପିତା ଅନ୍‌ଲାଇନ ଆବେଦନ କରିବାରେ ଅସମର୍ଥ ହେଲେ ନିଜ ବ୍ଲକ ମଧ୍ୟରେ ଥିବା କୌଣସ ଆଦର୍ଶ ବିଦ୍ୟାଳୟକୁ ଯାଇ ଆବଶ୍ୟକ କାଗଜାତ ସହିତ ଫର୍ମ ପୂରଣ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଲିଙ୍କ୍ ଉପଲବ୍ଧ ରହିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଦଳୀୟ ପଦବୀରୁ ଇସ୍ତଫା ଦେଲେ ଦେବାଶିଷ

**■ ପ୍ରଶାସନିକ ନିଯୁକ୍ତି ଭଳି ଦାୟିତ୍ୱ ବଣ୍ଟାଯାଉଛି**
**■ ବିଜୁଙ୍କୁ ଛାଡ଼ି ବିଜେଡି ପରିକଳ୍ପନା ସମ୍ଭବ ନୁହେଁ: ଭୂପିନ୍ଦର**
**■ ବୁଝିବିଚାରି କାମ କଲେ ଭଲ: ପ୍ରସନ୍ନ**

ଭୁବନେଶ୍ୱର/ କଟକ,୨୫।୧୧
(ସୁନିତ୍ ମିଶ୍ର/ ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ମଙ୍ଗଳବାର ତାଙ୍କ ଦଳୀୟ ପଦବୀରୁ ଇସ୍ତଫା ଦେଇଛନ୍ତି। ସେ ଦଳର ସିନିୟର ସିଟିଜେନ ସେଲ୍‌ର ଉପସଭାପତି ଭାବେ ଦାୟିତ୍ୱ ପାଇଥିବା ବେଳେ ସେଥିରୁ ଇସ୍ତଫା ଦେଇ ଗଣମାଧ୍ୟମ ଆଗରେ ବର୍ଷିଛନ୍ତି। ଦେବାଶିଷଙ୍କ ଇସ୍ତଫା ପରେ ଦଳର ବରିଷ୍ଠ ନେତା ଭୂପିନ୍ଦର ସିଂ ତାଙ୍କୁ ସମର୍ଥନ କରିବାକୁ ଆଗେଇ ଆସିଛନ୍ତି। ଅନ୍ୟପଟେ ବୁଝିବିଚାରି କାମ କରିବା ଦରକାର ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଦେବାଶିଷ ଏନେଇ ତାଙ୍କ ଇସ୍ତଫାପତ୍ର ସୋମବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦଳୀୟ ପଦରୁ ଇସ୍ତଫା ଦେବା କଥା ଜଣାଇଛନ୍ତି। ସେ ନବୀନଙ୍କୁ ପଠାଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ନିକଟରେ ଦଳର ସାଙ୍ଗଠନିକ ନିଯୁକ୍ତି ସମୟରେ ତାଙ୍କୁ ବରିଷ୍ଠ ନାଗରିକ ସେଲ୍‌ର ଉପସଭାପତି ପାହ୍ୟାରେ ଆବାହକ ଭାବେ ଦାୟିତ୍ୱ ମିଳିଥିଲା। ହେଲେ ଉପସଭାପତି ପାହ୍ୟାର ଆବାହକ ଅର୍ଥ କ'ଣ ତାହା ବୁଝିହେଲା ନାହିଁ। ଏହି ପାହ୍ୟା ପ୍ରଶାସନିକ ବ୍ୟବସ୍ଥାର ନିଯୁକ୍ତି ମିଳିବା ଭଳି ମନେହେଉଛି। ଏଭଳି ପଦବୀ ଦେବା ଅର୍ଥ ଏକ ପ୍ରକାର ନିର୍ଯାତନା ସଦୃଶ ମନେହେଉଛି। ବିଜୁବାବୁଙ୍କ ଆଦର୍ଶରେ ଆଉ ଦଳ ଚାଲୁନାହିଁ ବରଂ ନୂଆ ବିଚାରଧାରା ଓ ଆଦର୍ଶରେ ଚାଲିବା ଭଳି ମନେହେଉଛି। କେବଳ ତାଙ୍କ ପାଇଁ ନୁହେଁ, ହଜାର ହଜାର ନେତା ଓ କର୍ମୀଙ୍କ ଭବିଷ୍ୟତର ଆଶା କେବଳ ଆପଣ ଅଟନ୍ତି। ୨୦୨୪ ନିର୍ବାଚନରେ ଦଳର ବିପର୍ଯ୍ୟୟ କାହିଁକି ଘଟିଲା ଏଯାଏଁ ତାହା ପ୍ରକାଶ କରାଗଲା ନାହିଁ। ମାତ୍ର ସବୁ କର୍ମୀଙ୍କ ପାଟିରେ ପରାଜୟର କାରଣ ପରିପ୍ରକାଶ ହେଉଛି। କେହି କୁହନ୍ତୁ ବା ନାହିଁ ସମସ୍ତେ ପରାଜୟର କାରଣ ଜାଣିଛନ୍ତି। ବର୍ତ୍ତମାନ ସ୍ଥିତିରେ ଆପଣ ନିଜେ ଦଳୀୟ ବ୍ୟାପାରରେ ହସ୍ତକ୍ଷେପ କରନ୍ତୁ ବୋଲି ଦେବାଶିଷ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ପରେ ଦେବାଶିଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ର୍‍ୟାଙ୍କ୍ ଅଫ୍ ଭାଇସ୍ ପ୍ରେସିଡେଣ୍ଟ ଭାବେ ତାଙ୍କୁ ନିଯୁକ୍ତି ମିଳିଛି। ଏହାର ଅର୍ଥ ସେ ଉପସଭାପତି ନୁହେଁ ବୋଲି ବୁଝୁଛନ୍ତି। ପ୍ରସନ୍ନ ଆଚାର୍ଯ୍ୟ ଏବଂ ଏ.ୟୁ. ସିଂଦେଓଙ୍କ ଭଳି ଦଳ ଗଠନ କରିଥିବା ସଦସ୍ୟଙ୍କୁ ଏହିଭଳି ନିଯୁକ୍ତି ଦିଆଯାଇଛି। ବିଜେଡି ଗୋଟିଏ ବ୍ୟୁରୋକ୍ରାଟିକ୍ ଦଳ ହୋଇଗଲାଣି। ନବୀନବାବୁ ଦଳର ଦାୟିତ୍ୱ ନେବା ପର୍ଯ୍ୟନ୍ତ ବିଜେଡି ଛାଡ଼ିବେନାହିଁ। ନବୀନ ବାବୁଙ୍କୁ ଭେଟିବାକୁ ଚାହୁଁଥିଲେ ମଧ୍ୟ ତାଙ୍କୁ ବ୍ଲକ୍ କରି ରଖାଯାଇଛି। ଭୈରବ ଜଣେ ସରକାରୀ ଅଧିକାରୀଙ୍କୁ ଦାୟିତ୍ୱ ଛାଡ଼ି ଯାଇଛନ୍ତି। ସେ କେତେଜଣ ଦଳର ହାରିଥିବା ନେତାଙ୍କୁ ଧରି ବିଜେଡିକୁ ଟେକିଧରିବେ ବୋଲି ଭାବିଛନ୍ତି। ବିଜୁ ଲିଗାସି ଯେଉଁମାନେ ମାନିକିଥିଲେ ସେମାନଙ୍କ ଅବସ୍ଥା ଦଳରେ ଅତ୍ୟନ୍ତ ଖରାପ। ନବୀନବାବୁଙ୍କ ଘନିଷ୍ଠ ଯେଉଁମାନେ ଥିଲେ ସେମାନେ ବି ଆଉ ଦଳରେ ନାହାନ୍ତି କି ସେମାନଙ୍କ ସ୍ଥାନ ମଧ୍ୟ ନାହିଁ। ଦଳର କେତେଜଣ ଟେଲମାରି ରାଜ୍ୟ ସଭା ଯାଇଛନ୍ତି। ବିଜୁ କି ନବୀନଙ୍କ ଲିଗାସୀ ନାହାନ୍ତି କେବଳ କେତେଜଣ ଚାମ୍‌ଚା ଅଛନ୍ତି ବୋଲି ସେ କହିଛନ୍ତି।



ଦେବାଶିଷ ସାମନ୍ତରାୟ

ଭୂପିନ୍ଦର ସିଂ ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ କହିଛନ୍ତି, ଗତ ନିର୍ବାଚନ ସମୟରେ ବିଜୁବାବୁଙ୍କ ପୋଷ୍ଟର ଦେଖିବାକୁ ମିଳିଲା ନାହିଁ। ନୂଆପଡ଼ା ଉପନିର୍ବାଚନରେ ସମାନ କଥା ଦେଖିବାକୁ ମିଳିଲା। ବିଜୁ ପଟ୍ଟନାୟକଙ୍କୁ ହଟାଯିବା ପରଠାରୁ ବିଜେଡିର ପରାଜୟ ଆରମ୍ଭ ହୋଇଛି। ବିଜୁଙ୍କୁ ଛାଡ଼ି ବିଜେଡିର ପରିକଳ୍ପନା ସମ୍ଭବ ନୁହେଁ। ନୂଆପଡ଼ା ପ୍ରାର୍ଥୀ ଚୟନ ସମୟରେ କାହାରି ମତାମତ ନିଆଗଲା ନାହିଁ। ଏବେ ଦଳର ଉତ୍ତରାଧିକାରୀର ଆବଶ୍ୟକତା ନାହିଁ। ନବୀନ ଦଳର ନେତୃତ୍ୱ ନିଅନ୍ତୁ ବୋଲି ସେ କହିଛନ୍ତି। ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସବୁ ପରିବାରରେ ଅସନ୍ତୋଷ ରହିଥାଏ। ବୁଝିବିଚାରି କାମ କଲେ ଭଲ। ଦଳରେ ଅନେକ ପ୍ରସଙ୍ଗକୁ ନେଇ ଭିନ୍ନ ଭିନ୍ନ ମତ ଥାଏ। ସେଥିରେ ଗୋଟିଏ ମତକୁ ନେଇ ଦଳ ଆଗକୁ ଯାଇଥାଏ ବୋଲି ସେ କହିଛନ୍ତି।

# ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି

**■ ବଲାଙ୍ଗୀର ଖ୍ରୀଷ୍ଟିଆନ ୟୁଥ୍ ଫୋରମ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର**

ବଲାଙ୍ଗୀର,୨୫।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ କରାଯିବାକୁ ବଲାଙ୍ଗୀର ଖ୍ରୀଷ୍ଟିଆନ ୟୁଥ୍ ଫୋରମ ପକ୍ଷରୁ ଦାବି କରାଯାଇଛି। ମଙ୍ଗଳବାର ଉକ୍ତ ଫୋରମର ସଦସ୍ୟମାନେ ବଲାଙ୍ଗୀର ଏସ୍‌ପି ଅଫିସକୁ ଯାଇ ଏନେଇ ଏକ ଦାବିପତ୍ର ଦେଇଛନ୍ତି। ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟଣାକୁ ନେଇ ଯେଉଁଳି ପରିସ୍ଥିତି ସୃଷ୍ଟି ହୋଇଛି, ବଲାଙ୍ଗୀର ଏବଂ ଗଣମାଧ୍ୟମରେ ଯାହା ସବୁ ବୟାନ ପ୍ରକାଶ ପାଉଛି ସେଥିରୁ ତାଙ୍କ ମୃତ୍ୟୁ ରହସ୍ୟଜନକ ମନେହେଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି। ବିଶେଷକରି ସିବିଆଇ ତଦନ୍ତ କରିବାକୁ ଖ୍ରୀଷ୍ଟିଆନ ୟୁଥ୍ ଫୋରମ ଦାବି କରିଥିବା ଫୋରମର ସଭାପତି ପୂର୍ଣ୍ଣମୂର୍ତ୍ତି ଖ୍ରୀଷ୍ଟାଦାସ କହିଛନ୍ତି।

ସେ ଆହୁରି କହିଛନ୍ତି, ହ୍ୟୁମାନ୍‌ଙ୍କ ଶାରୀରିକ ଅସୁସ୍ଥତା ଯେତେବେଳେ ଲାଗି ରହିଥିଲା ତାଙ୍କୁ ଉପଯୁକ୍ତ ଚିକିତ୍ସା ଓ ବିଶ୍ରାମର ଆବଶ୍ୟକତା ଥିଲା। କିନ୍ତୁ ତାହା ନ କରି ତାଙ୍କର ୨ଜଣ ମ୍ୟାନେଜର ତାଙ୍କୁ ବିଭିନ୍ନ ସ୍ଥାନରେ ରାତି ସାରା ଷ୍ଟେଜ୍ ଶୋ କରିବାକୁ ବାଧ୍ୟକରୁଥିବା ଅଭିଯୋଗ କରିଛନ୍ତି। ଏହାସହ ହ୍ୟୁମାନ୍ ଯେତେ ଟଙ୍କା ରୋଜଗାର କରୁଥିଲେ ସେସବୁ କାହା ଆକାଉଣ୍ଟକୁ ଯାଉଥିଲା ତା'ର ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ସେ ଦାବି କରିଛନ୍ତି। ହ୍ୟୁମାନ୍ ମାସକୁ ପ୍ରାୟ ୫୦ ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ କେଉଁ ପରିସ୍ଥିତିରେ ତାଙ୍କର ଦେଢ଼ ଲକ୍ଷ ଟଙ୍କାର ହସ୍ପିଟାଲ ବିଲ୍ ଦିଆଯାଇପାରିଲା ନାହିଁ ତା'ର ତଦନ୍ତ ହେବା ଦରକାର ଏବଂ ତାଙ୍କ ଉପାର୍ଜିତ ଅର୍ଥ କୁଆଡ଼େ ଯାଇଛି ସେନେଇ ଖୋଳତାଡ଼ କରାଯାଉ ବୋଲି ଫୋରମ ପକ୍ଷରୁ ଦାବି କରାଯାଇଛି। ଏହି ଫୋରମର ଉପଦେଷ୍ଟା ରାଜୁ ବାଗ ହ୍ୟୁମାନ୍‌ଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବା ଦାବି ନେଇ ଏସ୍‌ପିଙ୍କ ପାଖକୁ ଆସିଥିବା କହି ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଇପାରିବ ବୋଲି କହିଥିଲେ। ଏହାର ସିବିଆଇ ତଦନ୍ତ କରାଯିବାକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଦାବି କରିଥିବା କହିଥିଲେ।

### ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

କଟକ,୨୫।୧୧(କାର୍ତ୍ତିକ ସାହୁ)

ପ୍ରସିଦ୍ଧ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ପ୍ରଦାନ କରାଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନର ଯୁଗ୍ମ ସମ୍ପାଦିକା ଆଇନଜୀବୀ ପଦ୍ମାଳୟ ମହାପାତ୍ର ଏହି ଚିଠି ଡାକ ଯୋଗେ ପ୍ରେରଣ କରିଛନ୍ତି। ବରିଷ୍ଠ ଆଇପିଏସ୍ ଅଧିକାରୀ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା ଘଟଣାର ତଦନ୍ତ କରିବା ପାଇଁ ସେ ଦାବି ରଖିଛନ୍ତି। ଏଥିସହ ହ୍ୟୁମାନ ସାଗରଙ୍କ ମୃତ୍ୟୁ ସହ ଜଡ଼ିତ ପ୍ରତ୍ୟେକ ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ପରିବାର ଲୋକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ। ହ୍ୟୁମାନଙ୍କ ସମ୍ପର୍କିତ ସମସ୍ତ ଡିଜିଟାଲ ପ୍ରମାଣ, ତାଙ୍କ ମୋବାଇଲ ଫୋନ, ସନ୍ଦିଗ୍ଧ ବ୍ୟକ୍ତିଙ୍କ କଲ ରେକର୍ଡ, ବ୍ୟାଙ୍କ କାରବାର ଓ ସୋସିଆଲ ମିଡିଆ ତଥ୍ୟକୁ ସୁରକ୍ଷିତ ରଖାଯାଉ। ଉପଯୁକ୍ତ ତଦନ୍ତ ପରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ସ୍ୱଚ୍ଛ ରିପୋର୍ଟ ଉପସ୍ଥାପିତ କରାଯାଉ ବୋଲି ଆଇନଜୀବୀ ମହାପାତ୍ର ଉଲ୍ଲେଖ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀ ପ୍ରେରଣ କରିଥିବା ଚିଠିର ଏକକିତା ନକଲ ଓଡ଼ିଶା ପୋଲିସ ଡିଜି ଏବଂ ଓଡ଼ିଶା ସିନେ ୱାର୍କରର୍ସ ଆସୋସିଏଶନ୍‌କୁ ପ୍ରେରଣ କରିଛନ୍ତି।

# 'ବକେୟା ରଖି ନ ଥିବା ମିଲର ଧାନ ସଂଗ୍ରହ କରିପାରିବେ'

**ଖରିଫ ଧାନ ସଂଗ୍ରହ ପାଇଁ ବସିଲା ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ**

ଭୁବନେଶ୍ୱର,୨୫।୧୧(ସୁନିତ୍ ମିଶ୍ର)

୨୦୨୫-୨୬ ଖରିଫ ଫସଲ ପାଇଁ ଧାନ ସଂଗ୍ରହ ଉପରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବୈଠକରେ ଉପସ୍ଥିତ ରହି ଧାନ ସଂଗ୍ରହ ଉପରେ ବିଶେଷ ଆଲୋଚନା କରିଛନ୍ତି। ତଥ୍ୟ ଅନୁଯାୟୀ, ୨୦୨୩-୨୪ ବର୍ଷରେ ୭୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ୨୦୨୪-୨୫ ବର୍ଷରେ ମୋଟ ୯୨ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଥିବାବେଳେ ଗତବର୍ଷ ୨.୨୬ ଲକ୍ଷ ଟୋକନ୍ ପୁନଃ ବୈଧ କରାଯାଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଯେଉଁ ମିଲରମାନେ ସରକାରଙ୍କ ପାଖରେ କୌଣସି ବକେୟା ରଖିନାହାନ୍ତି, କେବଳ ସେମାନେ ହିଁ ଧାନ ସଂଗ୍ରହରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ହେବେ। ସମସ୍ତ ୩୦ ଜିଲାରେ ୧୦୦% ସାଟେଲାଇଟ୍ ଯାଞ୍ଚ ଚାଲିଛି। ଯେହେତୁ ଅଣଧାନ ଚାଷୀଙ୍କୁ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ ଅନୁମତି ନାହିଁ, ଯଦି ଏପରି ବ୍ୟକ୍ତିଙ୍କୁ ଧରାଯାଏ, ତେବେ ସେମାନଙ୍କୁ କଳା ତାଲିକାଭୁକ୍ତ କରାଯିବ। ମଣ୍ଡିରେ ଚାଷୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି। ଯେକୌଣସି ଅଭିଯୋଗର ସମାଧାନ କିମ୍ବା ସହାୟତା ପାଇଁ ଚାଷୀମାନେ ଟୋଲ୍ ଫ୍ରି ନଂ. ୧୯୬୭କୁ କଲ୍ କରିପାରିବେ। ମଙ୍ଗଳବାରଠାରୁ ଧାନକ୍ରୟ ଆରମ୍ଭ ହୋଇଛି। ତୃଣମୂଳ ସ୍ତରରେ ଏହାର ସୁଗମ ପରିଚାଳନା ଏବଂ ସମନ୍ୱୟ ପାଇଁ ତଦନୁସାରେ ବ୍ୟବସ୍ଥା ଚାଲିଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସୁଗମ କରିବା ପାଇଁ ମୋଟ ସକ୍ରିୟ ୩୫୭୦ଟି ମଣ୍ଡି ପ୍ରସ୍ତୁତ ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତୀକରଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ, ସମବାୟ ବିଭାଗ ଶାସନ ସଚିବ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଗମ ଏବଂ ସୁପରିଚାଳନା କରିବା ପାଇଁ ସୁନିଶ୍ଚିତ ମତାମତ ପୋଷଣ କରିଛନ୍ତି।

## ଚିତ୍ରାଙ୍କୁ ଏସିଏସ୍ ପାହ୍ୟା

ଭୁବନେଶ୍ୱର,୨୫।୧୧
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ଚିତ୍ରା ଅରୁମୁଗମ୍‌ଙ୍କୁ ମଙ୍ଗଳବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ପାହ୍ୟା ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଦେବାଶିଷ ସିଂହ ଜାରି କରିଥିବା ବିଜ୍ଞପ୍ତିରେ ଚିତ୍ରାଙ୍କୁ ଏବେ ଆପେକ୍ସ ଗ୍ରେଡ୍ ପାହ୍ୟା-୧୭କୁ ପଦୋନ୍ନତି ମିଳିଲା ବୋଲି ଦର୍ଶାଇଛନ୍ତି।




# ମୃତ୍ୟୁ ପାଇଁ ଇସି ଦାୟୀ

1. Name of the Work : Electrical Work as mentioned in DTCN
2. No. of Work : 05 Nos.
3. Estimated Cost : Rs.6.73 Lakhs to 37.47 Lakhs
4. Period of Completion : 2 Calendar of Months
5. Date & Time of Bidding : from 11.00 hours of 25.11.2025 upto 16.00 hours of 05.12.2025
6. Last Date & Time for receipt of Bids in the Portal : 16.00 hours of 05.12.2025
7. Bids received online shall be opened on : 11.00 hours of 06.12.2025
8. Name and Address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

OIPR-
Sd./- Superintending Engineer,
Nabarangpur (R&B) Division

## OFFICE OF THE PANCHAYAT SAMITI, RAIGHAR

No.i-380

**Bid Identification No.02/2025-26**

| | | |
|---|---|---|
| 01. | Name of the Work | Const. of Kalyan Mandap at Raighar |
| 02. | No. of Work | 1 |
| 03. | Amount put to tender | Rs.44,19,776.00 |
| 04. | Period of Completion | 12 (Twelve) Calendar Months |
| 05. | Date of Tender paper available | 26.11.2025 to 09.12.2025 (Tender Paper to be downloaded from e-tender odisha.gov.in |
| 06. | Last date of receipt Tender Paper | 09.12.2025 (During office hours) only upto 5.30 PM |
| 07. | Date of Opening Tender Paper | 10.12.2025 (Time 11.00 AM) at Office Chamber of Block Development Officer, Raighar |
| 08. | Details of Terms & Conditions of the Tender | Bid documents consisting of the Schedule of quantities & the set of terms & conditions of contract & other necessary documents can be downloaded from the official website of e-procurement system of odisha. |
| 09. | Name & address of the Officer inviting Bid | Block Development Officer, Raighar |
| 10. | Cost of Tender documents | Rs.6000.00 (Rupees Six Thousand) only |
| 11. | Further details can be seen from the portal | e-procurement system of Odisha |

OIPR-
Sd./- Block Development Officer, Raighar

## COUNCIL OF HIGHER SECONDARY EDUCATION ODISHA

NO.N-212

C/2 PRAJNAPITHA, SAMANTAPUR, BHUBANESWAR-13

**NOTIFICATION**
**Bhubaneswar, Dated 25th November, 2025**
**Extension of Timeline for Central Sector Scheme of Scholarship**

No.S.W.116/2025/6166/CHSE(O), This is for information of the Students and INO/DNO that timeline for all Post Matric/Top class Central Sector Schemes of Scholarship has been extended as under.

| Particulars | Extension Granted Upto |
|---|---|
| Last date for filling up of applications forms | 30.11.2025 |
| Last date for first level (L1) verification of application forms | 15.12.2025 |
| Last date for second level (L2) verification of application forms | 31.12.2025 |

For detailed information please visit the web-site (NSP) www.scholarships.gov.in

OIPR-
By Order of the Chairman
Sd./- Secretary

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, NORTHERN (R&B) CIRCLE, SAMBALPUR

No.B-735

Mail ID : sepwdsbp@rediffmail.com

**e-Procurement**
**BID IDENTIFICATION NO. CCENC (R AND B) / 17 / 2025-26**
**No. 4318 Dtd.17.11.2025**

| | | | |
|---|---|---|---|
| 1 | The **Chief Construction Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Building Works** as detailed in the DTCN from the eligible class of contractors. | | |
| 2 | No. of works | : | **13 (Thirteen) (BUILDINGS Work)** |
| 3 | Tender Cost | : | **Rs. 10,000/-** |
| 4 | Class of contractor | : | **"B" Class, "A" Class and "Special" Class** |
| 5 | Date & Time of available in website & receipt of Bids from **26.11.2025** to **17.00 hours of 11.12.2025.** | | |
| 6 | Date of opening of Technical Bid **12.12.2025 at 11.00 hours** | | |
| 7 | The Bidders have to participate in ONLINE bidding only. Further details can be seen from the website www.tendersodisha.gov.in. | | |
| 8 | Any corrigendum / Addendum will be displayed in the website www.tendersodisha.gov.in. | | |

OIPR-
Sd./- Chief Construction Engineer
Northern (R&B) Circle, Sambalpur

## GOVERNMENT OF ODISHA, DEPARTMENT OF WATER RESOURCES
## Office of the Engineer-in-Chief, Water Resources Secha Sadan, Bhubaneswar

No.A-

**Email Address: cemech.eicwr.od@gmail.com**
**e-Procurement Notice-Bid Identification No.CEM/MDC-19/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters/ Hydro mechanical gates.
4. Bid Identification No. : CEM/MDC-19/2025-26
5. Estimated Cost : Rs.87,81,832.00/-
6. Period of Completion : 03 (Three) Calendar Months
7. Date & Time of availability of bid documents in the Portal : From Dt.28.11.2025 (10.00 AM) to dt.09.12.2025 (5.30 PM)
8. Last date/time for receipt of bid in the Portal : dt.09.12.2025 (upto 5.30 PM)
9. Date and Place of Opening of Technical Bid : Dt.10.12.2025 (12.00 Noon onwards in the O/o the Undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical O/o the E.I.C. Water Resources Odisha, Bhubaneswar

Further details can be seen from the e-Procurement portal **https://tendersodisha.gov.in.** Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

OIPR-
Chief Engineer, Mechanical
O/o-Engineer-in-Chief
Secha Sadan, Bhubaneswar

# କୃଷି ଭବନ ଡିଜାଇନରେ ହେବ ଓଏଆଇସି



- ଭିତ୍ତିପ୍ରସ୍ତର ସ୍ଥାପନକଲେ ଉପମୁଖ୍ୟମନ୍ତ୍ରୀ ସିଂଦେଓ
- ୧.୪୬ ଏକର ଜମିରେ ୮୩.୭୭ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ହେବ
- ୨ ମୁଖ୍ୟ ବ୍ଲକ୍ ସହ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଭିତ୍ତିଭୂମି ରହିବ

ଭୁବନେଶ୍ୱର,୨୫।୧୧ (ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ମଙ୍ଗଳବାର ଓଡ଼ିଶା କୃଷି ଶିଳ୍ପ ନିଗମର ନୂତନ ମୁଖ୍ୟ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସତ୍ୟନଗରସ୍ଥିତ ପ୍ଲଟ୍ ନମ୍ବର ୯୫ରେ ଅବସ୍ଥିତ ଓଡ଼ିଶା କୃଷି ଶିଳ୍ପ ନିଗମ(ଓଏଆଇସି)ର ନୂତନ କାର୍ଯ୍ୟାଳୟ ଏକ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଯାହା ହିତାଧିକାରୀଙ୍କ ସମ୍ପୃକ୍ତି, ପ୍ରଗତିଶୀଳ କାର୍ଯ୍ୟକ୍ରମ ଏବଂ ସରକାରୀ ଯୋଜନା ସମନ୍ୱିତ ରଣନୈତିକ ବିକାଶ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏହି ପଦକ୍ଷେପ ରାଜ୍ୟବ୍ୟାପୀ କୃଷି ପଦ୍ଧତିକୁ ଉନ୍ନତକରିବା ପାଇଁ ଡିଜାଇନ୍ କରାଯାଇଥିବା ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ। ୧୬,୫୦୦ ବର୍ଗମିଟରରୁ ଅଧିକ କ୍ଷେତ୍ରଫଳ ବିଶିଷ୍ଟ ୧.୪୬ ଏକର ଜମିରେ ୮୩.୭୭ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ୨ଟି ମୁଖ୍ୟ ବ୍ଲକ୍‌ସହ ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଭିତ୍ତିଭୂମି ହେବ। କୃଷି ଭବନ ଭଳି ଏହାର ମଧ୍ୟ ଡିଜାଇନ ରହିବ। ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତକରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାର ଅଧିକ ଉତ୍ପାଦନକାରୀ ଉନ୍ନତ କୃଷି ଉପକରଣ, ଜୈବସାର ଏବଂ ପଶୁଖାଦ୍ୟ ଗ୍ରହଣ, କୃଷକ ଶିକ୍ଷା, ବୈଷୟିକ ତାଲିମ ଏବଂ ସରକାରୀ କାର୍ଯ୍ୟକ୍ରମ ପ୍ରଦର୍ଶନକୁ ପ୍ରୋତ୍ସାହିତ କରୁଛନ୍ତି। ସ୍ଥାୟୀ ଜଳସେଚନ ପଦକ୍ଷେପ ମାଧ୍ୟମରେ ଜଳସେଚନ କ୍ଷମତା ବୃଦ୍ଧି କରି ଚାଷୀଙ୍କୁ ଅଧିକ ସଶକ୍ତ କରୁଛନ୍ତି ବୋଲି ସେ କହିଛନ୍ତି। କୃଷି ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ଚାଷୀ, ନିର୍ମାତା ଓ ବିଶେଷଜ୍ଞଙ୍କ ମଧ୍ୟରେ ଭାବ ବିନିମୟ ତଥା ବୈଷୟିକ କୌଶଳର ଆଦାନପ୍ରଦାନ ପାଇଁ ଏହା ଏକ ଉତ୍ସର୍ଗୀକୃତ ସ୍ଥାନ ରହିବ। କୃଷକ ସମ୍ପ୍ରଦାୟକୁ କୃଷି ଯନ୍ତ୍ରପାତି, ଉପକରଣ ଏବଂ ଅନ୍ୟାନ୍ୟ କୃଷି ଇନ୍‌ପୁଟ୍ କିପରି ମିଳିବ ସେନେଇ ଅବଗତ କରାଯିବ ବୋଲି ସେ କହିଛନ୍ତି।

# କିରୋସିନ ଢାଳି ସ୍ତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର**

ମାଲକାନଗିରି, ୨୫।୧୧(ସୁଚିତ୍ରା ଦାସ)

ସ୍ତ୍ରୀ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିବା ସମୟରେ ତାଙ୍କୁ ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର ଆହତ ହୋଇଛନ୍ତି। ଏଭଳି ଘଟଣା ଘଟିଛି ମାଲକାନଗିରି ସଦର ମହକୁମା ତାମିଲ କ୍ୟାମ୍ପ ଛକ ନିକଟରେ। କୌଣସି କାରଣକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡା ହୋଇଥିଲା। ସ୍ତ୍ରୀ ରାଗିଯାଇ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସ୍ତ୍ରୀକୁ ବଞ୍ଚାଇବାକୁ ଯାଇ ସ୍ୱାମୀ ନିଆଁ ଲିଭାଇବାକୁ ଚେଷ୍ଟାକରି ଗୁରୁତର ହୋଇଛନ୍ତି। ସ୍ତ୍ରୀ ମଧୁରୀ କଟିମଙ୍କ ଶରୀର ୭୦ ଭାଗ ପୋଡ଼ିଯାଇଥିବାବେଳେ ସ୍ୱାମୀ ନରେନ୍ଦ୍ର କଟିମଙ୍କ ଶରୀରର ବିଭିନ୍ନ ସ୍ଥାନ ନିଆଁରେ ପୋଡ଼ିଯାଇଛି।

# ବ୍ରହ୍ମପୁର କୋର୍ଟରୁ ସିବିଆଇକୁ ଦିଆଗଲା ସମସ୍ତ ଦସ୍ତାବିଜ୍

**ପୋଲିସ ଏସ୍ଆଇ ଜାଲିଆତି ମାମଲା**

- ୧୨ ଜଣ ଅଭିଯୁକ୍ତଙ୍କ ଠିକଣା ପାଲଟିଲା ଝାରପଡ଼ା ଜେଲ
- ଜେଲରେ ଇଡି କରିବ ପଚରାଉଚରା

ଭୁବନେଶ୍ୱର,୨୫।୧୧ (ତ୍ରିନାଥ ମହାନ୍ତି)

ପୋଲିସ ଏସ୍ଆଇ ଜାଲିଆତି ମାମଲାରେ ସିବିଆଇ ଖୋଳତାଡ଼ ଜାରି ରଖିଛି। ମଙ୍ଗଳବାର ଏହି ମାମଲାରେ ୭ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରାଯାଇଥିଲା। ସେମାନେ ମଧ୍ୟ ସମନ ପାଇବା ପରେ ସକାଳେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ପରେ ସେମାନଙ୍କୁ ୩ଘଣ୍ଟା ଧରି ପଚରାଉଚରା କରାଯାଇଥିଲା। ଅନ୍ୟପଟରେ ବ୍ରହ୍ମପୁର ଜେଏମ୍ଏଫସି କୋର୍ଟରୁ ମାମଲା ଭୁବନେଶ୍ୱର ସିବିଆଇ କୋର୍ଟକୁ ସ୍ଥାନାନ୍ତର କରାଯାଇଛି। ମାମଲା ସ୍ଥାନାନ୍ତର ହେବାପରେ ମଙ୍ଗଳବାର ସିବିଆଇକୁ ସମସ୍ତ ଦସ୍ତାବିଜ୍ ହସ୍ତାନ୍ତର କରାଯାଇଛି। ସିବିଆଇ ଆବେଦନ କରିଥିବା ରିମାଣ୍ଡର ଶୁଣାଣି ସିବିଆଇ କୋର୍ଟରେ ଶୁକ୍ରବାର ହୋଇପାରେ ବୋଲି ଜଣାପଡିଛି। ସେହିପରି ମାମଲା ସ୍ଥାନାନ୍ତର ହେବା ପରେ ସୋମବାର ରାତିରେ ୧୨ଜଣ ଅଭିଯୁକ୍ତଙ୍କୁ କଡ଼ା ସୁରକ୍ଷାରେ ପୋଲିସ ଭୁବନେଶ୍ୱର ଆଣିଥିଲା। ଭୋର ସମୟରେ ୧୨ଜଣ ଅଭିଯୁକ୍ତ ଝାରପଡ଼ା ଜେଲରେ ପହଞ୍ଚିବା ପରେ କୋର୍ଟଙ୍କ ଦସ୍ତାବିଜ୍ ଯାଞ୍ଚ କରାଯାଇ ସେମାନଙ୍କୁ ୱାର୍ଡକୁ ଛଡ଼ା ଯାଇଥିଲା। ସେପଟେ ଜାଲିଆତିର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକଙ୍କୁ ପଚରାଉଚରା ପାଇଁ କୋର୍ଟରେ ଇଡି ଆବେଦନ କରିଥିବା ଜଣାପଡିଛି। ଏହି ରାକେଟରେ ଶଙ୍କର ସହ ରାଜ୍ୟ ବାହାରର ବଡ଼ ବଡ଼ ଲୋକଙ୍କ ହାତ ରହିଥିବା ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି। ରାକେଟର ଯୋଜନା ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ହୋଇଥିଲା। ଏହି ଆଧାରରେ ଶଙ୍କର ପୃଷ୍ଟିର ପଞ୍ଚସଫ୍ଟ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏହାପରେ ଶଙ୍କର, ସିଲିକନ୍ ଟେକ ଲ୍ୟାବ୍ ଏବଂ ଅନ୍ୟମାନେ ମିଶି ଚାକିରି ଆଶାୟୀଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲେ। ମୁନା ପିଲାମାନଙ୍କୁ ଶଙ୍କର ନିକଟରେ ପହଞ୍ଚାଇବା ପରେ ମୁଣ୍ଡ ପିଛା ୨୫ଲକ୍ଷ ଟଙ୍କା ଦେବାକୁ ଡିଲ୍ ହେଉଥିଲା।

# ସରକାରୀ ଯୋଜନାର ସୁଫଳ ପାଇବେ ଲୋକେ: ସୁବୁ. ଆର୍

**ପ୍ରଥମ ଅଡିଟ୍ ଅଦାଲତ ଉଦ୍‌ଘାଟିତ**

ଭୁବନେଶ୍ୱର,୨୫।୧୧ (ରବିନାରାୟଣ ଜେନା)

ପଞ୍ଚମ ଜାତୀୟ ଅଡିଟ୍ ସପ୍ତାହ ପାଳନ ଅବସରରେ ମଙ୍ଗଳବାର ଦେଶର ପ୍ରଥମ ଅଡିଟ୍ ଅଦାଲତ ଭୁବନେଶ୍ୱରରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ପ୍ରଧାନ ମହାଲେଖାକାର ଅଡିଟ-୧ ସୁବୁ. ଆର୍ ଏହାକୁ ଉଦ୍‌ଘାଟନକରି କହିଥିଲେ, ଅଡିଟ୍ ଅଦାଲତ ମାଧ୍ୟମରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆସିବା ସହ ସରକାରୀ ଯୋଜନାର ସୁଫଳ ଲୋକେ ପାଇପାରିବେ।

ସେ କହିଥିଲେ, ଓଡ଼ିଶା ସରକାରଙ୍କ ୬ଟି ବିଭାଗ ଯଥା ମହିଳା ଏବଂ ଶିଶୁ ବିକାଶ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଅବକାରୀ ଏବଂ ଗ୍ରାମୀଣ ବିକାଶ ସହ ଜଡ଼ିତ ଦୀର୍ଘକାଳୀନ ଯାଞ୍ଚ ରିପୋର୍ଟ ପାରାଗୁଡ଼ିକୁ ସମୀକ୍ଷା କରିବା ପାଇଁ ଏହି ଅଡିଟ୍ ସପ୍ତାହ କରାଯାଇଥିଲା। ଏହା ମାଧ୍ୟମରେ ଆଗାମୀ ଦିନରେ ଅଡିଟ୍ ଅଧିକ ଦକ୍ଷ ହେବା ସହ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ବିଭାଗଗୁଡ଼ିକୁ ସମୟୋଚିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା, ଆଭ୍ୟନ୍ତରୀଣ ନିୟନ୍ତ୍ରଣକୁ ସୁଦୃଢ଼ କରିବା ଏବଂ ବାକି ଥିବା ଅଡିଟ୍ ପାରାଗୁଡିକ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଅଡିଟ୍ ଅଦାଲତ ସମୟରେ ରାଜ୍ୟ ସରକାରଙ୍କ ଅଧିକାରୀମାନଙ୍କୁ ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହା ସମୀକ୍ଷକଙ୍କ ଏକ ନୂତନ ପଦକ୍ଷେପ ଯାହାକି ବର୍ଷ ବର୍ଷ ଧରି ପଡିରହିଥିବା ପୁରୁଣା ଅଡିଟ୍ ପାରାଗୁଡ଼ିକ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇ ପାରିବ ବୋଲି ସୁବୁ.ଆର୍ କହିଥିଲେ। ସେ କହିଥିଲେ, ଅଡିଟ୍ ଅଦାଲତର ଉଦ୍ଦେଶ୍ୟ ହେଉଛି, ସମ୍ପୃକ୍ତ ବିଭାଗ ସହ ଜଡ଼ିତ ପୁରୁଣା ପାରାଗୁଡ଼ିକୁ ତଦାରଖ କରିବା ପାଇଁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିବା, ଯାହାଦ୍ୱାରା ବିଭାଗୀୟ ସ୍ତରରେ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନିଆଯାଇପାରିବ । ନୂତନ ଭାବେ ପ୍ରସ୍ତୁତ କରାଯାଇଥିବା ସଫ୍ଟୱେର 'ସିଏଜି-କନେକ୍ଟ' ବିଷୟରେ ସେ ଅବଗତ କରାଇଥିଲେ। ଏହା ହେଉଛି ଏକ ଡିଜିଟାଲ ପ୍ଲାଟ୍‌ଫର୍ମ, ଯାହାଦ୍ୱାରା ବିଭାଗଗୁଡ଼ିକୁ ଅନ୍‌ଲାଇନରେ ଅଡିଟ୍ ପାରାଗୁଡ଼ିକର ଅନୁପାଳନ ସମ୍ପର୍କିତ ତଥ୍ୟ ଦାଖଲ କରିବାକୁ ସକ୍ଷମ ହେବେ। ଏହା ଦ୍ରୁତ ଯୋଗାଯୋଗ, ସ୍ୱଚ୍ଛତା ଆଣିବାରେ ଏବଂ ସୁଗମ ତଦାରଖକୁ ସୁନିଶ୍ଚିତ କରିବ। ଏହି ନୂତନ ଆପ୍ଲିକେଶନ ଅଡିଟ୍ ଅନୁସରଣ ପ୍ରକ୍ରିୟାଗୁଡ଼ିକର ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧିକରିବ ଏବଂ ବର୍ତ୍ତମାନ ଚାଲୁଥିବା ଓସିଏମ୍‌କପି ସିଷ୍ଟମର ସ୍ଥାନ ନେବ ବୋଲି କାର୍ଯ୍ୟକ୍ରମରୁ ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ଉପ-ମହାଲେଖାକାର ଅଡିଟ୍ ବେନୋଥ ରାକେଶ ନାୟକ ଏବଂ ବିମଲେଶ କୁମାର ସଂଯୋଜନା କରିଥିବାବେଳେ ପ୍ରଧାନ ମହାଲେଖାକାରଙ୍କ ସଚିବ ଶ୍ରୀମନ୍ତ କୁମାର ପଣ୍ଡା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଉପେନ୍ଦ୍ର ନାରାୟଣ ଦାସ, ସୁକାନ୍ତି ପ୍ରଭା ଦାସ, ପ୍ରିୟଦର୍ଶନ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।

# ବେତନଟୀ ତହସିଲଦାରଙ୍କୁ ଆକ୍ରମଣ

ବାରିପଦା, ୨୫।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଲଘୁଖଣିଜ ଚୋରା ଚାଲାଣ ରୋକିବାକୁ ଯାଇ ମୟୂରଭଞ୍ଜ ଜିଲା ବେତନଟୀ ତହସିଲଦାରଙ୍କ ସମେତ ୫ କର୍ମଚାରୀ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି। ବାଲି ଚୋରାଚାଲାଣକାରୀଙ୍କ ଆକ୍ରମଣରେ ତହସିଲ ଗାଡ଼ି ଡ୍ରାଇଭର ନିହାର ରଞ୍ଜନ ବିଶ୍ୱାଳ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତିକରାଯାଇଛି। ତହସିଲଦାର ଚନ୍ଦ୍ରଜିତ୍ ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ବେତନଟୀ ପୋଲିସ ଏକ ମାମଲା (ନଂ.୪୧୭/୨୫) ରୁଜୁକରି ଆକ୍ରମଣକାରୀ ୨ ଭାଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡ଼ସାହି ଥାନା ଅଧୀନ ବର୍ତ୍ତନା ଗ୍ରାମର ବାବୁଛୁଆ ଗାଆଣ ଓ ଟିକିଛୁଆ ଗାଆଣ।

# ୩ ଶିଶୁଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

କାଲିମେଲା,୨୫।୧୧(ଜୀବନ କୃଷ୍ଣ ଦାସ)

ଚକୋଲେଟ୍, ଖେଳଣା ଦେବା ବାହାନାରେ ଜଣେ ଯୁବକ ୩ଜଣ ଶିଶୁଙ୍କୁ ଘରକୁ ଡାକିନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ଏମ୍‌ଭି-୭୨ ଅଞ୍ଚଳରେ ଏଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଗତ ଗୁରୁବାର ଏହା ଘଟିଥିଲେ ମଧ୍ୟ ସମ୍ପୃକ୍ତ ଶିଶୁଙ୍କ ଶରୀର ଅସୁସ୍ଥ ହେବା ପରେ ରବିବାର ଉକ୍ତ ଘଟଣା ଲୋକଲୋଚନକୁ ଆସିଛି । ଏ ନେଇ ପରିବାର ଲୋକେ ଏମ୍‌ଭି-୭୯ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି ତଦନ୍ତ ଆରମ୍ଭ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଭି ୭୨ ଗ୍ରାମର ହରେନ ମଣ୍ଡଳ (୪୬)। ଅନ୍ୟପକ୍ଷେ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଙ୍କ ଚିକିତ୍ସା କରାଯାଇଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଏମ୍‌ଭି ୭୯ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଏମ୍‌ଭି-୭୨ ଅଞ୍ଚଳର ୫ ବର୍ଷର ୩ ଜଣ ଶିଶୁ ସେମାନଙ୍କ ଘର ସାମ୍ନାରେ ଖେଳୁଥିଲେ । ପଡ଼ିଶା ଘରେ ରହୁଥିବା ହରେନ ସେମାନଙ୍କୁ ଚକୋଲେଟ ଏବଂ ଖେଳଣା ଦେବେ ବୋଲି କହି ଘର ଭିତରକୁ ଡାକିନେଇଥିଲେ। ପରେ ଜଣକ ପରେ ଜଣଙ୍କୁ ବଳାତ୍କାର କରିଥିବା ପିଲାଙ୍କ ପରିବାର ଲୋକେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏହି କଥା ବାହାରେ ନ କହିବା ପାଇଁ ପିଲାଙ୍କୁ ଡରାଇବା ସହ ଧମକ ଦେଇଥିଲେ। ଏ ନେଇ ପିଲାମାନେ ଭୟରେ ଘରେ କାହାକୁ କିଛି କହି ନ ଥିଲେ । ଅଭିଯୁକ୍ତ ହରେନ ଆନ୍ଧ୍ରପ୍ରଦେଶରେ ରହି ଠିକାଦାର କାମ କରୁଥିବାବେଳେ ତାଙ୍କ ସ୍ତ୍ରୀ ମଧ୍ୟ ବାହାରେ ରୁହନ୍ତି। ଘଟଣା ଘଟିବା ଦିନ ଅଭିଯୁକ୍ତ ଜଣକ ଘରେ ଏକା ଥିଲେ ବୋଲି ପୀଡ଼ିତାଙ୍କ ପରିବାର ଲୋକେ କହିଛନ୍ତି। ଜଣେ ବ୍ୟକ୍ତି ୩ ନିଷ୍ପାପ ଶିଶୁଙ୍କୁ ବଳାତ୍କାର କରିଥିବାରୁ ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଏମ୍‌ଭି ୭୯ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କୁ ପଚାରିବାରୁ ଶିଶୁଙ୍କୁ ବଳାତ୍କାର ହୋଇଥିବା ଘଟଣା ସ୍ୱୀକାର କରିଛନ୍ତି।

# ଖୋର୍ଦ୍ଧା ବାଘମାରୀ ପୀଡ଼ିତାଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଚାଲିବ ମାମଲା**

ଭୁବନେଶ୍ୱର,୨୫।୧୧ (ସତ୍ୟଜିତ ରାଉତ)

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳର ନାବାଳିକା ବଳାତ୍କାର ପୀଡିତାଙ୍କ ବୟାନ ରେକର୍ଡ କରାଯାଇଛି। ଭୁବନେଶ୍ୱରସ୍ଥିତ ୪ର୍ଥ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ(କେ) କୋର୍ଟରେ ମଙ୍ଗଳବାର ଏହି ଆଇନଗତ ପ୍ରକ୍ରିୟା ଶେଷ ହୋଇଛି। ବିଏନ୍ଏସ୍ଏସ୍‌ର ଧାରା ୧୮୩ ଅନୁଯାୟୀ ବିଚାରପତି ଶୁଭଞ୍ଜନ ମହାନ୍ତିଙ୍କ ସାମ୍ନାରେ ପୀଡିତାଙ୍କଠାରୁ ଘଟଣା ବିଷୟରେ ବୟାନ ରେକର୍ଡ କରାଯାଇଥିଲା। ଏହି ସମୟରେ ସରକାରଙ୍କ ସ୍ୱତନ୍ତ୍ର ବରିଷ୍ଠ ଓକିଲ ସୁବ୍ରତ ପ୍ରିୟଦର୍ଶୀ ଉପସ୍ଥିତ ଥିଲେ। ପୂର୍ବରୁ ପୋଲିସ ପକ୍ଷରୁ ବିଏନଏସ୍ଏସ୍ ଧାରା ୧୮୦ରେ ପୀଡିତାଙ୍କ ବୟାନ ରେକର୍ଡ ହୋଇଥିବା ବେଳେ ଜଣେ ଡିଏସ୍‌ପି ର୍‍ୟାଙ୍କର ଅଧିକାରିଣୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ, ବାଘମାରୀ ଥାନା ଅଞ୍ଚଳର ୧୬ ବର୍ଷୀୟା ପୀଡିତାଙ୍କୁ ଗତ ୧୮ତାରିଖରେ ଅଭିଯୁକ୍ତମାନେ ଅପହରଣ କରିନେବା ପରେ ନିଶା ଦେଇ ବଳାତ୍କାର କରିଥିଲେ। ୨୦ ତାରିଖରେ ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରୁ ଉଦ୍ଧାର ପରେ କ୍ୟାପିଟାଲ ହସ୍ପିଟାଲର ୱାନ୍ ଷ୍ଟପ୍ ସେଣ୍ଟର (ଓଏସ୍‌ପି) ସଖୀରେ ରଖି ଚିକିତ୍ସା କରାଯାଇଥିଲା। ସୋମବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ଅଧକ୍ଷା ବବିତା ପାତ୍ରଙ୍କ ସମେତ ୩ଜଣିଆ ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ପୀଡ଼ିତା ଏବଂ ତାଙ୍କ ପରିବାର ସହ ଆଲୋଚନା କରିଥିଲେ। ତେବେ ମଙ୍ଗଳବାର ପୀଡ଼ିତାଙ୍କୁ ଡିସ୍‌ଚାର୍ଜ କରାଯିବା ପରେ ପରିବାର ସହ ଘରକୁ ଫେରିଛନ୍ତି।

# ଗୋପାଳପୁର ବନ୍ଦରରେ ଆଇଏନ୍ଏସ୍ ଖଞ୍ଜର

ଛତ୍ରପୁର,୨୫।୧୧ (ଦିଲୀପ ସାମଲ)

ବିଶାଖାପାଟଣାରୁ କୋଲକାତା ଅଭିମୁଖେ ଯାଉଥିବା ଯୁଦ୍ଧଜାହାଜ 'ଆଇଏନ୍ଏସ୍ ଖଞ୍ଜର' ମଙ୍ଗଳବାର ଗୋପାଳପୁର ବନ୍ଦରରେ ପହଞ୍ଚିଛି। ବୁଧବାର ଏହା କୋଲକାତା ଅଭିମୁଖେ ଯିବ ବୋଲି ସୂଚନା ମିଳିଛି। ଗୋପାଳପୁର ବନ୍ଦରରେ ଯୁଦ୍ଧଜାହାଜ ଦେଖିବାକୁ ବିଭିନ୍ନ ସ୍କୁଲ, କଲେଜ ପିଲାଙ୍କ ସମେତ ଅଞ୍ଚଳର ବହୁ ଲୋକଙ୍କ ଭିଡ଼ ଜମିଥିଲା। ଏହି ଯୁଦ୍ଧ ଜାହାଜର କାମ କ'ଣ ଓ ଏହାର ଶକ୍ତି ସାମର୍ଥ୍ୟ ସମ୍ପର୍କରେ ନୌସେନାର କର୍ମଚାରୀ ଅବଗତ କରାଇଥିଲେ। ଦୀର୍ଘ ୩୪ ବର୍ଷ ଧରି ଦେଶକୁ ସେବା ଯୋଗାଇ ଆସୁଛି ଆଇଏନ୍ଏସ୍ ଖଞ୍ଜର। ଜଳପଥରେ କୌଣସି ବାହ୍ୟଶତ୍ରୁ ଆକ୍ରମଣ କଲେ କିପରି ସେମାନଙ୍କୁ ଜବାବ ଦିଆଯିବ ଉପସ୍ଥିତ ଅଧିକାରୀମାନେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ।


**ODISHA HYDRO POWER CORPORATION LTD.,** (OHPC)
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-56/26/7676 Date : 24.11.2025
No.CAD-2457 e-TENDER CALL NOTICE NO. HHEP-70/2025

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received online mode only for the following work in the portal https://tendersodisha.gov.in

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in Rs. | Class of contractor |
|---|---|---|---|---|
| Construction of partition compound wall of 06 Nos. F type quarters at Laxmipuja chowk, HHEP, Burla | 509060/- | Rs. 4720/- (Rs. 4000 /- + GST 18%) | 5100/- | 'D & C' |

- Sale of tender paper : 27.11.2025 (11.00AM) to 10.12.2025 upto 03.00PM
- Receipt of tender paper: 10.12.2025 upto 03.00PM
- Date & time of opening of tender: 10.12.2025 at 04.30PM
- Further details can be seen from the e-procurement portal https://tendersodisha.gov.in / www.ohpcltd.com

OIPR- Sd/- Unit Head, HHEP, Burla

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: କେବିଏସ୍ଇଆର/ଜିଆରସି/ଇଏନ୍‌ଜିଜି./ଡବ୍ଲ୍ୟୁଟି-୦୭ (ଓପନ), ତା: ୨୧।୧୧।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ପ୍ରକଳ୍ପ)/ଗାର୍ଡେନ ରିଚ୍, କୋଲକାତା, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ ଓ ତାହାର ଅବସ୍ଥିତି: ଜିଆର.୩୫୧ରେ ରେଳପଥ ବିଦ୍ୟୁତୀକରଣ କାର୍ଯ୍ୟ ସଂକ୍ରାନ୍ତରେ ଏଲ୍.ସି. ଗେଟ୍‌ଠାରୁ ଟିଏସ୍ଏସ୍ ପର୍ଯ୍ୟନ୍ତ ପିସିସି ଆପ୍ରୋଚ୍ ରୋଡ଼, ୱାର୍କ ମଧ୍ୟରେ ଟଏଲେଟ୍ ଆଦି ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମେତ ବଳକା କାର୍ଯ୍ୟଗୁଡ଼ିକର ନିର୍ମାଣ ପାଇଁ ଖୋଲା ଇ-ଟେଣ୍ଡର । ଏହି କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୪୬,୬୮,୮୪୬.୬୬ । ଅମାନତ ରାଶି: ₹୯୩,୪୦୦/-। କାର୍ଯ୍ୟର ସମାପ୍ତି ଅବଧି: ୦୪ (ଚାରି) ମାସ । ବନ୍ଦ ହେବାର ତାରିଖ ଓ ସମୟ: ଇ-ଟେଣ୍ଡର ତା୧୬।୧୨।୨୦୨୫ରିଖ ୧୪.୦୦ ଘଟିକା ପର୍ଯ୍ୟନ୍ତ ଆଇଆରଇପିଏସ୍ ପୋର୍ଟାଲ୍ ଜରିଆରେ ଗ୍ରହଣ କରାଯିବ । ୱେବ୍‌ସାଇଟ୍ ବିବରଣୀ ଏବଂ ନୋଟିସ୍ ବୋର୍ଡ ଅବସ୍ଥାନ: ୱେବ୍‌ସାଇଟ୍ ନଂ. www.ireps.gov.in ଏବଂ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀ (ପ୍ରକଳ୍ପ)/ ଦ.ପୂ. ରେଳପଥ/ଗାର୍ଡେନ୍ ରିଚ୍ (ଇଏନ୍‌ଜିଜି.)। ଶୁଦ୍ଧିପତ୍ର: ଯଦି କୌଣସି ଶୁଦ୍ଧିପତ୍ର ଜାରି କରାଯାଏ, ତେବେ ଦୟାକରି ବିଡ୍ ଆରମ୍ଭ ତାରିଖ ଅର୍ଥାତ୍ ୦୧।୧୨।୨୦୨୫ରିଖ ପୂର୍ବରୁ ଆଇଆରଇପିଏସ୍ ପୋର୍ଟାଲ୍ www.ireps.gov.inରେ ଦେଖିନେବା ଆବଶ୍ୟକ । (PR-877)

**यूनियन बैंक ऑफ इंडिया / Union Bank of India** — भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ
ବ୍ରହ୍ମପୁର-୭୬୦୦୦୫, ଓଡ଼ିଶା

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**
ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ (ଆକ୍ଟ ନଂ. ୨୦୦୨ର ୫୪)ର ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଗୋପାଳପୁର ଜଙ୍କସନ୍ ଡୁରା ଶାଖା ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଗୋପାଳପୁର ଜଙ୍କସନ୍ ଡୁରା ଶାଖା / ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ତଥା ବନ୍ଧକଦାତା: ଶ୍ରୀମତୀ ଜି. ସୋମେଶ୍ୱରୀ, ସ୍ୱାମୀ: ଜି. ମାଧବ ରାଓ, ସା: ଦିଗିପୁର, ପୋ: ଭେଙ୍କଟରାୟପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୨ | ଟ.୧୮,୨୬,୬୬୬.୯୨ + ସେବାବଦ ସୁଧ ଏବଂ ଆଇନଗତ ଦେୟ | ୧୧.୦୯.୨୦୨୫ / ୨୦.୧୧.୨୦୨୫ | ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର: ଏକର୦.୦୧୮ ଡିସିମିଲି କିମ୍ବା |

ଆପାତତଃ ୭୯୨ ବର୍ଗଫୁଟ, ଖତିୟାନ ନଂ.: ୬୦୫/୨୫୮୧, ପ୍ଲଟ୍ ନଂ.: ୮୨୦/୨୭୨୪/୩୯୨୦ ଏବଂ ୭୬୩/୨୭୨୩/୩୯୨୧, ମୌଜା: ଭେଙ୍କଟରାୟପୁର, ସା: ଦିଗିପୁର ମେନ୍ ରୋଡ଼, ପୋ: ଭେଙ୍କଟରାୟପୁର, ବ୍ଲକ୍: ରଙ୍ଗେଇଲୁଣ୍ଡା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୨, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଶ୍ରୀ ଜି. ମାଧବ ରାଓଙ୍କ ଜାଗା, ଦକ୍ଷିଣ: ରାସ୍ତା, ପୂର୍ବ: ଶ୍ରୀମତୀ ଜି. ପୂର୍ଣ୍ଣବତୀଙ୍କ ଗୃହ, ପଶ୍ଚିମ: ଶ୍ରୀମତୀ ଜି. ଇଶ୍ୱରା ରାଓଙ୍କ ଗୃହ

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୫.୧୧.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**CAREER APPOINTMENT** — ON EVERY WEDNESDAY & SATURDAY
B/W : ₹. 350 per sq.cm, Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**WANTED**
NEED 15 LABOUR for RAJIV AUTOMATION PVT. LTD.
Electrical Panel Factory Manufacturer
Call: 8260810076

SHATAYUSHI HEALTHCARE PVT LTD of Maharashtra having 1200+ Allopathy product basket, REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK) send resume on whatsapp only
Neeraj Pathak 7385495717 | Subhash Kelkar 9923000311

Marketing ଷ୍ଟାଫ ଆବଶ୍ୟକ
ଜଗତ୍‌ସିଂହପୁରରେ Ready Mix କଂକ୍ରିଟ ପ୍ଲାଣ୍ଟରେ କାର୍ଯ୍ୟ ପାଇଁ ମାର୍କେଟିଙ୍ଗ, Quality Engineer, ପ୍ଲାଣ୍ଟ ମ୍ୟାନେଜର, ଇଞ୍ଜିନିୟର ଓ ଅନ୍ୟାନ୍ୟ ଷ୍ଟାଫ୍ ଆବଶ୍ୟକ।
Wp no. 9124416556

**WANTED**
WANTED PROPERTY MANAGER
Location: Bhubaneswar,
Qualification: Atleast Graduation having prior experience in managing commercial property, with experience on account entries.
Contact No. - For more details:
Call: 9730920202

**OFFICE OF THE ENGINEER-IN-CHIEF (CIVIL-CUM-ROADS), ODISHA**
NIRMAN SOUDHA, BHUBANESWAR
GOVERNMENT OF ODISHA, "e" PROCUREMENT NOTICE
WORKS DEPARTMENT
No. B-734 E-mail: ceroads.bbsr@gmail.com
Bid Identification No. CE-Roads-II-10/2025-26

| | | |
|---|---|---|
| 1. | The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Road work as mentioned below: | |
| 2. | Nature of Work | : Roads Works |
| 3. | No. of Work | : 2 Nos. |
| 4. | Tender Paper Cost | : Rs.10,000/- |
| 5. | Class of Contractor | : 'A' Class/Special Class/Super Class |
| 6. | Available of Bid Documents the website | : From 10.00 A.M. of 26.11.2025 to 5.30 P.M. of 15.12.2025 |
| 7. | Date of Opening of Bid | : Dt.16.12.2025 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website only. | |

OIPR- Sd./- Chief Engineer (Roads-II), Odisha

**GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail : eeboudhrb@gmail.com
INVITATIONS FOR BIDS (IFB)
"e" procurement Notice
No.B-717
Letter No.5419 dtd.15.11.2025
Bid Identification No. SE (R&B)-BDH 13/2025-26

1) Number of work : 02 (Two) Nos. of Civil work (Double Cover) & 01 (One) No. of EI work (Single Cover)
2) Estimated Cost : As per the column no.3 of the table
3) Period of Completion : As per the column no.8 of the table
4) Date & Time of availability of Bid documents in the portal : From 25.11.2025, 10.00 AM to 05.12.2025 5.00 P.M.
5) Last date/time for seeking of Tender Clarification : 05.12.2025 up to 1.00 P.M.
6) Last date / time for receipt of bids in the portal : Up to 5.00 P.M. of dated 05.12.2025
7) Date & time of opening of tender / Bid : 06.12.2025 at 11.30 A.M.
8) Name and address of the O.I.T : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in

OIPR- Sd./- Superintending Engineer, Boudh (R&B) Division, Boudh

Government of Odisha No. B-716
**"e" Procurement Notice**
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
Bid Identification No. S.E. (R&B) KPT-18/2025-26

1. Name of the Work : Building Works
2. Total No. of Works : 02 Nos.
3. Estimated Cost : Rs.13.92 to 18.52 lakhs
4. Period of Completion : 03 (Three) Months
5. Date & time of availability of bid document in the portal : From 25.11.2025 at 11.00 hours to 05.12.2025 upto 17.00 hours
6. Last date/time for receipt of bids in the portal : 05.12.2025 upto 17.00 hours
7. Date of Opening of Tender : 06.12.2025 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in.

OIPR- Sd./- Superintending Engineer Koraput (R&B) Division

No. 13/Stores/2015(17) - 844
**SUBSIDIARY INTELLIGENCE BUREAU**
(Ministry of Home Affairs), Govt. of India
Unit - V, Bidyut Marg, Bhubaneswar
Dated the 25.11.2025
**AUCTION NOTICE**

Sealed quotations are invited from interested bidders for the public auction of the following vehicle of Subsidiary Intelligence Bureau, Ministry of Home Affairs, Govt. of India, Bidyut Marg (Near Special Circuit House), Unit - V, Bhubaneswar - 751001

| Model/Type of Vehicle | Year of Manufacturing | Total Kms. run |
|---|---|---|
| Tata Sumo | 08/2016 | 1,44,170 |

Interested parites may inspect during office hours from 1000 hrs. to 1300 hrs. & 1500 hrs. to 1700 hrs. on any working day on or before Dec. 8, 2025 and submit the sealed quotations by 17.30 hrs. on Dec. 9, 2025 along with a Demand Draft (NOT A/c Payee) of Rs.10,000/- (Rupees ten thousand only) as Earnest Money Deposit (EMD) in favour of DDO, SIB, Bhubaneswar payable at SBI Main Branch, Bhubaneswar. Quotations shall be submitted either by hand or by dak in sealed covers superscribed as "Quotation for office vehicle to be auctioned" and addressed to Assistant Director/E, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2396440. Quotations will be opened in presence of memebrs of the Auction Committee and bidders present on Dec. 10, 2025 at 1100 hrs.
Quotation of the highest bidder will be accpeted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of auctioned vehicle, failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehilce. The Head of the Office reserves the right to cancel any bid without assigning any reason thereof.

Sd./- Assistant Director/E

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand. Ph No.: +91-651-2225878,
CIN: U45200JH2013SGC001752,
e-mail Id-juidcolimited@gmail.com

National Competitive Bidding Tender Notice
NIT No.: JUIDCO/ NIT/ RFP/ ITMS/ 2025 – 677
Date: 25.11.2025

| | | |
|---|---|---|
| 1. | Name of the work | Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand |
| 2. | Tender Fee & EMD Amount (In INR) (to be submitted online only) | Cost of Tender Document: 10,000/- (Rs Ten Thousand Only) EMD Amount: 2,00,000/- (Rupees Two Lakh Only) |
| 3. | Mode of Bid Submission | Online e-tendering (jharkhandtenders.gov.in) |
| 4. | Date of starting of sale of online Tender | 25.11.2025 at 17:00 Hrs |
| 5. | Date of start of submission of online bids | 25.11.2025 at 17:00 Hrs |
| 6. | Date & time of Pre-bid meeting | 4.12.2025 at 15:00 Hrs |
| 7. | Last Date/Time for submission of bids | 16.12.2025 at 17:00 Hrs |
| 8. | Date of online Bid Opening | 17.12.2025 at 17:00 Hrs |
| 9. | Tender fee submission address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi – 834001 |
| 10. | Helpline No. of e-Procurement Cell | 0651 - 2225878 |

Further details are available on Jharkhand Government e-procurement website https://jharkhandtenders.gov.in
Sd/-
Project Director (Technical)
JUIDCO Ltd.
PR 367081 (Urban Development and Housing)25-26*D

# ୧୮ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୫।୧୧ (ସତ୍ୟଜିତ ରାଉତ)

୧୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ମୈତ୍ରୀବିହାର ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂପୁର ଜିଲା କୁଜଙ୍ଗ ଅଞ୍ଚଳର ପ୍ରକାଶ ଚନ୍ଦ୍ର ଦାଶ (୪୩)। କୋର୍ଟଚାଲାଣ ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ୨ବର୍ଷ ତଳେ ହଳଧର ମେହେରଙ୍କ ଠାରୁ ପ୍ରକାଶ ତାଙ୍କ ବ୍ୟବସାୟରେ ନିବେଶ କରିବାକୁ ୨୦ ଲକ୍ଷ ଟଙ୍କା ନେଇଥିଲେ। ମାସିକ ୨ ଶତକଡା ଲାଭ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୨ ଲକ୍ଷ ଟଙ୍କା ଦେଇ ଆଉ ଟଙ୍କା ଦେଇ ନ ଥିଲେ। ଏନେଇ ଏତଲାକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ୨୦୨୪ ନଭେମ୍ବର ୧୧ ମାମଲା (ନଂ.୬୦୬/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ପ୍ରେମ ପାଇଁ ମିଛ କହି ଓଡ଼ିଶା ଆସିଲେ ପୂଜା

## ଆମେରିକାରେ ଓଡ଼ିଆ ପୋଷ୍ୟକନ୍ୟାଙ୍କୁ ନିର୍ଯାତନା ଘଟଣାର ନୂଆ ମୋଡ଼

ଭୁବନେଶ୍ୱର,୨୫।୧୧(ସତ୍ୟଜିତ ରାଉତ)

ଆମେରିକାରେ ଓଡ଼ିଆ ପୋଷ୍ୟକନ୍ୟାଙ୍କୁ ନିର୍ଯାତନା ଘଟଣା ନୂଆ ମୋଡ଼ ନେଇଛି। ପ୍ରେମ ପାଇଁ ଓଡ଼ିଶା ଆସିବାକୁ ପୂଜା ନାୟକ ଓରଫ ସେଜଲ ଜୋହନ(୨୧) ମିଛ ନାଟକ କରିଥିଲେ ବୋଲି ସ୍ପଷ୍ଟ ହୋଇଛି। ପୂଜାଙ୍କୁ ତାଙ୍କ ଆମେରିକୀୟ ପାଳିତା ମା’ କୌଣସି ନିର୍ଯାତନା ଦେଉ ନ ଥିଲେ। ଓଡ଼ିଶାରେ ଥିବା ପ୍ରେମିକଙ୍କୁ ବାହା ହେବାକୁ ପୂଜା ମିଛ ଭିଡିଓ କରି ପଠାଇଥିଲେ। ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ପୂଜା ମଙ୍ଗଳବାର ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଓଡ଼ିଶା ଫେରିବା ପରେ ଏଭଳି ସତକଥା କହି ରହସ୍ୟ ଉନ୍ମୋଚନ କରିଛନ୍ତି। ପୂଜା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଗଣମାଧ୍ୟମକୁ କହିଥିଲେ, ଭିଡିଓରେ ମୁଁ ମିଛ କହିଥିଲି। ମୋ ମା’ ମୋତେ କୌଣସି ନିର୍ଯାତନା ଦେଉ ନ ଥିଲେ। ସେ ବହୁତ ଭଲ। ସତକଥା ହେଲା, ଆମେରିକାର ଜୀବନଶୈଳୀ ମତେ ଭଲ ଲାଗୁ ନ ଥିଲା। ପ୍ରେମିକ ଅମରଙ୍କୁ ବାହା ହୋଇ ଓଡ଼ିଶାରେ ରହିବାକୁ ଚାହୁଁଛି। ୨୦୨୪ ମସିହାରେ ସୋସିଆଲ ମିଡିଆ ଜରିଆରେ ପିଲାଦିନର ସାଙ୍ଗ ଅମରଙ୍କ ସହ ପୁଣି କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଓଡ଼ିଶା ଆସିବାକୁ ଆମେରିକୀୟ ପାଳିତା ମା’ ମୋତେ ଛାଡ଼ିବାକୁ ଚାହୁଁ ନ ଥିବାରୁ ଅମର ସହ ମିଶି ଏଭଳି ମିଛ ନାଟକ ପାଇଁ ଯୋଜନା କରିଥିଲି। ଏଥିପାଇଁ ଆମେରିକାରେ ମୋ ପାଳିତା ମା’ଙ୍କୁ ଆଇନଗତ ସମସ୍ୟା ଭୋଗିବାକୁ ପଡ଼ିଛି। ସରକାର ଏଥିପାଇଁ କିଛି କରିବାକୁ ପୂଜା ଅନୁରୋଧ କରିଛନ୍ତି। ତେବେ ପୂଜା ଓଡ଼ିଶା ଫେରିବା ପରେ ତାଙ୍କୁ ବାଲେଶ୍ୱର ଜିଲା ସମାଜ ମଙ୍ଗଳ ହେପାଜତରେ ରଖାଯାଇଛି।


ପୂଜା ନାୟକ

ସୂଚନା ଅନୁଯାୟୀ, ନଭେମ୍ବର ୭ରେ ପୂଜାଙ୍କୁ ତାଙ୍କ ପାଳିତା ମା’ ନିର୍ଯାତନା ଦେଉଥିବା ଘଟଣା ପ୍ରଚାରିତ ହୋଇଥିଲା। ପୂଜା ବାଲେଶ୍ୱରରେ ରହୁଥିବା ସାଙ୍ଗ ଅମରଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୂଜା ଏକ ଭିଡିଓ ଶେୟାର କରିଥିବା ବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ପାଳିତା ମା’ଙ୍କ ବିରୋଧରେ ମିଛ କାହାଣୀ କହିଥିଲେ। ପୂଜା କହିଥିଲେ, ଛୋଟବେଳେ ମୁଁ ଓଡ଼ିଶାରେ ଥିଲି। ଭୁବନେଶ୍ୱରର ଏକ ହଷ୍ଟେଲରେ ପଢୁଥିଲି। ଏବେ ପାଳିତା ମା’ ମୋତେ ବହୁ କଷ୍ଟ ଦେବା ସହ ଅତ୍ୟାଚାର କରୁଛନ୍ତି। ଘର କାମ ସବୁ କରାଉଛନ୍ତି। ମୁଁ ଆମେରିକାରେ ଏବେ ଖୁସିରେ ନାହିଁ। ମୁଁ ହିନ୍ଦୁ ହୋଇଥିବା ବେଳେ ପାଳିତା ମା’ ଖ୍ରୀଷ୍ଟିଆନ୍ କରିଦେବାକୁ ବାଧ୍ୟ କରୁଛନ୍ତି। ଖାଇବାକୁ ମଧ୍ୟ ଦେଉନାହାନ୍ତି। ଏପରିକି ଦୁଇଥର ହତ୍ୟା ଉଦ୍ୟମ ମଧ୍ୟ କରାଯାଇଛି। ମୁଁ ସ୍କୁଲ ଛୁଟି ଦିନରେ ୧୦ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ଏହି ଟଙ୍କାକୁ ମୋ’ଠାରୁ ନେଇଯାଇଛନ୍ତି। ଧର୍ମ ପରିବର୍ତ୍ତନ ନ କଲେ ସେମାନେ ଜୀବନରୁ ମାରିଦେବାକୁ ଚେତାବନୀ ଦେଇଛନ୍ତି। ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ ଏବଂ ସୁରକ୍ଷିତ ଭାବେ ଓଡ଼ିଶାକୁ ନେଇଯାଆନ୍ତୁ ବୋଲି ପୂଜା ଅନୁରୋଧ କରିଥିଲେ।



ନାରୀ ନିର୍ଯାତନା, ମାଦକ ଦ୍ରବ୍ୟ ଓ ଗଣମାଧ୍ୟମରେ ଅପ ସଂସ୍କୃତି ପ୍ରଚାର ବନ୍ଦ କରିବା ସହ ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଅନୁଷ୍ଠିତ ଗଣ ବିକ୍ଷୋଭ।

# ଦିଲ୍ଲୀ ଚାଲାଣବେଳେ ୫୮ କେଜି ଗଞ୍ଜେଇ ଜବତ

ଭୁବନେଶ୍ୱର, ୨୫। ୧ ୧(ତ୍ରିନାଥ ମହାନ୍ତି)

ଓଡ଼ିଶାରୁ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ ବେଳେ ନୂଆପଲ୍ଲୀ ଥାନା ପୋଲିସ ଦୁର୍ଗମଣ୍ଡପ ବସ୍‌ଷ୍ଟାଣ୍ଡ ନିକଟରୁ ଦୁଇ ଜଣ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫୮ କେଜି ଗଞ୍ଜେଇ ଜବତ କରିଛି। ଜଣଙ୍କ ଘର କନ୍ଧମାଳ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର ଦିଲ୍ଲୀରେ ଜଣାପଡିଛି। ସେମାନଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଉଭୟ କନ୍ଧମାଳରୁ ଗଞ୍ଜେଇ ବ୍ୟାଗ୍‌ରେ ଭର୍ତ୍ତି କରି ବସ୍‌ଯୋଗେ ବରମୁଣ୍ଡା ଆସିଥିଲେ। ସେଠାରୁ ନୂଆପଲ୍ଲୀ ଆସି ଦୁର୍ଗାମଣ୍ଡପ ନିକଟରେ ଗାଡିକୁ ଅପେକ୍ଷା କରିଥିଲେ।

# ଲିଙ୍ଗ ଭୈରବୀ ଦେବୀଙ୍କ ଦିବ୍ୟପୂଜାରେ ଭକ୍ତ ବିଭୋର

ଭୁବନେଶ୍ୱର,୨୫।୧୧(ସୁଚିସ୍ମିତା ସାହୁ)

ଇଶା ଫାଉଣ୍ଡେଶନ ପକ୍ଷରୁ ମା’ ଲିଙ୍ଗଭୈରବୀ ଦେବୀଙ୍କ ଦିବ୍ୟ ପୂଜା ପ୍ରଥମଥର ପାଇଁ ରବିବାର ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିସ୍‌ସ୍ଥିତ କମ୍ପ୍ୟୁଟର ଲାବ ଟାୱାରଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଦୁଇଜଣ ଓଡିଶୀ ନୃତ୍ୟଶିଳ୍ପୀ ଓଡିଶୀ ନୃତ୍ୟରେ ମା’ ଲିଙ୍ଗ ଭୈରବୀଙ୍କୁ ଭକ୍ତି ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସାଉଣ୍ଡସ ଅଫ ଇଶା ଦ୍ୱାରା ମଧ୍ୟ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଦିବ୍ୟ ପୂଜା ଏକ ପବିତ୍ର ଅର୍ପଣ, ମାନବ ଜୀବନରେ ସନ୍ତୁଳନ, ଆନନ୍ଦ, ସୁସ୍ଥତା ଓ ସମନ୍ୱୟ ଆଣିବା ପାଇଁ ଏକ ବିଶେଷ ପ୍ରକ୍ରିୟା। ଏହି ପୂଜାରେ ଯୋଗଦେଇଥିବା ଭକ୍ତମାନେ ଲିଙ୍ଗ ଭୈରବୀଙ୍କ ସନ୍ନିଧିକୁ ଗଭୀର ଭାବେ ଅନୁଭବ କରିଥିଲେ। ପ୍ରଥମଥର ପାଇଁ ପୂଜାରେ ଯୋଗଦେଇଥିବା ସ୍ୱାତୀ ସାହୁ କହିଛନ୍ତି, ଏଠାକାର ପରିବେଶ ମନରେ ଶାନ୍ତି ଭରିବା ସହିତ ଦେବୀଙ୍କ କୃପା ହୃଦୟକୁ ଗଭୀର ଭାବେ ସ୍ପର୍ଶ କରିଦେଉଛି। ଏହି ପୂଜାରେ ୩୦୦ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

# ‘ଦୃଢ଼ ସଙ୍ଗଠକ, ସ୍ୱାଭିମାନୀ ବ୍ୟକ୍ତି ଥିଲେ ଲକ୍ଷ୍ମୀଧର’

ବାଲିଅନ୍ତା,୨୫।୧୧(ନୀଳମାଧବ ସାହୁ)

‘ଧରିତ୍ରୀ’ର ବାଲିଅନ୍ତା ଖବରଦାତା ନୀଳମାଧବ ସାହୁଙ୍କ ବାପା ଲକ୍ଷ୍ମୀଧର ସାହୁ ଓରଫ ଟିକମଙ୍କ ଏକାଦଶାହ ପାଳନ ଅବସରରେ ଏକ ସ୍ମୃତିସଭା ଭୁବନପୁର ବାସଭବନ ସମ୍ମୁଖସ୍ଥ ମା’ ଉତ୍ତରମୁଖୀ ମଣ୍ଡପରେ ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ସ୍ୱର୍ଗତ ଲକ୍ଷ୍ମୀଧର ସାହୁଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ସାହୁଙ୍କୁ ସେ ବଡ଼ଭାଇ ବୋଲି ମାନୁଥିଲେ ବୋଲି କହିଥିଲେ। ଟିକମ ଦରଦୀ ମଣିଷ ଓ ସ୍ୱାଭିମାନୀ ବ୍ୟକ୍ତି ଥିଲେ। ଅନ୍ୟତମ ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ। ସରପଞ୍ଚ କୃଷ୍ଣ କେଶବ ଆପଟ, ପୂର୍ବତନ ଜିଲାପରିଷଦ ସଭ୍ୟ ଧୀରେନ କୁମାର କର, ବରିଷ୍ଠ କଂଗ୍ରେସ ନେତା ବେଣୁଧର ଭୋଇ, ଭାଜପା ନେତା ସିଦ୍ଧେଶ୍ୱର ନାଥ, ବିଜେଡି ନେତା ଅକ୍ଷୟ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ରାଘବ ସେଠୀ, ବିଜେଡି ନେତା ଅକ୍ଷୟ ବେହେରା, ବରିଷ୍ଠ ଖବରଦାତା ବିଭୂତି ଭୂଷଣ କର, ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାସ ଓ ମଙ୍ଗରାଜ ବେହେରା ପ୍ରମୁଖ ଲକ୍ଷ୍ମୀଧରଙ୍କ ସ୍ମୃତିଚାରଣ କରିଥିଲେ।


ଏକାଦଶାହ ସ୍ମୃତିସଭାରେ ଲକ୍ଷ୍ମୀଧରଙ୍କ ଫଟୋଚିତ୍ରରେ ମଲ୍ୟାର୍ପଣ କରାଯାଉଛି।

# ଶୀତକାଳୀନ ଅଧିବେଶନ ପାଇଁ ବିଧାନସଭା ସୁରକ୍ଷା ବଢ଼ିଲା


ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ବିଧାନସଭାର ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି।

## ବିଧାନସଭାରେ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି

- ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ତଦାରଖକଲେ ସିପି, ଡିସିପି
- ୩୩ ପ୍ଲାଟୁନ୍ ଫୋର୍ସ, ଷ୍ଟ୍ରାଇକିଂ ଫୋର୍ସ, ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ

ଭୁବନେଶ୍ୱର,୨୫।୧୧(ତ୍ରିନାଥ ମହାନ୍ତି)

ବିଧାନସଭାର ଶୀତକାଳୀନ ଅଧିବେଶନ ଗୁରୁବାରଠାରୁ ଆରମ୍ଭହେବାକୁ ଯାଉଛି। ଏଥର ବିଧାନସଭା ଅଧିବେଶନରେ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ତେଣୁ ବ୍ଲୁ-ବୁକ୍‌ଗାଇଡ୍‌ଲାଇନ୍ ମୁତାବକ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ସହ ଅତିରିକ୍ତ ସିପି ନରସିଂହ ଭୋଳ ଓ ଡିସିପି ଜଗମୋହନ ମୀନା ବିଧାନସଭା ପରିସର ଏବଂ ଚାରିପଟେ ବୁଲି ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି।

ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ରହିବ। ଏଥିପାଇଁ ୩୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ଏସ୍‌ଟିଏଫ୍, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ୍ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ। ଡିସିପି ସୁରକ୍ଷା ତଦାରଖ ଦାୟିତ୍ୱରେ ଥିବାବେଳେ ତାଙ୍କ ଅଧୀନରେ ୭ଜଣ ଅତିରିକ୍ତ ଡିସିପି, ୨୩ଜଣ ଏସିପି, ୨୬ ଜଣ ଇନ୍‌ସପେକ୍ଟର, ୮୮ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଦାୟିତ୍ୱରେ ରହିବେ। ଏଥିସହ ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜାଯାଇଛି। ସିସିଟିଭି ସର୍ଭିଲାନ୍ସରେ ବିଧାନସଭା ଓ ସଂଲଗ୍ନ ସ୍ଥାନଗୁଡିକୁ ରଖାଯିବ। ୫ଟି ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବାବେଳେ ୨୨୫ ଅଧିକାରୀ ସ୍ଥିତି ଉପରେ ନଜର ରଖିବେ। ଇତିମଧ୍ୟରେ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୋଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି। ଲୋୟର ପିଏମ୍‌ଜିରେ ୧୪୪ ଧାରା ଜାରି କରାଯିବ। ବିକ୍ଷୋଭକାରୀମାନେ ଯେପରି ବିଧାନସଭା ଆଡ଼କୁ ଯାଇ ନ ପାରନ୍ତି, ସେଥିପାଇଁ ପୋଲିସ ଜଗି ରହିଛି। ଏଥିସହ ସାଦା ପୋଷାକଧାରୀ ପୋଲିସ, ଗୋଇନ୍ଦା ପୋଲିସ ବିଧାନସଭା ଆଖପାଖ ଓ ଗାନ୍ଧୀ ମାର୍ଗରେ ପଇଁତରା ମାରିବେ। ସନ୍ଦିଗ୍ଧ ବ୍ୟକ୍ତି ଏବଂ ସନ୍ଦେହଜନକ ପଦାର୍ଥ ଦେଖିଲେ ତୁରନ୍ତ ଜଣାଇବାକୁ କୁହାଯାଇଛି। ବିଗତ ଦିନରେ ଅନେକ ବ୍ୟକ୍ତି ନ୍ୟାୟ ନ ପାଇ ବିଧାନସଭା ଆଗରେ ଆତ୍ମାହୁତି ଉଦ୍ୟମ କରିଥିବା ନଜିର ରହିଛି। ତେଣୁ ପୋଲିସ ଏହା ଉପରେ ମଧ୍ୟ ନଜର ରଖିଛି। କେହି ତୈଳଜାତୀୟ ପଦାର୍ଥ ନେଇ ଯାଉଥିଲେ ତୁରନ୍ତ ଅଟକାଇବାକୁ କୁହାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦିଲ୍ଲୀପ


@ କଣିସ୍


@ ସତ୍ୟବ୍ରତ


@ ଧୀରଜ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଷ୍ଟରମାଇଣ୍ଡ ନିଲେଶଙ୍କୁ ଡିଜିଜିଆଇ ଜେରା

## ୩୨୫ କୋଟିର ଜିଏସ୍‌ଟି ଠକେଇ

ଭୁବନେଶ୍ୱର,୨୫।୧୧(ସତ୍ୟଜିତ ରାଉତ)

ଓଡ଼ିଶାର ବ୍ୟବସାୟୀଙ୍କ ଜିଏସ୍‌ଟି ନମ୍ବରକୁ ବ୍ୟବହାର କରି ୩୨୫ କୋଟି ଟଙ୍କା ଠକେଇ ଘଟଣାରେ ଡିରେକ୍ଟୋରେଟ୍ ଜେନେରାଲ୍ ଅଫ୍ ଜିଏସ୍‌ଟି ଇଣ୍ଟେଲିଜେନ୍ସ (ଡିଜିଜିଆଇ) ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ନିଲେଶ ଯୋଗେଶ ଜିଗିୱାଲାଙ୍କୁ ଜେରା କରାଯାଇଛି। ତଦନ୍ତକାରୀ ଟିମ୍ ମଙ୍ଗଳବାର ଝାରପଡା ସ୍ୱତନ୍ତ୍ର ଜେଲରେ ପହଞ୍ଚି ନିଲେଶଙ୍କୁ ପଚରାଉଚରା କରି ବହୁ ତଥ୍ୟ ହାସଲ କରିଛି। ନଭେମ୍ବର ପ୍ରଥମ ସପ୍ତାହରେ ମୁମ୍ବାଇରୁ ନିଲେଶ ଯୋଗେଶ ଜିଗିୱାଲାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାରେ ପୂର୍ବରୁ ନିଲେଶଙ୍କ ଜଣେ ମହିଳା ସହଯୋଗୀଙ୍କୁ ଗିରଫ କରାଯାଇଥିଲା। ଡିଜିଜିଆଇ ପକ୍ଷରୁ ଉଭୟଙ୍କୁ ରିମାଣ୍ଡରେ ଅଣାଯିବାକୁ ଯୋଜନା କରାଯାଉଛି। ଏହି ମାମଲାରେ ଆହୁରି ଅନେକ ଅଭିଯୁକ୍ତ ରହିଥିବା ବେଳେ ଗୋଇନ୍ଦା ଜିଏସ୍‌ଟି ସେମାନଙ୍କୁ ଖୋଜାଖୋଜି କରି ଅଧିକ ଖୋଳତାଡ ଚଳାଇଛି।

# ଆଦିବାସୀଙ୍କ ଆୟୁର୍ବେଦିକ ଔଷଧ, ଚିକିତ୍ସା ପଦ୍ଧତିର ସଂରକ୍ଷଣ ହେଉ

## ରାଜ୍ୟସ୍ତରୀୟ ଟ୍ରାଇବାଲ୍ ହର୍ବାଲ୍ସ ମିଟ୍

ଭୁବନେଶ୍ୱର, ୨୫।୧୧ (ବନ୍ଦନା ସେଠୀ)

ରାଜ୍ୟସ୍ତରୀୟ ଟ୍ରାଇବାଲ୍ ହର୍ବାଲ୍ସ ମିଟ୍ ମଙ୍ଗଳବାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଟିଆଇ)ରେ ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ଧରି ଚାଲିବାକୁ ଥିବା ଏହା କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନ ଯୋଗଦେଇ କହିଲେ, ଆଦିବାସୀ ଜ୍ଞାନ ପ୍ରଣାଳୀ ଏବଂ ପାରମ୍ପରିକ ପରମ୍ପରାକୁ ସଂରକ୍ଷିତ କରିବା ଆବଶ୍ୟକ। ସେମାନଙ୍କ ଆୟୁର୍ବେଦ ଔଷଧ ଓ ଚିକିତ୍ସା ପଦ୍ଧତିକୁ ଅଧିକ ବ୍ୟାପକ କରିବା ନିମନ୍ତେ ବୈଜ୍ଞାନିକ ଓ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇର ପୂର୍ବତନ ନିର୍ଦ୍ଦେଶକ ତଥା ଜନଜାତି ବିଶେଷଜ୍ଞ ପ୍ରଫେସର ଡ. ଏ.ବି. ଓତା ଯୋଗଦେଇ ଆଦିବାସୀ ଆରୋଗ୍ୟକାରୀଙ୍କ ପାରମ୍ପରିକ ଅଭ୍ୟାସଗୁଡ଼ିକର ବୈଧୀକରଣ କରିବା ନିମନ୍ତେ ମତ ପ୍ରକାଶ କରିବା ସହ ପ୍ରତିଷ୍ଠାନ ମାଧ୍ୟମରେ ବିଭିନ୍ନ ଅନୁଷ୍ଠାନର ମିଳିତ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ରିସର୍ଚ୍ଚ ଡିଭିଜନ ମୁଖ୍ୟ ଡ. ବେଦପ୍ରିୟା ଆର୍ଯ୍ୟା ଆୟୁର୍ବେଦର ସମୃଦ୍ଧ ଐତିହ୍ୟ ଓ ଏହାର ସଂରକ୍ଷଣ ସମ୍ପର୍କରେ କହିବା ସହ ଆୟୁର୍ବେଦ ଔଷଧର ଡକ୍ୟୁମେଣ୍ଟେଶନର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱରୋପ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେଇ ସୁଧାକର ଶବର ପାରମ୍ପରିକ ଔଷଧ ଓ ଚିକିତ୍ସା ପଦ୍ଧତିର ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ।



ଟ୍ରାଇବାଲ୍ ହର୍ବାଲ୍ସ ମିଟ୍‌ରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ବି. ପରମେଶ୍ୱରନଙ୍କ ସହ ଅନ୍ୟ ଅତିଥିମାନେ।

ସୂଚନାଯୋଗ୍ୟ, ଆଦିବାସୀ ଜ୍ଞାନ ପ୍ରଣାଳୀକୁ ସମ୍ମାନିତ କରିବା, ଜ୍ଞାନ ଆଦାନପ୍ରଦାନକୁ ସହଜ କରିବା ଏବଂ ପାରମ୍ପରିକ ଶୈଳୀ ମାଧ୍ୟମରେ ଆଦିବାସୀ ଚିକିତ୍ସା ଅଭ୍ୟାସଗୁଡ଼ିକର ଡକ୍ୟୁମେଣ୍ଟେଶନ ପ୍ରକ୍ରିୟାକୁ ସୁଦୃଢ଼କରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏଥିରେ ଆନ୍ଥ୍ରୋପୋଲୋଜି, ଉଦ୍ଭିଦ ବିଜ୍ଞାନ, ଆୟୁର୍ବେଦ, ଜନସ୍ୱାସ୍ଥ୍ୟ ପ୍ରମୁଖ ବିଶେଷଜ୍ଞଙ୍କ ଦ୍ୱାରା ବୈଷୟିକ ଅଧିବେଶନ ଏବଂ ପ୍ୟାନେଲ ଆଲୋଚନା ହୋଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ, ରାଜ୍ୟ ଔଷଧୀୟ ବୋର୍ଡ, କେନ୍ଦ୍ରୀୟ ଆୟୁର୍ବେଦିକ ବିଜ୍ଞାନ ଗବେଷଣା ପରିଷଦ, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ, ଜୀବବିଜ୍ଞାନ ପ୍ରତିଷ୍ଠାନ, ଏମ୍.ଏସ୍. ସ୍ୱାମୀନାଥନ ଗବେଷଣ ପ୍ରତିଷ୍ଠାନ, ଆୟୁଷ, ଏମ୍ସରୁ ବିଶେଷଜ୍ଞଙ୍କ ସହ ବିଭିନ୍ନ ଜିଲାରୁ ୩୫ଟି ଆଦିବାସୀ ଆରୋଗ୍ୟକାରୀ ସଂସ୍ଥା ଯୋଗଦେଇଛନ୍ତି।

# ଶ୍ରମ ସଂହିତା ସମ୍ପର୍କିତ ସଚେତନତା ଅଭିଯାନ

ଭୁବନେଶ୍ୱର, ୨୫।୧୧ (ବନ୍ଦନା ସେଠୀ)

କେନ୍ଦ୍ର ସରକାର ୨ ଶ୍ରମ ସଂହିତାକୁ କାର୍ଯ୍ୟକାରୀ କରିଛନ୍ତି। ଏନେଇ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ଅଧିକାରୀଙ୍କ ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ମଙ୍ଗଳବାର କଟକ, ଭୁବନେଶ୍ୱର ଏବଂ ଏହାର ଆଖପାଖରେ ପ୍ରମୁଖ ଶିଳ୍ପ ଇଷ୍ଟେଟ୍‌ଗୁଡ଼ିକରେ ଏହି ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ କରିବା ଉପରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଭିଯାନର ଅଂଶ ସ୍ୱରୂପ ଦିନସାରା ୫ଟି ସଚେତନତା ଦଳ ୧୮ଟି ଶିଳ୍ପ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ। ନୂତନ ଶ୍ରମ ସଂହିତା ଢାଞ୍ଚା ଅଧୀନରେ ପରିକଳ୍ପିତ ବର୍ଦ୍ଧିତ ସାମାଜିକ ସୁରକ୍ଷା ପଦକ୍ଷେପ, ସରଳୀକୃତ ଅନୁପାଳନ ପ୍ରକ୍ରିୟା ଏବଂ ବ୍ୟାପକ ଶ୍ରମ କଲ୍ୟାଣ ଲାଭ ବିଷୟରେ ଶ୍ରମିକ, ଶ୍ରମିକ ସଂଘର ପ୍ରତିନିଧି ଏବଂ ପରିଚାଳନା ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା।



ଏକ ଶିଳ୍ପ ପ୍ରତିଷ୍ଠାନରେ ଇପିଏଫ୍ କର୍ମଚାରୀମାନେ ୪ ଶ୍ରମକୋଡ୍ କାର୍ଯ୍ୟକାରିତା ନେଇ ସଚେତନ କରୁଛନ୍ତି।

## ସଂକ୍ଷେପରେ

### ଗୋ'ମାଂସ ଚାଲାଣ ସନ୍ଦେହରେ ଟ୍ରକ୍ ଜବତ, ୨ ଅଟକ

**ବାଣପୁର, ୨୫।୧୧ (ଦିଲୀପ କୁମାର ସ୍ୱାଇଁ)**

ବେଆଇନ ଭାବେ ଗୋ'ମାଂସ ଚାଲାଣ ସନ୍ଦେହରେ ମଙ୍ଗଳବାର ବାଣପୁର ଥାନା ପୋଲିସ ଏକ ଟ୍ରକ୍‌କୁ ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, କୋଲକାତାରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା ଏକ ଟ୍ରକରେ ଗୋ'ମାଂସ ଚାଲାଣ ହେଉଥିବା ସନ୍ଦେହରେ ବାଣପୁର-ବାଲୁଗାଁ ବାଇପାସର ଧୂଆଁଳ ଓଭରବ୍ରିଜ ନିକଟରେ କେତେଜଣ ଯୁବକ ଗାଡ଼ିକୁ ଅଟକାଇ ପଚରାଉଚରା କରିବା ସହ ପ୍ୟାକେଟରେ ମାଂସ ରହିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହ ଚାଳକ ଏବଂ ହେଲ୍ପରଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ଟ୍ରକରେ ପ୍ରାୟ ୬ଟନ ମାଂସ ଭଳି ପଦାର୍ଥ ରହିଛି। ତେବେ ଏହା ମୃତ ପ୍ରାଣୀଙ୍କ କଲିଜା ଓ ଅବଶେଷ ହୋଇଥିବା ବେଳେ ଔଷଧୀୟ ବ୍ୟବହାର ପାଇଁ ଏହା ଯାଉଥିବା ଟ୍ରକ ଚାଳକ କହିବା ସହ କାଗଜପତ୍ର ପୋଲିସକୁ ଦେଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ବେଳେ କାଗଜପତ୍ର ଯାଞ୍ଚ ସହ ଟ୍ରକରେ ଥିବା ସାମଗ୍ରୀର ରାସାୟନିକ ପରୀକ୍ଷଣ ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ପୋଲିସ କହିଛି।

### ବିଜ୍ଞାନମେଳାରେ ୫୦ ପ୍ରକଳ୍ପ

**ଟାଙ୍ଗୀ, ୨୫।୧୧ (ରଘୁନାଥ ସାହୁ)**

ଟାଙ୍ଗୀସ୍ଥିତ ରାମକୃଷ୍ଣ ଶିକ୍ଷାକେନ୍ଦ୍ର ପରିସରରେ ୨୮ତମ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁଙ୍କ ପୌରୋହିତ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ସାହୁ, ଅବସରପ୍ରାପ୍ତ ସହ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଚାରକ ଭାବେ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପ୍ରଧାନଆଚାର୍ଯ୍ୟ ମୋନାଲି ଦାସ, ବିଜ୍ଞାନ ଶିକ୍ଷୟିତ୍ରୀ ଆରତୀ ସାହୁ, ପ୍ରିୟଙ୍କା ସାହୁ ପ୍ରମୁଖ ପ୍ରକଳ୍ପ ମୂଲ୍ୟାୟନରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ୫୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ମହାରଣା, ସନ୍ତୋଷୀ ବେହେରା, ଦେବଯାନୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

### ଏନ୍‌ସିସି ଦିବସ ପାଳିତ

**ବାଲୁଗାଁ, ୨୫।୧୧ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ୭୮ତମ ଏନ୍‌ସିସି ଦିବସ ଗତ ରବିବାର ପାଳିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥିଭାବେ ପୂର୍ବତନ ଏନ୍‌ସିସି ଅଧିକାରୀ ଲେଫ୍ଟନାଣ୍ଟ ଅକ୍ଷୟ ମିଶ୍ର ଏବଂ କାର୍ଯ୍ୟାଳୟ ମୁଖ୍ୟ ସୁଧାକର ନାୟକ ଯୋଗଦେଇଥିଲେ। ଏନ୍‌ସିସି ଅଧିକାରୀ ଅଧ୍ୟାପକ ଚନ୍ଦନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଏହାପରେ ଏନ୍‌ସିସି ପତାକା ଉତ୍ତୋଳନ କରାଯାଇଥିଲା। ଅତିଥି ଭାବେ ଅକ୍ଷୟ ମିଶ୍ର ଓ ସୁଧାକର ନାୟକ ଯୋଗ ଦେଇଥିଲେ। ଅତିଥିମାନେ କ୍ୟାଡେଟ ଦେବାଶିଷ ପାଢ଼ୀଙ୍କୁ ଜୁନିଅର ଅଣ୍ଡର ଅଫିସର, ଟ୍ୱିଙ୍କିଲ ପ୍ରଧାନଙ୍କୁ କ୍ୱାର୍ଟର ମାଷ୍ଟର, ଆୟୁଷ ରୋନାଲି ଜେନାଙ୍କୁ କର୍ପୋରାଲ ଏବଂ ଆଲୋକ ସ୍ୱାଇଁଙ୍କୁ ଲାନ୍ସ କର୍ପୋରାଲ ରିଆଙ୍କ ପ୍ରଦାନ କରି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଅଭିନନ୍ଦନ ଜଣାଇଥିଲେ। କ୍ୟାଡେଟମାନେ ଏନ୍‌ସିସିର ଶୃଙ୍ଖଳା ଅନୁସରଣ କରିବା ପାଇଁ ଶପଥ ପାଠ କରିଥିଲେ।

# ଆଇନଶୃଙ୍ଖଳାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

## ନିଖୋଜ ନାବାଳିକା ଖୋର୍ଦ୍ଧା ମେଡିକାଲରୁ ଉଦ୍ଧାର ଘଟଣା

**ଖୋର୍ଦ୍ଧା, ୨୫।୧୧ (ପ୍ରଭାତ ପାଣିଗ୍ରାହୀ)**

ବାଘମାରୀ ଥାନା ଅଞ୍ଚଳରୁ ୧୬ ବର୍ଷୀୟା ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଘଟଣାକୁ ସପ୍ତାହେ ବିତିଲାଣି। ଏହି ଘଟଣାରେ ଏପର୍ଯ୍ୟନ୍ତ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବା ବେଳେ ଏ ସଂକ୍ରାନ୍ତରେ ଥାନା ଅଧିକାରୀ କିମ୍ବା କୌଣସି ଜିଲାସ୍ତରୀୟ ଅଧିକାରୀ ମୁହଁ ଖୋଲିବାକୁ ନାରାଜ। ଅନ୍ୟପକ୍ଷରେ ଜିଲାରେ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ବିଜେଡି ଏବଂ କଂଗ୍ରେସ ପ୍ରଶ୍ନ ଉଠାଇଛନ୍ତି। ଆଇନମନ୍ତ୍ରୀଙ୍କ ଜିଲାରେ ଏଭଳି ଘଟଣା ଘଟିଥିଲେ ମଧ୍ୟ ମନ୍ତ୍ରୀ କାହିଁକି ଚୁପ୍ ବସିଛନ୍ତି ବୋଲି ଜିଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଏବଂ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ମଧ୍ୟ ସମାଲୋଚନା କରିଛନ୍ତି। ବର୍ତ୍ତମାନର ସରକାର ଅମଳରେ ନାରୀ ନିର୍ଯାତନା ବଢ଼ିଚାଲିଛି। ସମ୍ପୃକ୍ତା ନାବାଳିକାଙ୍କୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବା ବେଳେ ଶାସକଦଳ ନୀରବ କାହିଁକି ବୋଲି ରାଜେନ୍ଦ୍ର କହିଛନ୍ତି। ସେହିପରି ଏହି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜ X ଆକାଉଣ୍ଟରେ ସରକାରଙ୍କୁ ସମାଲୋଚନା କରିଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି। କଂଗ୍ରେସ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଯେଉଁଭଳି ନାଟକୀୟ ଢଙ୍ଗରେ ମୁଖ୍ୟ ଅଭିଯୁକ୍ତ ଅନ୍ୟ ୪ଜଣଙ୍କ ସାଥିରେ ଦିନ ଦ୍ୱିପ୍ରହରରେ ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ ଭଳି ଏକ ଜନଗହଳି ଅଞ୍ଚଳରୁ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରିନେବା ଘଟଣା ପୋଲିସ ପ୍ରଶାସନର ଅପରାଗତା ଏବଂ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ପ୍ରମାଣ ଦେଉଛି। ନାବାଳିକାଙ୍କୁ ମୁମୂର୍ଷୁ ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଛାଡ଼ିଦେଇ ଅଭିଯୁକ୍ତମାନେ ପଳାଇଗଲେ। ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ବି ଭଲ ନ ଥିବା ବେଳେ ପରିବାରଲୋକେ ମାନସିକ ସ୍ତରରେ ଭାଙ୍ଗି ପଡିଛନ୍ତି। ଜଣେ ନାବାଳିକାଙ୍କୁ ନ୍ୟାୟ ଦେବାରେ ସରକାରଙ୍କ କିଭଳି ମନୋଭାବ ରହିଛି, ତାହାର ଜ୍ୱଳନ୍ତ ପ୍ରମାଣ ବୋଲି କହିଛନ୍ତି ସୋନାଲି। ସେହିପରି ବେଗୁନିଆ ବିଧାୟକ ପ୍ରଦୀପ ସାହୁ କହିଛନ୍ତି, ଏହି ଘଟଣା ଜାଣିବା ପରେ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ପୀଡ଼ିତାଙ୍କ ପରିବାର ସହ ଆଲୋଚନା କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏସ୍‌ପିଙ୍କୁ ଜଣାଇଛି। ବର୍ତ୍ତମାନର ସରକାର ଅମଳରେ ନାରୀ ନିର୍ଯାତନା ବଢ଼ିଚାଲିଛି। ଘଟଣା ସମ୍ପର୍କରେ ଆଗାମୀ ବିଧାନସଭାରେ ସରକାରଙ୍କୁ ପ୍ରଶ୍ନ କରିବେ ବୋଲି ସାହୁ କହିଛନ୍ତି। ସେହିପରି ସ୍ଥଳସେନାର ଅବସରପ୍ରାପ୍ତ କର୍ଣ୍ଣେଲ୍ ଅରୁଣ ରାଉତରାୟ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ମେଡିକାଲ ରିପୋର୍ଟ ଏବେ ସୁଦ୍ଧା ପୋଲିସର ହସ୍ତଗତ ହୋଇ ନ ଥିବା ଜଣାପଡିଛି। ଏହି ଘଟଣାରେ ଏସ୍‌ପି ତ୍ୱରିତ ପଦକ୍ଷେପ ନିଅନ୍ତୁ। ଅନ୍ୟ ପକ୍ଷରେ ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୀଡ଼ିତା ପୋଲିସକୁ ଦେଇଥିବା ବୟାନ ଏବଂ ପରିବାର ଲୋକଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ କାହିଁକି ଗିରଫ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ଜିଲାସ୍ତରୀୟ ପ୍ରତିଯୋଗିତାକୁ ୭ ମନୋନୀତ



ବେଗୁନିଆ ବ୍ଲକସ୍ତରୀୟ ଯୁବ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ବେଗୁନିଆ ବ୍ଲକସ୍ତରୀୟ ଯୁବ ଉତ୍ସବ

**ବେଗୁନିଆ, ୨୫।୧୧ (ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ଯୁବ ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଯୁବବର୍ଗମାନଙ୍କ ମଧ୍ୟରେ ଜାତୀୟ ସଂହତି, ବିଶ୍ୱ ଭ୍ରାତୃତ୍ୱ, ସାହସ ଓ ପରାକ୍ରମ ଲକ୍ଷ୍ୟ ନେଇ ଅନୁଷ୍ଠିତ ଏହି ଉତ୍ସବରେ ଆୟୋଜକ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ସଭାପତିତ୍ୱ କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଏବିଓ କୈଳାସ ଚନ୍ଦ୍ର ସେଠୀ, ଅଧ୍ୟାପକ ବିଧୁଭୂଷଣ ରାଉତ, ଜୟକୃଷ୍ଣ ପାଣିଗ୍ରାହୀ, ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବିକଶିତ ରାଷ୍ଟ୍ରର ଯୁବ ବର୍ଗ ହେଉଛନ୍ତି ଆଗଧାଡ଼ିର ବିନ୍ଧାଣି। ସତ୍ୟ, ଧର୍ମ ଓ ନ୍ୟାୟ ପଥର ପଥିକ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏଥିରେ ବ୍ଲକର ବେଗୁନିଆ, ଗଡ଼ମାଣତୀର ଏବଂ କଣ୍ଟାବାଡ଼ ଡିଗ୍ରୀ ପ୍ରାପ୍ତ ମହାବିଦ୍ୟାଳୟର ୧୧୫ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତାକୁ ଚୟନ ହୋଇଥିବା ୭ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦଳଗତ ଲୋକଗୀତରେ ଛାତ୍ରୀ ଲିପ୍ସା ରାଣୀ କର, ଦଳଗତ ଲୋକ ନୃତ୍ୟରେ ପୁଷ୍ପଲତା ମୁଦୁଲି, ବକ୍ତୃତାରେ ଶିଳ୍ପା ବେହେରା, ଗଳ୍ପ ଲିଖନରେ ଅର୍ପିତା ମହାନ୍ତି, ପେଣ୍ଟିଂରେ ପ୍ରଳୟ ନାୟକ, କବିତା ଲିଖନରେ ଶୁଭଙ୍କର ବଳିୟାରସିଂହ ଏବଂ ବିଜ୍ଞାନ ମେଳାରେ ଅର୍ଚ୍ଚିତା ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅଧ୍ୟାପିକା ସ୍ମିତିମୟୀ ବସନ୍ତିଆ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ସରୋଜ ବେହେରା, ହେମନ୍ତ ସାହୁ, ସଞ୍ଜୟ ନାୟକ, ସନ୍ଧ୍ୟାରାଣୀ ରଥ, ଅଧ୍ୟାପକ ଡ. ସତ୍ୟଜିତ ଦାସ, ଶୁଭେନ୍ଦୁ ପଟ୍ଟନାୟକ, ସୁବାସ ମେଲକା, ଦିବ୍ୟଜ୍ୟୋତି ରାୟ, ଲୋହିତାକ୍ଷ ମେହେର, ସଂଗ୍ରାମ ଜୟସିଂହ, ସଲିଳ କୁମାର ବଡ଼ଜେନା, ଉମେଶ ମହନ୍ତ, ଅଧ୍ୟାପିକା ମୋନାଲିସା ପାତ୍ର, ପ୍ରିୟମ୍ବଦା ବେହେରା, ନମିତାରାଣୀ ମହାରଣା, ମୋନାଲି ବେହେରା, ଆରାଧନା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବେଗୁନିଆ, ୨୫।୧୧ (ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପରିସରରୁ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ୍ୟ ପରିକ୍ରମା କରି କ୍ରୀଡ଼ା ପ୍ରତିଯୋଗିତା ସ୍ଥଳରେ ପହଞ୍ଚିଥିଲା। ସେଠାରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବା ପରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଖୋର୍ଦ୍ଧା ଜିଲା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା ଏବଂ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ ବାହିନୀପତି, ସଭ୍ୟ ସରୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରାଙ୍କ ସମେତ ଆଚାର୍ଯ୍ୟା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଏକତା ପଦଯାତ୍ରା

**ଟାଙ୍ଗୀ, ୨୫।୧୧ (ରଘୁନାଥ ସାହୁ)**

ନୟାଗଡ଼ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର, ବାଚସ୍ପତି ସୁରମା ପାଢ଼ୀ, ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରାଙ୍କ ଉପସ୍ଥିତିରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦପୁର ଥାନା ଆରକ୍ଷୀ ନିରୀକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ପରାମର୍ଶକ୍ରମେ ବାଳକୃଷ୍ଣ ବିଦ୍ୟାପୀଠ କେରାଣ୍ଡାଟାଙ୍ଗୀ ଏବଂ ରଘୁଦିବାକର ଉଚ୍ଚ ବିଦ୍ୟାଳୟ କନ୍ଦନୟାଗଡ଼ର ୪୬ଜଣ ସ୍କାଉଟ ଗାଇଡ୍, ଜେଆରସି ଛାତ୍ରୀଛାତ୍ର ପୋଲିସ ବାହିନୀକୁ ସହାୟତା ଯୋଗାଇ ଦେଇଥିଲେ। ଜିଲା ସଂଯୋଜକ କବ ମାଷ୍ଟର ରବୀନ୍ଦ୍ର କୁମାର ନାୟକ, ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ରାଉତରାୟ, ଶ୍ରୀନିବାସ ସାମନ୍ତରାୟ, ଗୋବର୍ଦ୍ଧନ ବେହେରା, ଶିକ୍ଷୟିତ୍ରୀ ଦେବକୀ ନାହାକଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ସ୍ଥାନ ଶୃଙ୍ଖଳା ଏବଂ ସଭାସ୍ଥଳୀରେ ଶୃଙ୍ଖଳା ରକ୍ଷାକରିଥିଲେ।

# 'ବାଂଲାଦେଶୀ ହଟାଅ, ଜୀବିକା ବଞ୍ଚାଅ'

**ଜଟଣୀ, ୨୫।୧୧ (ରବୀନ୍ଦ୍ରନାଥ ମହାକୁଡ଼)**


ଉତ୍କଳ ଭାରତୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବାହାରିଥିବା ପଦଯାତ୍ରା।

ସାରା ରାଜ୍ୟରେ ବାଂଲାଦେଶୀ ଯାଞ୍ଚ ପ୍ରକ୍ରିୟା ଜୋର୍‌ଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜଟଣୀ ସହରରେ ଉତ୍କଳ ଭାରତୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ବାଂଲାଦେଶୀ ହଟାଅ, ଜୀବିକା ବଞ୍ଚାଅ ଅଭିଯାନ ନେଇ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମା'ଡମଣେଇ ମନ୍ଦିର ପରିସରରୁ ଏହି ପଦଯାତ୍ରା ବାହାରି ହରିଭାଇନା ଛକ, ମ୍ୟୁନିସିପାଲିଟି ଛକ, ମହୁଲଗୁଡ଼ିଆ ଛକ, ଥାନା ଛକ, ମସ୍‌ଜିଦ ଛକ ଏବଂ ସୀତାରାମ ଛକ ଦେଇ ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଶତାଧିକ ଶ୍ରମିକ, କାରିଗର ଯୋଗଦେଇ ପ୍ଲାକାର୍ଡ ଧରି ବାଂଲାଦେଶୀ ହଟାଅ, ଜୀବିକା ବଞ୍ଚାଅ ନାରା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗିରିଶ ମହାରଣା, ଉପଦେଷ୍ଟା ରମେଶ କୁମାର ଦାଶ, ସମ୍ପାଦକ ପ୍ରଫୁଲ୍ଲ କୁମାର ମହାରଣାଙ୍କ ସମେତ ବହୁ ସ୍ଥାନୀୟ ନେତୃମଣ୍ଡଳୀ ଯୋଗଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ବିକଶିତ ଭାରତର ୯ ସଂକଳ୍ପ ନେଇ ସାଇକେଲରେ ୪ ଧାମ ଯାତ୍ରା

**ଖୋର୍ଦ୍ଧା, ୨୫।୧୧ (ପ୍ରଭାତ ପାଣିଗ୍ରାହୀ)**


ଦୀପକ ଶର୍ମା

ହରିୟାଣା ପାନିପଥ ଜିଲା ସୌନ୍ଦାପୁର ଗ୍ରାମର ଦୀପକ ଶର୍ମା। ସେଠକାର ଏକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ବିକଶିତ ଭାରତର ୯ଟି ସଂକଳ୍ପ ନେଇ ସେ ପାନିପଥରୁ ସାଇକେଲରେ ୪ଧାମ ଯାତ୍ରା କରୁଛନ୍ତି। ସେ ବ୍ରହ୍ମପୁର ଦେଇ ମଙ୍ଗଳବାର ଅପରାହ୍ନରେ ଖୋର୍ଦ୍ଧାରେ ପହଞ୍ଚିଛନ୍ତି। ଦୀପକ କହିଛନ୍ତି ଯେ, କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୧ଜଣ ଭାରତୀୟଙ୍କ ମୃତ୍ୟୁ ତାଙ୍କୁ ଗଭୀର ଭାବେ ଆଘାତ ଲାଗିଥିଲା। ଏହାର ପ୍ରତିଦାନ ସ୍ୱରୂପ ଭାରତ ସରକାରଙ୍କ ଅପରେସନ ସିନ୍ଦୂର ଭାରତର ସ୍ୱାଭିମାନ ଏବଂ ବାୟୁ ଓ ସ୍ଥଳ ସେନାର ବଳିଷ୍ଠ ପଦକ୍ଷେପ ରହିଥିଲା। ତେବେ ଏହି ଅଭିଯାନ ସମ୍ପର୍କରେ ଭାରତବର୍ଷରେ ବ୍ୟାପକ ଜନ ଜାଗରଣ, ଉତ୍ତରରୁ ଦକ୍ଷିଣ ଭାରତ ଏବଂ ପୂର୍ବରୁ ପଶ୍ଚିମ ଭାରତରେ ଆତ୍ମୀୟତା, ସ୍ନେହଶ୍ରଦ୍ଧାର ଭାବ ବିନିମୟ, ଭାରତୀୟ ସଂସ୍କୃତି, ଐକ୍ୟତାର ପ୍ରଚାର ତଥା ବିକଶିତ ଭାରତ ଅନ୍ତର୍ଗତ ୯ଟି ସଂକଳ୍ପ ଯଥା ଆତ୍ମନିର୍ଭର ଭାରତ, ଜଳ ଓ ପର୍ଯ୍ୟାବରଣ ସଂରକ୍ଷଣ, ଗୋଟିଏ ଚାରା ପ୍ରକୃତି ପାଇଁ, ସ୍ୱଚ୍ଛଭାରତ, ସ୍ୱଦେଶୀ ବ୍ୟବହାର, ପାରମ୍ପରିକ ଜୈବିକ କୃଷିର ବହୁଳ ପ୍ରଚାର ପ୍ରସାର, ସୁସ୍ଥ ଜୀବନଯାପନ, ଶାରୀରିକ କ୍ରୀଡ଼ା ଏବଂ ଯୋଗର ପ୍ରଚାର ତଥା ତଳସ୍ତରରେ ଲୋକଙ୍କୁ ସହାୟତା ଆଦି ଲକ୍ଷ୍ୟ ନେଇ ସେ ଏହି ଯାତ୍ରା ଆରମ୍ଭ କରିଛନ୍ତି। ଗତ ମେ ୨୫ରେ ପାନିପଥଠାରୁ ବାହାରିଥିଲେ। ଆସନ୍ତା ୨୦୨୬ ମେ ରେ ତାଙ୍କର ଏହି ଯାତ୍ରା ସମାପନ ହେବ। ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ମହାପାତ୍ର, ସହ ପ୍ରଧାନାଚାର୍ଯ୍ୟ ପ୍ରଭାକର ସ୍ୱାଇଁ, ପରିଚାଳନା ସମିତି ସମ୍ପାଦକ ଅଜିତ ପଟ୍ଟନାୟକ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଦୀପକ ଶିଶୁ ବିଦ୍ୟାମନ୍ଦିରରେ ଉଦ୍‌ବୋଧନ ଦେବା ସହ ପିଲାଙ୍କୁ ରାଷ୍ଟ୍ର ସେବାରେ ନିୟୋଜିତ ହେବା ଲାଗି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ଥିଲେ। ବୁଧବାର ସେ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିବେ।

### ମାଙ୍କଡ଼ କାମୁଡ଼ାରେ ଜଣେ ଗୁରୁତର

**ନିରାକାରପୁର, ୨୫।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଅଞ୍ଚଳରେ ମଙ୍ଗଳବାର ମାଙ୍କଡ଼ କାମୁଡ଼ାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନିରାକାରପୁର ପଞ୍ଚାୟତ ଗେଟ୍ ବଜାରର ଭାଗୀରଥି ପ୍ରଧାନ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ଭାଗୀରଥି ସ୍ଥାନୀୟ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଜଣେ କର୍ମଚାରୀ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ସକାଳ ୬ଟାରେ ଭାଗୀରଥି ବାଡ଼ିରେ ଥିବା ଶୌଚାଳୟକୁ ଯାଇ ଫେରୁଥିବା ବେଳେ ହଠାତ୍ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା। ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚିବାରୁ ମାଙ୍କଡ଼ଟି ପଳାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ କସିଶ


@ ଧୀରଜ


@ ଦିଲୀପ


@ ସତ୍ୟବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୟାବନ୍ଧ ଫୁଟ୍‌ବଲ ଟୁର୍ନାମେଣ୍ଟ
# ଏଜି କ୍ଲବ୍ ଖୋର୍ଦ୍ଧା ବିଜୟୀ

**ନିରାକାରପୁର, ୨୫।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଗୟାବନ୍ଧ ଖେଳପଡ଼ିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ଏଜି କ୍ଲବ୍ ଖୋର୍ଦ୍ଧା ଏବଂ ୭୨ ବାରଙ୍ଗ ଫୁଟ୍‌ବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ୩-୦ ଗୋଲରେ ଏଜି କ୍ଲବ୍ ଖୋର୍ଦ୍ଧା ବିଜୟୀ ହୋଇଛି। ଶରତ କୁମାର ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର, ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଆଇନଜୀବୀ ଶିଶିର କୁମାର ପରିଡ଼ା, ସାମାଜିକ କର୍ମୀ ସନ୍ତୋଷ କୁମାର ଦଳେଇ, ସତ୍ୟପୀର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସୁବୋଧ କୁମାର ଭୋଳ, ରଜାକ ଖାଁ, ନବକିଶୋର ଭୁଜବଳ, ଭାଗୀରଥି ଭୁଜବଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଯଦୁମଣି ସ୍ପୋର୍ଟ୍ସ କ୍ଲବ୍ ଇଟାମାଟି ଏବଂ ଜଟଣୀ କୁସୁମାଟି ଫୁଟ୍‌ବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

# ଯଦୁପୁର, ମଞ୍ଚେଶ୍ୱର ବିଜୟୀ

## କୁମାରବସ୍ତ ଲୋକନାଥଦେବ କ୍ରିକେଟ୍ ଟୁର୍ନାମେଣ୍ଟ

**ଖୋର୍ଦ୍ଧା, ୨୫।୧୧ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥଦେବ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଦୁଇଟି ମ୍ୟାଚରେ ଯଦୁପୁର ଏବଂ ମଞ୍ଚେଶ୍ୱର ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଯଦୁପୁର ଏବଂ ଗଙ୍ଗପଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଗଙ୍ଗପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୦୨ରନ ସଂଗ୍ରହ କରିଥିଲା। ଜବାବରେ ଯଦୁପୁର ଟିମ୍ ୧୨ ଓଭରରେ ୧୦୫ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ମହମ୍ମଦ ତବ୍ରିଜଙ୍କୁ ସାମାଜିକ କର୍ମୀ ନରେନ୍ଦ୍ର ବରାଳ ପୁରସ୍କୃତ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ମଞ୍ଚେଶ୍ୱର ଏବଂ ଢେଙ୍କାନାଳ ଟିମ୍ ମଧ୍ୟରେ ହୋଇଥିଲା। ମଞ୍ଚେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୭.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାକେଶ ସାହୁ ୫୧ରନ ସଂଗ୍ରହ କରିଥିଲେ। ଜବାବରେ ଢେଙ୍କାନାଳ ଟିମ୍ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୮୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ମନୋଜ ବାରିକ ୩ଟି ଉଇକେଟ ନେଇ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇ ସାମାଜିକ କର୍ମୀ ଗୋବର୍ଦ୍ଧନ ହାତୀ ଏବଂ ସଞ୍ଜୟ ପାଇକରାୟଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ତୁଷାରକାନ୍ତ ସୁନ୍ଦରାୟ, ପ୍ରୀତିରଞ୍ଜନ ବିଜୟସିଂ, ସାନୁଜ ବିଶ୍ୱାଳ ଓ ଆଲୋକ ରଞ୍ଜନ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ସାହୁ, ଅଭିଜିତ୍ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଚୁଆ ଓ ଅମିୟ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। କାଜଲ ବଳିୟାରସିଂ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ସୁଆଙ୍ଗ ଏବଂ ମୁକୁନ୍ଦପ୍ରସାଦ, ଦ୍ୱିତୀୟ ମ୍ୟାଚ ଅତ୍ରି ଏବଂ ମଞ୍ଚେଶ୍ୱର ଟିମ୍ ମଧ୍ୟରେ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା ସୂଚନା ଦେଇଛନ୍ତି।

# ଦେବୀ ନାସିରେ ମରିପଡ଼ିଛନ୍ତି ଅଲିଭ୍ ରିଡ୍‌ଲେ

ଅସ୍ତରଙ୍ଗ/କାକଟପୁର,୨୫।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ଚିତ୍ର କିନ୍ତୁ ଓଲଟା। ଅସ୍ତରଙ୍ଗ ଅଞ୍ଚଳରେ ମତ୍ସ୍ୟ ବିଭାଗ ପାଖରେ ଆବଶ୍ୟକ ସଂଖ୍ୟକ ଟ୍ରଲର ନ ଥିବାରୁ ଚଳିତ ବର୍ଷ ବନ ବିଭାଗ ତରଫରୁ ଠିକ୍ ଭାବେ ପାଟ୍ରୋଲିଂ କରାଯାଇପାରୁନାହିଁ। ଏଭଳି ସ୍ଥିତିରେ ଦେବୀ ନଦୀର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ଅନେକ ଟ୍ରଲର ଚଳାଚଳ କରୁଥିବା ଦେଖିବବାକୁ ମିଳିଛି। ଫଳରେ ଟ୍ରଲର ମାଡ଼ରେ ଅଲିଭ ରିଡଲେ କଇଁଛଙ୍କ ମୃତ୍ୟୁ ଘଟୁଛି। ଅସ୍ତରଙ୍ଗ ଅଞ୍ଚଳର ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ନୂଆଗଡ଼ ଜେଟି ନିକଟରେ ଅନେକ ମୃତ କଇଁଛ ଭାସୁଥିବା ମଙ୍ଗଳବାର ଦେଖିବାକୁ ମିଳିଛି। ତେବେ ଏ ସଂକ୍ରାନ୍ତ ତଥ୍ୟକୁ ଘଣ୍ଟ ଘୋଡ଼ାଇବା


ମୃତ କଇଁଛକୁ ବାଲିରେ ପୋତାଯାଉଛି ।

ପାଇଁ ମୃତ କଇଁଛଗୁଡ଼ିକୁ ନଦୀବାଲିରେ ପୋତି ଦିଆଯାଉଛି। ଗୋଟିଏ ପଟେ ବନବିଭାଗର ଅବହେଳା, ଅନ୍ୟପଟେ ଦେବୀ ନଦୀ ମୁହାଁଣଠାରୁ କେଲୁଣୀ ମୁହାଁଣ ପର୍ଯ୍ୟନ୍ତ ଅନେକାଂଶରେ ମୁକୁଳା ପଡ଼ିଛି। ୪୦ରୁ ୫୦ପ୍ରତିଶତ ଅଲିଭ ରିଡ୍‌ଲେ ଦେବୀ ନଦୀ ଦ୍ୱୀପ ନିକଟରେ ସମାଗମ ହୋଇଥାନ୍ତି। ନଭେମ୍ବର

## ସୁରକ୍ଷା ପାଇଁ ପଦକ୍ଷେପ ଦାବି

୧ରୁ ମେ ୩୧ ଯାଏ.ଦୀର୍ଘ ୬ମାସରୁ ଉର୍ଦ୍ଧ୍ୱ ସମୟ ଧରି ଦେବୀ ମୁହାଁଣ ଠାରୁ କେଲୁଣୀ ପର୍ଯ୍ୟନ୍ତ ଟ୍ରଲର ଚଳାଚଳ ଓ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଏହି ସମୟରେ କଇଁଛଙ୍କୁ ସୁରକ୍ଷା ଯୋଗାଇଦେବାକୁ ସବୁ ସ୍ତରରେ ଗୁରୁତ୍ୱାରୋପ କରାଯାଉଥିବାବେଳେ ସରକାରଙ୍କ ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଛି। ମାତ୍ର ବିଭାଗୀୟ ସ୍ତରରେ ତ୍ରୁଟି ଥିବାରୁ କଇଁଛଙ୍କୁ ଏକ ପ୍ରକାର ବିପଦ ମୁହଁକୁ ଠେଲିଦିଆଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ପୀରଜାହାନିଆ ସମୁଦ୍ରକୂଳ ଠାରୁ ଅଳ୍ପ କିଛି ଦୂରରେ ପ୍ରତ୍ୟେକ ଦିନ ଟ୍ରଲରଗୁଡ଼ିକ ମାଛ ଧରୁଥିଲେ ବି ପ୍ରଶାସନ ଚୁପ୍ ବସିଛି। କୂଳରୁ ୨୦ କିଲୋମିଟର ଗଭୀର ସମୁଦ୍ର ଯାଏ ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ରହିଛି। ହେଲେ ମତ୍ସ୍ୟଜୀବୀ ଏହାକୁ ମାନୁନାହାନ୍ତି। ଗୋଟିଏ ପଟରୁ ଆରପଟକୁ ଯାଇ ବେଆଇନ ଟ୍ରଲର ଧରିବା ନିମନ୍ତେ ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ ଲାଗିବ। ବନବିଭାଗ ପାଖରେ ବଡ଼ଧରଣର ହାଇସ୍ପିଡ୍ ବୋଟ ନାହିଁ। ନିଷିଦ୍ଧାଞ୍ଚଳରେ ଫିସିଂ କରୁଥିବା ଟ୍ରଲରଗୁଡ଼ିକ ଗଳାବାଟ ଦେଇ ଖସିଯାଉଥିବା ଅଭିଯୋଗ ହେଉଛି। ଏ ନେଇ ପରିବେଶବିତ୍ ସରୋଜ କୁମାର ଜେନା ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଅସ୍ତରଙ୍ଗ ବନ ବିଭାଗ ଓ ମତ୍ସ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ମତ୍ସ୍ୟଜୀବୀଙ୍କ ଉପରେ ନଜର ରଖାଯାଇଛି ବୋଲି ସୂଚନା ଦିଆଯାଇଛି।



ସମ୍ବିଧାନ ଦିବସ ଉପଲକ୍ଷେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

# ଆଜି ଘୋଡ଼ଲାଗି ହେବେ ମହାପ୍ରଭୁ

ପୁରୀ,୨୫।୧୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ଘୋଡ଼ଲାଗି ନୀତି ଅନୁଷ୍ଠିତ ହେବ। ଏହା ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ରାତ୍ରଚନ୍ଦନ ଲାଗି ବଢ଼ିବା ପରେ ପଠନୀ, ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ ମଦନ ମୋହନ, ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗମଣ୍ଡପ ଘରେ ଅଧିବାସ କରାଯାଇଥିଲା। ଏହା ପୂର୍ବରୁ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧାଯାଇଥିଲା। ବଡ଼ସିଂହାର ଭୋଗ ସରି ଠାକୁରଙ୍କ ମଇଲମ ବଢ଼ିବା ପରେ ମହାସ୍ନାନ ବଢ଼ିଥିଲା। ଠାକୁରମାନଙ୍କୁ ଖିନ ପଠନୀ ଲାଗି କରାଯାଇଥିଲା। ସର୍ବାଙ୍ଗ ଲାଗି ବଢ଼ିବା ପରେ ବିଭିନ୍ନ ନୀତି ବଢ଼ି ଆଳତି କରାଯାଇଥିଲା। ବୁଧବାର ମହାପ୍ରଭୁଙ୍କ ସକାଳ ଧୂପବଢ଼ିବା ପରେ ମଇଲମ କରାଯାଇ ପୂର୍ବ ରାତିରୁ ଭୋଗମଣ୍ଡପ ପରେ ଅଧିବାସିତ ହୋଇଥିବା ଘୋଡମାନଙ୍କୁ ଘଣ୍ଟ ଛତା, କାହାଳୀ ସହ ପଟୁଆରରେ ଶ୍ରୀମନ୍ଦିରର ତିନି ଘେରା ପ୍ରଦକ୍ଷିଣ କରାଯାଇ ରତ୍ନସିଂହାସନକୁ ବିଜେ କରାଯିବ। ସିଂହାସନରେ ଠାକୁରଙ୍କ ପାଗ ଓ ଘୋଡ ଲାଗି କରାଯାଇ ଛଅ ମୁଣ୍ଡି ଅଳଙ୍କାର ଲାଗି କରାଯିବ।

# ନିଶାମୁକ୍ତ ଓଡ଼ିଶା ଦାବିରେ ଜିଲାପାଳଙ୍କ ଅଫିସ ଘେରାଉ

ପୁରୀ,୨୫।୧୧ (ଅଜିତ୍ କୁମାର ମହାନ୍ତି)

ଭାରତୀୟ ମହିଳାଙ୍କ ଜାତୀୟ ଫେଡେରେଶନ ସହବନ୍ଧିତ ଉତ୍କଳ ମହିଳା ସମିତି ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଦାବିରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ କଠୋର ଆଇନ ପ୍ରଣୟନ କରିବା, ମହିଳାଙ୍କୁ ସ୍ୱାବଲମ୍ବୀ କରାଯିବା, ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କ ପାଇଁ ୫୦% ଭାଗ ସ୍ଥାନ ସଂରକ୍ଷଣ, କର୍ମକ୍ଷେତ୍ରରେ ରାତ୍ରିକାଳୀନ ପାଳି କାମରେ ମହିଳା ନିଯୁକ୍ତି ନେଇ ଥିବା କଳା ଆଇନକୁ ପ୍ରତ୍ୟାହାର କରାଯିବା ପ୍ରଭୃତି ଦାବିରେ ଏକ ଶୋଭାଯାତ୍ରା ମୋଚି ସାହି ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ପ୍ରତିବାଦ ସଭା ହୋଇଥିଲା। ସଭାରେ ଉତ୍କଳ ମହିଳା ସମିତିର ଜିଲା ସଭାନେତ୍ରୀ ବିଦ୍ୟୁଲତା ସେଠୀ, ରାଜ୍ୟ ସାଧାରଣ ସମ୍ପାଦିକା ଜିନ୍ମୟୀ ସାହାଣୀ, ମାଗୁଣି ପ୍ରଧାନ, ସରୋଜିନୀ ଜେନା, ପ୍ରତିଭା ମହାପାତ୍ର, ସସ୍ମିତା ନାୟକ, ସଞ୍ଜୁଲତା ବେହେରା ପ୍ରମୁଖ ଅଭିଯୋଗ କରି କହିଥିଲେ ଯେ, ଗତ ବିଧାନସଭା ଓ ସଂସଦ ନିର୍ବାଚନ ସମୟରେ ମହିଳାଙ୍କ ସାମାଜିକ ସୁରକ୍ଷା ପାଇଁ ଭାଜପା ଦେଇଥିବା ବହୁ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି। ସୁଭଦ୍ରା ଯୋଜନା ପ୍ରହସନ ପାଲଟିଛି। ରାଜ୍ୟରେ ବଢ଼ି ଚାଲିଥିବା ନାରୀ ନିର୍ଯ୍ୟାତନା ରୋକିବାରେ ସରକାର ବିଫଳ ହୋଇଛନ୍ତି। ସାମାଜିକ ଅଶାନ୍ତି ସୃଷ୍ଟି ଓ ପରିବାର ଭାଙ୍ଗିବାରେ ମଦ ମୁଖ୍ୟ ଭୂମିକା ନେଉଥିବାରୁ ତୁରନ୍ତ ମଦମୁକ୍ତ ଓଡ଼ିଶା ଗଠନ ଲାଗି ସରକାର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ ଆନ୍ଦୋଳନ ବ୍ୟାପକ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ବରିଷ୍ଠ ଆଇନଜୀବୀ ଭଗବାନ ରଥଙ୍କ ପରଲୋକ

ସାକ୍ଷୀଗୋପାଳ,୨୫।୧୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ବରିଷ୍ଠ ଆଇନଜୀବୀ ତଥା ସତ୍ୟବାଦୀ ଆଇନଜୀବୀ ସଂଘର ପୂର୍ବତନ ସଭାପତି ଭଗବାନ ରଥଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ରଥ ସତ୍ୟବାଦୀ ବୀରରାମଚନ୍ଦ୍ରପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସେ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପରିବାର, ଜ୍ଞାତି ପରିଜନ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେବା ସହ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ମଙ୍ଗଳବାର ପୂର୍ବାହ୍ନରେ ସତ୍ୟବାଦୀ ତହସିଲ କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଅତିରିକ୍ତ ତହସିଲଦାର ଓମ୍‌ପ୍ରକାଶ ପରିଡ଼ା, ଆଇନଜୀବୀ ସଂଘର ସଭାପତି ବାଳକୃଷ୍ଣ ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗଦେଇ ଦୁଇମିନିଟ ନୀରବ ପ୍ରାର୍ଥନା କରିଥିଲେ। ସଭାରେ ଆଇନଜୀବୀ ଦେବଦତ୍ତ ସାମନ୍ତରାୟ, ଭାସ୍କର ନାୟକ, ଅଞ୍ଜନ କୁମାର ହୋତା, ସୁଶାନ୍ତ କୁମାର ରଥ, ପ୍ରଭାକର ମିଶ୍ର, ପ୍ରଶାନ୍ତ କୁମାର ମହାପାତ୍ର, ମୋହନ ସାହୁ, ବିଧୁଭୂଷଣ ମହାନ୍ତି, ରବୀନ୍ଦ୍ର କୁମାର ଦାଶ, ଅଜିତ କୁମାର ଚୌଧୁରୀ, ସନ୍ତୋଷ କୁମାର ବେହେରା, ବଟକୃଷ୍ଣ ମିଶ୍ର, ଚିନ୍ମୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

କୋଣାର୍କ,୨୫।୧୧ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧୀନସ୍ଥ ରାଉଳପାଟଣାଠାରୁ ଧନିତ୍ରୀ ବ୍ରିଜ ପର୍ଯ୍ୟନ୍ତ ଦୀର୍ଘ ୮କିମି ଗ୍ରାମ୍ୟ ଉନ୍ନୟନ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ମଙ୍ଗଳବାର କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ଦ୍ୱାରା ୭କୋଟି ୪୩ଲକ୍ଷ ଟଙ୍କା ବ୍ୟୟ ବରାଦରେ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୭କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ। ଉକ୍ତ ୧୨ଫୁଟିଆ ରାସ୍ତାରେ ଗମନାଗମନ ଓ ଯାତାୟତ କରିବାରେ ବିଭିନ୍ନ ସମସ୍ୟା


ବିଧାୟକ ତୁଷାରକାନ୍ତି ବେହେରା ରାସ୍ତା କାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ଲାଗି ରହିଥିଲା। ଏହି ରାସ୍ତା ଉଭୟ ପାର୍ଶ୍ୱରେ ୩ଫୁଟ ଲେଖାଏ ପ୍ରଶସ୍ତୀକରଣ କରାଯାଇ ୧୮ ଫୁଟିଆ ବିଶିଷ୍ଟ ହେବ ବୋଲି ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ଖଣ୍ଡ କାର୍ଯ୍ୟାଳୟର ଅଧିକ୍ଷଣ ଯନ୍ତ୍ରୀ ମୌସୁମୀ ମିଶ୍ର କହିଛନ୍ତି। ଏଥିଲାଗି ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଇ ଠିକାଦାରଙ୍କୁ କାର୍ଯ୍ୟ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ୧୪ନଂ ଜୋନ ଜିଲାପରିଷଦ ସଦସ୍ୟା ସାଗରିକା ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ନାହିଁ, କର୍ମଚାରୀ ଅଭାବ

## ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ

- ପିକେଡିଏ ମଞ୍ଜୁରୀ, ଅଗ୍ନିନିର୍ବାପକ ପ୍ରମାଣପତ୍ର ମିଳିନି
- ସ୍ଥିତି ପରଖିଲା କଂଗ୍ରେସ, କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ

ପୁରୀ,୨୫।୧୧ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିଦର୍ଶନ କରି ସ୍ଥିତି ପରଖିଛି। ଏହି ଅବସରରେ ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଏବଂ ପ୍ରିନ୍ସିପାଲଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସ୍ୱାସ୍ଥ୍ୟସେବାକୁ ନେଇ ଅନେକ ସମସ୍ୟା ରହିଥିବାରୁ କଂଗ୍ରେସ ପ୍ରତିନିଧି ଦଳ ଉଦ୍‌ବେଗ ପ୍ରକାଶ କରିଛି।



୨୦୧୧ ଜନଗଣନା ଅନୁଯାୟୀ, ଜିଲାର ଜନସଂଖ୍ୟା ୧୬,୯୮,୭୩୦ ଥିବାବେଳେ ଅନୁପାତ ମୁତାବକ ୨୦୨୫ରେ ୨୦ଲକ୍ଷରୁ ଅଧିକ ହେବା ଅନୁମେୟ। ଶ୍ରୀଜଗନ୍ନାଥଙ୍କ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ୨୦୧୪ରେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ଉନ୍ମୁକ୍ତ ହୋଇପାରିନାହିଁ। ଅଦ୍ୟାବଧି ୫ ଏକର ଜମି ଅଧିଗ୍ରହଣ ହୋଇନାହିଁ। ମେଡିକାଲ କଲେଜର ଜମି ମାଲିକାନା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ନାମିତ ହୋଇଥିବାବେଳେ ପରିବେଶ ଏବଂ ପିକେଡିଏ ମଞ୍ଜୁରୀ ମିଳିନାହିଁ। ବିଦ୍ୟୁତ ଓ ପାନୀୟଜଳ ସଂଯୋଗ ନାହିଁ। ଏଠାରେ ହୃଦରୋଗ ବିଭାଗ, ସ୍ନାୟୁବିକ ବିଭାଗ, ଆପାତକାଳୀନ ଦୁର୍ଘଟଣା ଚିକିତ୍ସା ବିଭାଗ ଓ ପୋଡ଼ାଜଳା ବିଭାଗ ନାହିଁ। ଆବଶ୍ୟକସଂଖ୍ୟକ ବୈଷୟିକ କର୍ମଚାରୀ ନାହାନ୍ତି। ସବୁଠାରୁ ବଡ଼କଥା ହେଉଛି, ଅଗ୍ନିନିର୍ବାପକ ଆପତ୍ତିବିହୀନ ପ୍ରମାଣପତ୍ର ନ ଥିବା କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁର୍ଘଟଣା ଜନିତ ସେବା, ହୃଦରୋଗ ସେବା, ମସ୍ତିଷ୍କଘାତ ଓ ସ୍ନାୟୁରୋଗ ସେବା, ପୋଡ଼ାଜଳା ପାଇଁ ଜୀବନରକ୍ଷା ସେବା ତଥା ରୋଗ ନିରୂପଣ ବ୍ୟବସ୍ଥା ନ ଥିବାରୁ ଜିଲାବାସୀ, ତୀର୍ଥଯାତ୍ରୀ ତଥା ପର୍ଯ୍ୟଟକ ସେବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ସମସ୍ତ ଜରୁରିକାଳୀନ ଜୀବନ ରକ୍ଷା ବିଭାଗ ଖୋଲାଯିବାକୁ କଂଗ୍ରେସ ଦାବି କରିଛି। ଆଲୋଚନା ସମୟରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଇପ୍‌ସିତା ପଣ୍ଡା, ପ୍ରଫେସର ବି. ପ୍ରଜାପତି, ପ୍ରଫେସର କାଳୀପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସ ନେତା ଉତ୍ତମ ଆଚାର୍ଯ୍ୟ, ପୂର୍ବତନ ପିସିସି ଉପସଭାପତି ବିଶ୍ୱଭୂଷଣ ଦାସ, ପୂର୍ବତନ ପିସିସି ସମ୍ପାଦକ ବିଶ୍ୱନାଥ ଦାଶ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ସୀତାକାନ୍ତ ମହାନ୍ତି, ଭାସ୍କର ସେଠ, ବିଭୁଦତ୍ତ ମିଶ୍ର, ସୁକାନ୍ତ ପ୍ରଧାନ, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ନିର୍ମଳ ପରିଡ଼ା, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ଚେତନ ମିଶ୍ର, ଉମାକାନ୍ତ ବେହେରା, ଅମିୟ କୁମାର ଦାସ, ସୁରେନ୍ଦ୍ର ପାଇକରାୟ, ସୌମ୍ୟକାନ୍ତ ପ୍ରଧାନ, ବିଶ୍ୱରଞ୍ଜନ ସାମନ୍ତରାୟ, ଜିବେଶ ରଥ, ଅର୍ଜୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୧୧।୨୦୨୫

| | |
|---|---|
| ୫,୬୯,୯୬୨ ଟଙ୍କା | |
| ସୁନା | ୧.୭୦୦ ଗ୍ରାମ୍ |
| ରୁପା | ୧୪.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ମା' ବୁଢ଼ିଆଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସଯାତ୍ରା

ଚାରିଛକ,୨୫।୧୧ (ଶିଶିର କୁମାର ସ୍ୱାଇଁ)

ବାହାରଣାସ୍ଥିତ ମା' ବୁଢ଼ିଆଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ମଙ୍ଗଳବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୁଲିସ ତ୍ରିନାଥ ଘଣ୍ଟୁଆ ଗ୍ରୁପ୍‌ର ଘଣ୍ଟ ପଖଉଜ ସହିତ ଯୋଡ଼ମହୁରୀ ବଜାଇ ନାମ କୀର୍ତ୍ତନ କରି କପିଳା ପୋଖରୀରୁ କଳସଧାରୀମାନେ ଜଳ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। କର୍ତ୍ତା ଭାବେ ପ୍ରମେଶ କୁମାର ପଟ୍ଟନାୟକ ଓ କର୍ତ୍ତ୍ରୀ ଭାବେ ପ୍ରମିଳା ପଟ୍ଟନାୟକ ଜଳ କଳସ ଆଣି ପୂଜା କର୍ମରେ ବସିଥିଲେ। ପୂଜା କର୍ମରେ ମୁଖ୍ୟ ପଣ୍ଡିତ ଅମୂଲ୍ୟ କୁମାର ମିଶ୍ରଙ୍କ ସମେତ ପ୍ରମେଶ କୁମାର ମିଶ୍ର, ନିମାଇଁ ଚରଣ ମିଶ୍ର, ଲୋଚନ କର, ବିଶ୍ୱନାଥ ମିଶ୍ର, ତ୍ରିନାଥ ମିଶ୍ର, ଭବାନୀ ଶଙ୍କର ଦାଶ, ବିଦ୍ୟାଭୂଷଣ ମିଶ୍ର ସହଯୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠା ଉତ୍ସବ ମଙ୍ଗଳବାରଠାରୁ ୩ଦିନ ଧରି ଚାଲିବ। କଳସ ଯାତ୍ରା କାର୍ଯ୍ୟକ୍ରମରେ ପ୍ରଦୀପ୍ତ କୁମାର ପଣ୍ଡା, ଅଶୋକ ମିଶ୍ର, ବାସୁଦେବ ବାରିକ, ଅନ୍ତର୍ଯ୍ୟାମୀ ବାରିକ, ଯଜ୍ଞେଶ୍ୱର ନାୟକ, ବ୍ରହ୍ମାନନ୍ଦ ପାତ୍ର, ମହେନ୍ଦ୍ର ମଲ୍ଲ, ଈଶ୍ୱର ଭୋଇ ପ୍ରମୁଖ ସାମିଲ ଥିଲେ।

### ବାଇକ୍ ସହ ଗଞ୍ଜେଇ ଜବତ: ବେପାରୀ ଗିରଫ

ନିମାପଡ଼ା, ୨୫।୧୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଡେଣୁଅସ୍ଥିତ ମା' ପିଙ୍ଗଳାକ୍ଷୀଙ୍କ ମନ୍ଦିର ନିକଟରେ ଚଢାଉ କରାଯାଇ ଜଣେ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ୧ କିଲୋ ୪୦୦ ଗ୍ରାମ ଗଞ୍ଜେଇ ଏବଂ ଏକ ବାଇକ ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ୧୪ ହଜାର ଟଙ୍କା ହେବ ବୋଲି ଅବକାରୀ ଥାନା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଗିରଫ ଗଞ୍ଜେଇ ବ୍ୟବସାୟୀ ହେଲେ ଡେଣୁଅ ଗ୍ରାମର ଶିବାନୀ ଶଙ୍କର ସାବୁତ (୨୫)। ଏ ନେଇ ଏକ କେସ୍ (ନଂ. ୧୫୩/୨୫–୨୬) ରୁଜୁ କରାଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ଏବଂ ନିମାପଡ଼ା ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ ନିମାପଡ଼ା ଅବକାରୀ ଥାନା ଇନ୍ସପେକ୍ଟର ନିରାକାର ଦେହୁରୀ, ଏଏସ୍‌ଆଇ ସନ୍ତୋଷ ମହାରଣା, ତପନ ପ୍ରଧାନ ଓ ସ୍ୱାଗତିକା ଘଡେଇ ପ୍ରମୁଖ ସଦଳବଳ ଚଢାଉ କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଡେଲାଙ୍ଗ,୨୫।୧୧ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ନୀଳଶୈଳ ସ୍ୱାଇଁ, ବିଭାଗୀୟ ଅଧିକାରୀ ଆଶିଷ କୁମାର ପାତ୍ର, ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ସମ୍ବଳ ଶିକ୍ଷୟିତ୍ରୀ ବୈଦେହୀ ପାଣି, ତିଳୋତ୍ତମା ସୁନ୍ଦରାୟ, ସ୍ୱପ୍ନାରାଣୀ ପାଇକୋଶୀ, ଶୁଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଡା. ଶୁଶିଲ କୁମାର ନାୟକ, ଡା. ଦିପ୍ତିସ୍ ସାହୁ, ଡା. ଜ୍ୟୋସ୍ନାରାଣୀ ତ୍ରିପାଠୀ, ଡା. ଶାନ୍ତନୁ କୁମାର ଜେନା, ଡା. ଅର୍ଚ୍ଚନା ପଟ୍ଟନାୟକ, ଡା. ସମ୍ବିତ୍ ପାତ୍ର, ଡା. ଚନ୍ଦନ ମହାନ୍ତି, ଡା. ଅପର୍ଣ୍ଣା ମହାନ୍ତି, ଡା. କୁମାର ପ୍ରୀତମ ପଲାଇ, ଡା. ରବୀନ୍ଦ୍ର କୁମାର ଘଡେଇ ପ୍ରମୁଖ ରୋଗୀଙ୍କୁ ଚିହ୍ନଟ କରିବା ସହିତ ବାଧକ ହାର ଯାଞ୍ଚ କରିଥିଲେ। ମୋଟ ୩୪୩ ଜଣ ଚିହ୍ନଟ ହୋଇଥିଲେ। ୟୁଡିଆଇ ଇନଚାର୍ଜ ଶରତ କୁମାର ମଲ୍ଲିକ, ରଶ୍ମିରଞ୍ଜନ ସାହୁ, ବର୍ଷା ମିଶ୍ର ପ୍ରମୁଖ ରେଜିଷ୍ଟ୍ରେଶନରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କସିଶ


@ ଧୀରଜ


@ ଦିଲୀପ


@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁରାଳ ପଞ୍ଚମୀରେ ପୂଜା ପାଇଲେ ରୁଦ୍ରପାଳ, ରତ୍ନେଶ୍ୱରୀ



ପୁରୀ,୨୫।୧୧ (ଅଜିତ୍ କୁମାର ମହାନ୍ତି)

ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଙ୍ଗଳବାରଠାରୁ କୁମ୍ଭକାରଙ୍କ ବଡ଼ ପର୍ବ କୁରାଳ ପଞ୍ଚମୀ ଆରମ୍ଭ ହୋଇଛି। ଏହି ପର୍ବ ୫ଦିନ ଧରି ଚାଲିବ। ପୁରୀର କୁମ୍ଭାରପଡ଼ା, ଟିକରପଡ଼ା, ନୂଆସାହି , ଜେନାପୁର ପ୍ରଭୃତି ଅଞ୍ଚଳରେ ବାସ କରୁଥିବା କୁମ୍ଭକାରମାନେ ଏହି ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। କୁମ୍ଭକାରମାନେ ସେମାନଙ୍କ ଚକ୍ର, ହାଣ୍ଡିଗଢ଼ା ସରଞ୍ଜାମ, ପିଣ୍ଡ ପିଟଣାକୁ ପୂଜାରେ ବସାଇ ନିଜ ଇଷ୍ଟଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ପୂଜା ଆରାଧନା କରିଛନ୍ତି। ପର୍ବ ଉପଲକ୍ଷେ ସାହି ବସ୍ତିକୁ ରଙ୍ଗିନ ଆଲୋକମାଳରେ ସଜାଯାଇଛି। ୨୮ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। କୁରାଳପଞ୍ଚମୀ ପର୍ବ ଉପଲକ୍ଷେ କୁମ୍ଭକାର ନିଯୋଗ ପକ୍ଷରୁ ମହେନ୍ଦ୍ର ବିଶୋଇ ଏବଂ କୁରାଳ ମହାସଂଘ ରାଜ୍ୟ ସଭାପତି ସରୋଜ କୁମାର ବେହେରା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପରମ୍ପରା ଅନୁଯାୟୀ, କୁମ୍ଭକାରମାନେ ସେମାନଙ୍କ ମାଟି କାମ ଏହି ୫ ଦିନ ଧରି ବନ୍ଦ ରଖିବେ। ଠାକୁରଙ୍କ ପାଖରେ ୫ ଦିନ ଧରି ଶଙ୍ଖୁଡ଼ି ଭୋଗ ହେବ। ପଞ୍ଚମୀରେ ସାଦା ଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହିପଖାଳ, ଅଷ୍ଟମୀରେ ଖେଚୁଡ଼ି ଓ ନବମୀରେ ଚକୁଳି ପିଠା ଭୋଗ କରାଯିବ। ଦଶମୀରେ ଠାକୁରଙ୍କ ନିକଟରେ ବାଲଭୋଗ କରାଯାଇ ବିସର୍ଜନ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ଏକ ଶୋଭାଯାତ୍ରାରେ ସାହି ପରିକ୍ରମା ପରେ ଠାକୁରଙ୍କୁ ଅଠରନଳା ନଦୀରେ ବିସର୍ଜନ କରାଯିବ। ପୌରାଣିକ ମତବାଦ ଅନୁଯାୟୀ, ସୃଷ୍ଟି ସର୍ଜନା ପରେ ମାନବଗଣଙ୍କ ନିମନ୍ତେ ପାକ ପ୍ରସ୍ତୁତ କରିବାକୁ ଭଗବାନ ବିଷ୍ଣୁଙ୍କ ସ୍ୱେଦ ବା ଝାଳରୁ ରୁଦ୍ରପାଳ ଜନ୍ମ ହୋଇଥିଲେ। ପରେ ମାନବଗଣଙ୍କ ପାଇଁ ରୁଦ୍ରପାଳ ଚକରେ ହାଣ୍ଡି ନିର୍ମାଣ କରିଥିଲେ। ତେଣୁ କୁମ୍ଭକାରଙ୍କ ପ୍ରଥମ ପୁରୁଷ ଭାବେ ରୁଦ୍ରପାଳ ଏବଂ ମହିଳା ଭାବେ ଦେବୀ ରତ୍ନେଶ୍ୱରୀଙ୍କୁ ବିବେଚନା କରାଯାଏ। ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରଚିତ କୁରାଳ ପୁରାଣରେ କୁମ୍ଭକାରଙ୍କ ଇତିବୃତ୍ତି ସହିତ ଭଗବାନ ବିଷ୍ଣୁଙ୍କ ସୁରସେନ ଚକ୍ର ବା କୁରାଳ ଚକ୍ର ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି।

## ମହାନଦୀରୁ ଅଚିହ୍ନା ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,(ମାନସ ସାମଲ): ଜଗତପୁର ଥାନା ଅଧୀନ ଯୋବ୍ରା ଅନିକୋଟ ୭୨ ନଂ. ଗେଟ ମହାନଦୀରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକଙ୍କ ବୟସ ୩୪ରୁ ୪୦ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ସୂଚନା ମୁତାବକ, ସକାଳ ସାଢେ ୯ଟାରେ କେତେଜଣ ବ୍ୟକ୍ତି ମହାନଦୀକୁ ଗାଧେଇବାକୁ ଯାଇଥିଲେ। ମହାନଦୀରେ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପରିଚୟ ପାଇଁ ମୃତଦେହ ୭୨ଘଣ୍ଟା ରଖାଯାଇଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଗତପୁର ଥାନାଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି।

## ସଂକ୍ଷେପରେ

### ରାଜ୍ୟ ଆଇନଜୀବୀ ପରିଷଦକୁ ୯.୯ ଲକ୍ଷ ଏମ୍‌ପି ଲ୍ୟାଡ୍

କଟକ,୨୫।୧୧(କାର୍ତ୍ତିକ ସାହୁ)

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ନିଜସ୍ୱ ସାଂସଦ ଉନ୍ନୟନ ପାଣ୍ଠି (ଏମ୍‌ପି ଲ୍ୟାଡ୍ ଫଣ୍ଡ)ରୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦକୁ ୯.୯ ଲକ୍ଷ ଟଙ୍କା ଅନୁଦାନ ରାଶି ଅନୁମୋଦନ କରିଛନ୍ତି। ଏହି ଅନୁଦାନରେ ପରିଷଦର ନୂତନ ଗୃହ ସମ୍ପ୍ରସାରଣ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ଉନ୍ନତିମୂଳକ କାର୍ଯ୍ୟ କରାଯିବ। ଏଥିପାଇଁ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏମ୍‌ପି ମହତାବଙ୍କୁ ସାଧୁବାଦ ଜଣାଇଛନ୍ତି। ଆଇନଜୀବୀ ପରିଷଦର ସଦସ୍ୟ ଦୀନେଶ ରାୟଙ୍କ ପ୍ରୟାସ କ୍ରମେ ଏହା ସମ୍ଭବ ହୋଇଥିବାରୁ ତାଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ଏଥିସହ ଏମ୍‌ପି ମହତାବ ଆଗାମୀ ଦିନରେ ଆବଶ୍ୟକତା ଅନୁଯାୟୀ ଅନୁଦାନ ଦେବା ପାଇଁ ସଦସ୍ୟ ରାୟଙ୍କୁ ପ୍ରତିଶ୍ରୁତି ଦେଇଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

### ଖ୍ରୀଷ୍ଟ କଲେଜ ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ

କଟକ,୨୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜର ବିଜ୍ଞାନ ସମାଜର ବାର୍ଷିକ ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁସ୍ମିତା ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବିର ଡା. ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ ଯୋଗଦେଇ କହିଛନ୍ତି, ଅତ୍ୟାଧୁନିକ ଜୀବନଶୈଳୀର ଚାପରେ ବିଭିନ୍ନ କ୍ଷେତ୍ରରେ ଘଟୁଥିବା ମାନସିକ ଅବସାଦ ଓ ତାହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ ସମାଜର ସଂଯୋଜିକା ଡ. ସ୍ୱାତୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଶୁଭାଶିଷ ଦାଶ, ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ଡ. ଆନନ୍ଦିନୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସମାଜ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ଷ୍ଟେଟ ବ୍ୟାଙ୍କ ସ୍କାଏଲାଇଟ ଭାଙ୍ଗି ଚୋରି ଉଦ୍ୟମ ବିଫଳ

ମଙ୍ଗୁଳି-ଜଗତପୁର,୨୫।୧୧(ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ଶଙ୍କରପୁର ବଜାରସ୍ଥିତ ଷ୍ଟେଟ ବ୍ୟାଙ୍କର ସ୍କାଏଲାଇଟ ଭାଙ୍ଗି ଲୁଟ କରିବାରେ ଦୁର୍ବୃତ୍ତମାନେ ବିଫଳ ହୋଇଥିବା ଜଣାପଡିଛି। ଚୌଦ୍ୱାର ପୋଲିସ ପହଞ୍ଚି ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଷ୍ଟେଟ ବ୍ୟାଙ୍କର ଗେଟ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ପରେ ବ୍ୟାଙ୍କ ସ୍କାଏଲାଇଟ ଭାଙ୍ଗି ବ୍ୟାଙ୍କ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ମଙ୍ଗଳବାର ବ୍ୟାଙ୍କର ପିଅନ ଆସି ବ୍ୟାଙ୍କ ଗେଟ ତାଲା ଭଙ୍ଗା ହୋଇପଡ଼ିଥିବା ଦେଖିବାକୁପାଇଥିଲେ। ଚୋରି ସନ୍ଦେହ କରି ଏ ନେଇ ବ୍ୟାଙ୍କ ମ୍ୟାନେଜର ଓ ପୋଲିସକୁ ଜଣାଇଥିଲେ। ଏ ନେଇ ବ୍ୟାଙ୍କ ମ୍ୟାନେଜର ଥାନାରେ ଅଭିଯୋଗ କରିଛନ୍ତି। ଷ୍ଟ୍ରଙ୍ଗରୁମ୍ ସଇରନ ବାଜିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରୁଛି। ଆଗ ଆଉପଛ ସ୍କାଏଲାଇଟ ଭାଙ୍ଗିଥିବା ବେଳେ ଆରିରେ ତାଲା କାଟିଥିବା ଜଣାପଡ଼ିଛି।

# କ୍ଲିନିକ, ଡାଇଗ୍ନୋଷ୍ଟିକ ସେଣ୍ଟର ସିଲ୍

କଟକ,୨୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)


କାଠଗୋଲା ଅଞ୍ଚଳରେ ଥିବା ଏକ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ସିଲ୍ କରାଯାଉଛି।

ବେଆଇ ଲିଙ୍ଗ ନିରୂପଣ କାର୍ଯ୍ୟକୁ ରୋକିବା ଦିଗରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ମାତୃ ସ୍ୱାସ୍ଥ୍ୟ ବିଭାଗ, ଜିଲା ସ୍ୱାସ୍ଥ୍ୟ ଓ ଜିଲା ପ୍ରଶାସନର ୮ ଜଣିଆ ଟିମ୍ କଟକର ମଙ୍ଗଳାବାଗ ଥାନାର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଚଢ଼ାଉ କରିଥିଲା। ଷ୍ଟେଟ୍ ଇନ୍ସପେକ୍ସନ ଟିମ୍ ଚଢ଼ାଉ କରି ମଙ୍ଗଳାବାଗ ଥାନା ଅନ୍ତର୍ଗତ କାଠଗୋଲା ଅଞ୍ଚଳରେ ଥିବା ଏକ ଡାଇଗ୍ନୋଷ୍ଟିକ ଓ ବକ୍ସିବଜାର ଅଞ୍ଚଳରେ ଥିବା ଏକ କ୍ଲିନିକୁ ସିଲ କରିଛି। ଚଢ଼ାଉ ସମୟରେ ଅତିରିକ୍ତ ତହସିଲଦାର ସୋମେନ ବିଶ୍ୱାଳ କହିଛନ୍ତି, ଡାଇଗ୍ନୋଷ୍ଟିକ ସେଣ୍ଟରରେ ୨୦୧୭ରୁ ଅଲଟ୍ରାସାଉଣ୍ଡ ପଞ୍ଜୀକରଣ ସରିଥିବାବେଳେ ଏହାକୁ ରିନ୍ୟୁଆଲ କରାଯାଇ ନ ଥିଲା। ଏହାସହ ଅଲଟ୍ରାସାଉଣ୍ଡ କରାଯାଉଥିବା ମଧ୍ୟ ନଜରକୁ ଆସିଛି। ଏଭଳି ବେଆଇନ ଭାବେ କାର୍ଯ୍ୟ କରୁଥିବା ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ମାତୃ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଅଭିଜିତ କୁମାର କହିଛନ୍ତି, କଟକର ବିଭିନ୍ନ ସ୍ଥାନରେ ଥିବା କ୍ଲିନିକ ଓ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଚଢ଼ାଉ କରାଯାଇଛି।

### ବେଆଇନ ଲିଙ୍ଗ ନିରୂପଣ ରୋକିବା ଦିଗରେ ଧରପଗଡ଼

ଚଢ଼ାଉ ସମୟରେ ବକ୍ସିବଜାର ଅଞ୍ଚଳର ଗୋଟିଏ କ୍ଲିନିକ ଏବଂ କାଠଗୋଲା ଅଞ୍ଚଳର ଗୋଟିଏ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଭ୍ରୁଣହତ୍ୟା କରାଯାଉଥିବା ଭଳି ବେଆଇନ କାର୍ଯ୍ୟ କରାଯାଉଥିବା ଜାଣିବାକୁ ପାଇବାରୁ ଯନ୍ତ୍ରାଂଶ ସିଲ୍ କରିବା ସହ କ୍ଲିନିକ ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ସିଲ୍ କରାଯାଇଛି ବୋଲି ସେ କହିଛନ୍ତି।

ସୂଚନାଥାଉକି, ବେଆଇ ଲିଙ୍ଗ ନିରୂପଣ କରାଯାଉଥିବା ଘଟଣାକୁ ନଜରରେ ରଖି ଗତ ଏକ ମାସ ହେବ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଟକର ବିଭିନ୍ନ କ୍ଲିନିକ ଓ ଡାଇଗ୍ନୋଷ୍ଟିକ ସେଣ୍ଟରଗୁଡିକରେ ଚଢ଼ାଉ କରାଯାଇଥିବାବେଳେ ଏକାଧିକ ସଂଖ୍ୟାର କ୍ଲିନିକ ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ସିଲ୍ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ ୩୧୦ ପ୍ରକଳ୍ପ


ମଣ୍ଡଳସ୍ତରୀୟ ବିଜ୍ଞାନ ମେଳାରେ କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥି।

ଖୁଣ୍ଟୁଣୀ,୨୫।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଆଜିର ବିଦ୍ୟାଳୟସ୍ତରୀୟ ବାଲ ବୈଜ୍ଞାନିକ ଆଗାମୀ କାଲିର ଜଣେ ପ୍ରତିଭାବାନ ବୈଜ୍ଞାନିକ ହୋଇ ଦେଶ ଓ ଜାତିର ଗୌରବ ଆଣିପାରିବେ। ଗୁରୁଡିଝାଟିଆସ୍ଥିତ କବିଚନ୍ଦ୍ର ଭୁବନେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଲ୍ଟ୍ରାଟେକ ସିମେଣ୍ଟ ଉପ ସଭାପତି ଅବିନାଶ ରଥ ଏହା କହିଛନ୍ତି। ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ନାୟକ, ଅତିରିକ୍ତ ଶିକ୍ଷା ଅଧିକାରୀ ମୁରଲୀଧର ସାହୁ, ଗୁରୁଡିଝାଟିଆ ସରପଞ୍ଚ ବୈଜୟନ୍ତୀ ଦଳାଇ, ପରିଚାଳନା କମିଟି ସଭାନେତ୍ରୀ ସସ୍ମିତା ମାଝୀ, ସର୍ବଭାରତୀୟ ଶିକ୍ଷକ ନେତା ପ୍ରତାପ କିଶୋର ମହାପାତ୍ର, ଶିକ୍ଷାବିତ ଅନିରୁଦ୍ଧ ନନ୍ଦ, ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ରଞ୍ଜିତ ମହାନ୍ତି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସହଦେବ ମୁର୍ମୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନିର୍ମିତ ୩୧୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ବୁଲି ଦେଖିବା ସହିତ ଉତ୍ସାହିତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ବାଲ୍ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ମଣ୍ଡଳ ସହ ଶିକ୍ଷା ଅଧିକାରୀ ମୁରଲୀଧର ସାହୁ, ଜିଲା ପରିଷଦ ସଦସ୍ୟା ମିନତୀ ଗାଗରାଇ, ଗୁରୁ ସମିତିସଭ୍ୟ ଶ୍ୟାମ ମେଲଗାଜି, ପଞ୍ଚସଖା ଶିକ୍ଷାସେତୁ ସଭାପତି କୃତ୍ତିବାସ ଛାଟୋଇ ଓ ଶିକ୍ଷକ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ମମତାମୟୀ ମହାନ୍ତି ପରିଚାଳନା କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ, ସହକର୍ମୀ ପରିଚାଳନାରେ ସହଯୋଗ କରିଥିଲେ। ରିକ୍ରେଶନ ଅଫ ମାଥମେଟିକ ମଡେଲିଙ୍ଗ ପ୍ରକଳ୍ପ ପାଇଁ ଖୁଣ୍ଟୁଣୀ ରାଧାନାଥ ବିଦ୍ୟାପୀଠର ଛାତ୍ରୀ ସ୍ୱାତୀ ସମର୍ପିତା ସ୍ୱାଇଁ ପ୍ରଥମ ପୁରସ୍କାର ଓ ଅନ୍ୟ ପ୍ରତିଭାଙ୍କୁ ଅତିଥି ସମ୍ମାନିତ କରିଥିଲେ।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା

କଟକ ସଦର,୨୫।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଏକତା ପଦଯାତ୍ରା ୪୨ ମୌଜା ଅନ୍ତର୍ଗତ ବେଷ୍ଟକାର-ବ୍ରହ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାକୁ ଡ. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରୁ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ବେଷ୍ଟକାର ଉଚ୍ଚ ବିଦ୍ୟାଳୟ, ପାର୍ବତୀ ବିଦ୍ୟାପୀଠ, ସରସ୍ୱତୀ ଶିଶୁ ମନ୍ଦିର, ସୁଦର୍ଶନ ମହାବିଦ୍ୟାଳୟ, କିଶୋରନଗର ଓ କନ୍ଦରପୁର ମହାବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବ୍ରହ୍ମପୁରଠାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଦେଶର ଏକତା ପାଇଁ ସ୍ୱର୍ଗତ ପଟେଲଙ୍କ ଅବଦାନ ଉପରେ ବିଧାୟକ ଇଂ ସେଠୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରତୀକ ସାହୁ, ଆମ୍ବାର ସଭାପତି ରମା ପ୍ରସାଦ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଳି, ହୃଷୀକେଶ ଜେନା, ସନାତନି ସେନା ରାଜ୍ୟ ସଭାପତି ସମୀର କୁମାର ପଣ୍ଡା, ନିରଞ୍ଜନ ରାହୁଳ, ଚିତ୍ତରଞ୍ଜନ ସାହୁ, ନିହାର ରଞ୍ଜନ ପଣ୍ଡା, ସୁଧାଂଶୁ ନାରାୟଣ ଦାସ, ପ୍ରତିଭା ବିକାଶ ପ୍ରତିଷ୍ଠାନର ସଭାପତି ଇଂ. ଅଶୋକ ବିଶ୍ୱାଳ, ସୁରେଶ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଦଯାତ୍ରା ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ଦେଶାତ୍ମବୋଧକ ନୃତ୍ୟ ପରିବେଷିତ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ କଶିଶ


@ ଧୀରଜ


@ ଦିଲୀପ


@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୯ ଲକ୍ଷ କ୍ଷତିପୂରଣ ପାଇଁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

କଟକ,୨୫।୧୧(କାର୍ତ୍ତିକ ସାହୁ)

### ବ୍ରହ୍ମପୁରରେ ମୁକୁଳା ଡ୍ରେନ୍‌ରେ ପଡ଼ି ନାବାଳକ ମୃତ୍ୟୁ ମାମଲା

ଗଞ୍ଜାମ ଜିଲା ବ୍ରହ୍ମପୁରରେ ମୁକୁଳା ଡ୍ରେନ୍‌ରେ ପଡ଼ି ନାବାଳକ ମୃତ୍ୟୁ ମାମଲାରେ ସମ୍ପୃକ୍ତ ପରିବାରକୁ ୯ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ତେବେ ଇତିମଧ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୩ ଲକ୍ଷ ଓ ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଛି। ମୋଟ ୭ ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯାଇଥିବାରୁ ଅବଶିଷ୍ଟ ୨ ଲକ୍ଷ କ୍ଷତିପୂରଣ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ସଚିବ ପ୍ରଦାନ କରିବା ପାଇଁ ଓଏଚ୍ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ଷତିପୂରଣ ରାଶି ଆଗାମୀ ୩ ମାସ ମଧ୍ୟରେ ପ୍ରଦାନ ପାଇଁ ଓଏଚ୍ଆର୍‌ସି ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବ୍ରହ୍ମପୁର ସହରର ଲକ୍ଷ୍ମୀନୃସିଂହ ସାହି ନିକଟକ ଏକ ମୁକୁଳା ଡ୍ରେନ୍‌ରେ ୨୦୨୪ ଅଗଷ୍ଟ ୨୧ରେ ୧୦ ବର୍ଷର ନାବାଳକ ପଡ଼ି ମୃତ୍ୟୁବରଣ କରିଥିଲେ। ମୃତ ନାବାଳକ ଜଣକ ସେହି ସାହିର ଶିବା ପାତ୍ରଙ୍କ ପୁତ୍ର ସାଇରାମ। ଦୁଇଘଣ୍ଟା ଧରି ପ୍ରବଳ ବର୍ଷା ହେତୁ ଡ୍ରେନ୍‌ରେ ନାବାଳକ ଖସି ପଡ଼ି ଭାସିଯାଇଥିଲେ। ବିଳମ୍ବିତ ରାତିରେ ତାଙ୍କ ମୃତଦେହ ଜବତ କରାଯାଇଥିଲା। ଏହି ଘଟଣାକୁ ନେଇ ଆଇନଜୀବୀ ପ୍ରବୀର କୁମାର ଦାସ ଓଏଚ୍ଆର୍‌ସିରେ ଏକ ମାମଲା ରୁଜୁ କରି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିବେଦନ କରିଥିଲେ।

# ଆପାର୍ଟମେଣ୍ଟ ମାଲିକଙ୍କୁ ଧରିଲା ପୋଲିସ

କଟକ,୨୫।୧୧(କାର୍ତ୍ତିକ ସାହୁ)

### ଆପାର୍ଟମେଣ୍ଟ ବାଲକୋନି ଭୁଶୁଡ଼ିବା ମାମଲା

ବକ୍ସିବଜାର ମଣିସାହୁ ଛକରେ ଆପାର୍ଟମେଣ୍ଟ ବାଲକୋନି ଭୁଶୁଡ଼ି ଗୋଟିଏ ପରିବାର ୩ ଜଣଙ୍କ ମୃତ୍ୟୁ ମାମଲାରେ କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ଆପାର୍ଟମେଣ୍ଟ ମାଲିକଙ୍କୁ ମଙ୍ଗଳବାର ଧରିଛି। ସେ ହେଲେ ସେକ ଲାଲା। ପୋଲିସ ଲାଲାଙ୍କୁ ଥାନାକୁ ନେଇ ଘଟଣା ସମ୍ପର୍କରେ ପଚରାଉଚରା କରୁଛି। ବାଲକୋନି ମରାମତି ସମୟରେ ସ୍ଥାନୀୟ ଲୋକେ ଲାଲାଙ୍କ କାର୍ଯ୍ୟକୁ ଆରମ୍ଭରୁ ବିରୋଧ କରିଥିଲେ। ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ନ କରି ଲାଲା ବାଲକୋନିର ମରାମତି କରୁଥିଲେ। ସୂଚନାଯୋଗ୍ୟ ଯେ, ଗତ ୮ ତାରିଖ ଅପରାହ୍ନରେ ମଣିସାହୁ ଛକରେ ଆପାର୍ଟମେଣ୍ଟ ବାଲକୋନି ଭୁଶୁଡ଼ି ପଡ଼ିଥିଲା। ଏହି ଗୋଟିଏ ପରିବାରର ବାପା, ପୁଅ ଓ ନାତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ମୃତକମାନେ ଥିଲେ ଅବଦୁଲ ଜଲିଲ, ତାଙ୍କ ପୁଅ ଅବଦୁଲ ଜାହିଦ, ନାତି ତଥା ଜାହିଦଙ୍କ ବଡ଼ ପୁଅ ଅବଦୁଲ ମୁଜାହିଦ। ଏହି ଘଟଣାରେ ଜଲିଲଙ୍କ ବଡ଼ ପୁଅ ଅବଦୁଲ ଜମିର କ୍ୟାଣ୍ଟନମେଣ୍ଟ ଥାନାରେ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଥିଲେ।

# 'ବେଦ ହେଉଛି ଭାରତୀୟ ସଂସ୍କୃତିର ଗଙ୍ଗୋତ୍ରୀ'

କଟକ,୨୫।୧୧(କାର୍ତ୍ତିକ ସାହୁ)


ବକ୍ତୃତା ମେଳା ପ୍ରତିଯୋଗିତା ଅବସରରେ ଅତିଥି ଓ ପ୍ରତିଯୋଗୀମାନେ।

ବେଦ ହେଉଛି ଭାରତୀୟ ସଭ୍ୟତା ଓ ସଂସ୍କୃତିର ଗଙ୍ଗୋତ୍ରୀ। ଏହା ଜ୍ଞାନର ସାଗର ପରି ପରିବ୍ୟାପ୍ତ ହୋଇଥାଏ। ବେଦକୁ କେବଳ ଇତିହାସର ପରିସର ମଧ୍ୟରେ ସୀମାବଦ୍ଧରେ ନ ରଖି ଏହାକୁ ଆମେ ଦିନଚର୍ଯ୍ୟା ଭାବେ ଗ୍ରହଣ କରିବା ଆବଶ୍ୟକ। ଭାରତର ପ୍ରାଚୀନ ଇତିହାସକୁ ସ୍ପଷ୍ଟ ଭାବରେ ବୁଝିବାକୁ ହେଲେ ବେଦର ଜ୍ଞାନ ଆବଶ୍ୟକ ବୋଲି ଭଣ୍ଡାରକର ଓରିଏଣ୍ଟାଲ ଗବେଷଣା କେନ୍ଦ୍ର, ପୁଣେର ମହାଭାରତ ପ୍ରକଳ୍ପର ପ୍ରଫେସର ସୁଚେତା ପରାଞ୍ଜପେ ତୃତୀୟ ଡକ୍ଟର ବାସୁଦେବ କର ସ୍ମାରକୀ ବକ୍ତୃତାରେ କହିଛନ୍ତି।

ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲର୍ ଅଫ ୱିସ୍‌ଡମ ପରିସରରେ ସୋମବାର ଆୟୋଜିତ ଉତ୍ସବରେ ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ରର ସଂଯୋଜକ ପ୍ରଫେସର ଉର୍ମିଶ୍ରୀ ବେଦମାତା ଉଦ୍ଦେଶ୍ୟ ସମ୍ପର୍କରେ କହିଲେ, ଡିଜିଟାଲ ମାନବବିଦ୍ୟା ଓ ଅନୁବାଦ ଅଧ୍ୟୟନ କେନ୍ଦ୍ର ଦୀର୍ଘ ଛଅ ବର୍ଷ ଧରି ୨୦୧୯ ମସିହାରୁ ଏପର୍ଯ୍ୟନ୍ତ ପ୍ରାଚୀନ ତାଳପତ୍ର ପୋଥି ଉପରେ ଗବେଷଣା ଓ ସାରଳା ମହାଭାରତର ଡିଜିଟାଲ ସଂସ୍କରଣ ପ୍ରସ୍ତୁତି କରୁଛି। ୨୦୧୯ ମସିହାରୁ ଡକ୍ଟର ବାସୁଦେବ କର ସ୍ମାରକୀ ବକ୍ତୃତା ଆୟୋଜନ କରି ଆସୁଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗବେଷଣା ବିକାଶ ପରିଷଦର ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ବେଦ ଯୁବମାନଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି କହିଥିଲେ। ରିସର୍ଚ୍ଚ ଆସୋସିଏଟ ଅଧ୍ୟାପକ ଡ. ଅରବିନ୍ଦ ଦାସ, ଡ. ଶିଖା ମହର୍ଷୀ, ନିଖିଲେଶ ଦାଶ, ଅର୍ପିତା ରାଥୋଡ, ମହମ୍ମଦ ମୁସ୍ତାଜିମ ସୌରଭ ରାଉତ, ଶୁଭ ସୁଦର୍ଶନ ନାୟକ, ମମତା ବହେଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଡକ୍ଟର ବାସୁଦେବ କର ସ୍ମାରକୀ ବକ୍ତୃତାମାଳା

# ବନ୍ଦ କାରଖାନାରୁ ମେଶିନ ସ୍ଥାନାନ୍ତରକୁ ବିରୋଧ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୬।୧୧ (ଆଶୁତୋଷ ଦାସ/ମାନସ ସାମଲ)


ବନ୍ଦ କାରଖାନାରୁ ମେଶିନ ସ୍ଥାନାନ୍ତର କରାଯାଉଛି।

ଚୌଦାରସ୍ଥିତ ଦୀର୍ଘ ବର୍ଷ ହେବ ବନ୍ଦ ପଡ଼ିଥିବା ଲିବ୍ରା କାର୍ପେଟ କାରଖାନାରୁ ମଙ୍ଗଳବାର ମେଶିନ ସ୍ଥାନାନ୍ତର ବେଳେ ସ୍ଥାନୀୟ ବାସିନ୍ଦା ବିରୋଧ କରିଛନ୍ତି। ସ୍ଥାନୀୟ ଲୋକେ ମେଶିନ ନେବାକୁ ଆସିଥିବା ୨ଟି ଟ୍ରକ ଓ ଏକ ହାଇଡ୍ରାକୁ ଅଟକ ରଖି ଥାନାରେ ଲିଖିତ ଅଭିଯୋଗ କରିଥିବା ହରିଶଙ୍କର ନାୟକ, ଚିତ୍ତରଞ୍ଜନ ବାରିକ, ପୁଷ୍ପ ଚନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ଅନିରୁଦ୍ଧ ସାହୁ, ମୁରଲୀଧର ବେହେରାଙ୍କ ସମେତ ଶ୍ରମିକମାନେ ପ୍ରକାଶ କରିଛନ୍ତି। ବକେୟା ପ୍ରାପ୍ୟ ନ ମିଳିବା ପର୍ଯ୍ୟନ୍ତ କମ୍ପାନୀ ପରିସରରୁ କୌଣସି ଯନ୍ତ୍ରାଂଶ ପଦାକୁ ଛଡାଯିବ ନାହିଁ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ସୂଚନା ମୁତାବକ, ଚୌଦ୍ୱାରସ୍ଥିତ ଲିବ୍ରା କାର୍ପେଟ ୨୦୧୫ରୁ ସମ୍ପୂର୍ଣ୍ଣ ବନ୍ଦ ହୋଇପଡିଛି। କାରଖାନା ବନ୍ଦ ହେବା ପରେ କମ୍ପାନୀରେ କାର୍ଯ୍ୟରତ ବହୁ ଶ୍ରମିକ ବକେୟା ପ୍ରାପ୍ୟ ଏଯାଏ ପାଇନାହାନ୍ତି। କାରଖାନା ବନ୍ଦ ହେବା ପରଠାରୁ କମ୍ପାନୀର କୌଣସି ଅଧିକାରୀ ଦେଖାଦେଉନାହାନ୍ତି। କେତେଜଣ କର୍ମଚାରୀ କ୍ୟାଶ ମାଧ୍ୟମରେ କିଛି ଟଙ୍କା ପାଇଥିବା ବେଳେ ବହୁ ଶ୍ରମିକ ଦରମା, ଗ୍ରାଚ୍ୟୁଇଟି, ବୋନସ ଆଦି ବକେୟା ପ୍ରାପ୍ୟ ନ ପାଇ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଏଭଳି ପରିସ୍ଥିତିରେ ମେଶିନ ଉଠାଯାଉଥିବା ଏବଂ କମ୍ପାନୀ ପରିସରରେ ୨ଟି ଟ୍ରକ ଓ ଏକ ହାଇଡ୍ରା ସାହାଯ୍ୟରେ ପୁରୁଣା ମେଶିନ ବାହାରକୁ ଚାଲାଣ ହେବାକୁ ଥିଲା। ଖବର ପାଇ ସ୍ଥାନୀୟ ବାସିନ୍ଦା ପହଞ୍ଚି କାରଖାନା ପରିସରରୁ କୌଣସି ଯନ୍ତ୍ରାଂଶ ପଦାକୁ ଯାଇପାରିବ ନାହିଁ ବୋଲି ଜିଦ୍ ଧରିବା ସହିତ ଦାୟିତ୍ୱରେ ଥିବା ସିକ୍ୟୁରିଟି ଏଜେନ୍ସିକୁ ତାଗିଦ କରିଥିଲେ। କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ କମ୍ପାନୀ ପରିସରରୁ ମେଶିନ କାଢିବା ପାଇଁ ଚିଠି କରିଥିବା ଏଜେନ୍ସି କର୍ମଚାରୀମାନେ ପ୍ରକାଶ କରିଛନ୍ତି।

### ୨ ଟ୍ରକ, ହାଇଡ୍ରାକୁ ୨ ଘଣ୍ଟା ଅଟକ ରଖିଲେ ସ୍ଥାନୀୟ ବାସିନ୍ଦା

# ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ପ୍ରତିଶ୍ରୁତି

## ଆଜି ସମ୍ବିଧାନ ଦିବସ




ଆମ ଦେଶରେ ସମ୍ବିଧାନ ଗ୍ରହଣ ସ୍ମୃତିରେ ପ୍ରତିବର୍ଷ ନଭେମ୍ବର ୨୬ରେ ପାଳନ ହୋଇଆସୁଛି ସମ୍ବିଧାନ ଦିବସ। ଏହା ମଧ୍ୟ ଜାତୀୟ ଆଇନ ଦିବସ ଭାବରେ ଜଣାଶୁଣା। ସୂଚନାଯୋଗ୍ୟ, ସମ୍ବିଧାନ ସଭା ବହୁ ବିଚାରବିମର୍ଶ ପରେ ୧୯୪୯ ମସିହା ନଭେମ୍ବର ୨୬ରେ ଭାରତର ସମ୍ବିଧାନ ଗ୍ରହଣ କରିଥିଲା। ଭାରତୀୟ ସମ୍ବିଧାନ ଗ୍ରହଣକୁ ସମ୍ମାନ ଜଣାଇବା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ୨୦୧୫ ମସିହାରେ ଏହି ଦିନଟିକୁ ସମ୍ବିଧାନ ଦିବସ ରୂପେ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଏହି ଦିବସ ଭାରତୀୟ ସମ୍ବିଧାନର ଗୁରୁତ୍ୱ ବିଷୟରେ ପ୍ରସାର, ସାମ୍ବିଧାନିକ ମୂଲ୍ୟବୋଧକୁ ପ୍ରୋତ୍ସାହନ ଏବଂ ଡକ୍ଟର ବି. ଆର. ଆମ୍ବେଦକର ଓ ଅନ୍ୟାନ୍ୟ ପ୍ରଣେତାଙ୍କ ଅବଦାନକୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ। ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ପ୍ରତିଶ୍ରୁତି'। ଏହା ସମସାମୟିକ ଗଣତାନ୍ତ୍ରିକ ମୂଲ୍ୟବୋଧ, ଅଧିକାର ଏବଂ ଦାୟିତ୍ୱ ଉପରେ ଧ୍ୟାନ ଦିଏ। ବିଗତ ବର୍ଷଗୁଡ଼ିକରେ ବିଷୟବସ୍ତୁଗୁଡ଼ିକ ନ୍ୟାୟ, ଅନ୍ତର୍ଭୁକ୍ତୀକରଣ ଏବଂ ନାଗରିକ କର୍ତ୍ତବ୍ୟ ଉପରେ ଆଲୋକପାତ କରିଛି। ତେବେ ଏହି ଦିନରେ ସ୍କୁଲ, କଲେଜ, କୋର୍ଟ, ସରକାରୀ ବିଭାଗ ଏବଂ ନାଗରିକ ସଂଗଠନ ସମେତ ଦେଶବ୍ୟାପୀ ଅନୁଷ୍ଠାନଗୁଡ଼ିକ ପ୍ରସ୍ତାବନା ପାଠ, ବିତର୍କ, ସେମିନାର, ପ୍ରତିଜ୍ଞା ଗ୍ରହଣ ସମାରୋହ, ସଚେତନତା ଅଭିଯାନ ଏବଂ ଆଇନଗତ ସାକ୍ଷରତା ଭଳି କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି।



# ସେଲିନା ଜେଟ୍‌ଲୀଙ୍କ ବୈବାହିକ ଜୀବନରେ ଝଡ଼

ମୁମ୍ବାଇ

ବଲିଉଡ୍‌ର ପୂର୍ବତନ ଅଭିନେତ୍ରୀ ତଥା ମିସ୍ ଇଣ୍ଡିଆ ସେଲିନା ଜେଟ୍‌ଲୀ ତାଙ୍କ ସ୍ୱାମୀ ପିଟର ହାଗ୍‌ଙ୍କ ବିରୋଧରେ ଘରୋଇ ହିଂସା ନେଇ ମାମଲା ରୁଜୁ କରିଛନ୍ତି। ଏହି ଖବର ଏବେ ବଲିଉଡ୍ ଜଗତରେ ଚର୍ଚ୍ଚାର ବିଷୟ ପାଲଟିଛି।

୪୭ ବର୍ଷୀୟା ସେଲିନା ତିନୋଟି ସନ୍ତାନର ଜନନୀ। ପିଟର ତାଙ୍କୁ ଶାରୀରିକ, ମାନସିକ, ଯୌନ ଏବଂ ଆର୍ଥିକ ନିର୍ଯାତନା ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଏପରିକି ସେ ୫୦ କୋଟି ଟଙ୍କା କ୍ଷତିପୂରଣ ସହ ମାସକୁ ୧୦ ଲକ୍ଷ ଟଙ୍କା ଭରଣପୋଷଣ ଦାବି କରିଛନ୍ତି। ଅଭିନେତ୍ରୀ ଅନ୍ଧେରୀ କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ଆଗାମୀ ଦିନରେ ଶୁଣାଣି ହେବ। ୨୦୧୦ ସେପ୍ଟେମ୍ବର ୧୮ରେ ସେଲିନା ପିଟର୍‌ଙ୍କୁ ବିବାହ କରିଥିଲେ। ଏହାପରେ ପିଟର୍ ତାଙ୍କୁ ଧୀରେ ଧୀରେ କାର୍ଯ୍ୟକ୍ଷେତ୍ରରୁ ଦୂରେଇ ଦେଇଥିଲେ।






















































ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୬/୨୦୨୫ Bhubaneswar, Wednesday, November 26/ 2025

# ସିରିଜ୍ ସୁଇପ୍ ପଥରେ ଦକ୍ଷିଣ ଆଫ୍ରିକା

**ଦ୍ୱିତୀୟ ଟେଷ୍ଟ**

ଗୁଆହାଟୀ,୨୫ା୧୧

ଏଠାରେ ଚାଲିଥିବା ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ୍ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିଜୟ ପଥରେ ଅଗ୍ରସର ହୋଇଛି। ପ୍ରଥମ ଇନିଂସରେ ୨୮୮ ରନର ଅଗ୍ରଣୀ ହାସଲ କରିଥିବା ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସ ୨୬୦/୫ ସ୍କୋରରେ ପାଳି ସମାପ୍ତି ଘୋଷଣା କରିଥିଲା। ଫଳରେ ଭାରତ ଆଗରେ ୫୪୯ ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ ହୋଇଛି। ଜବାବରେ ଭାରତୀୟ ଦଳ ଚତୁର୍ଥ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ଦ୍ୱିତୀୟ ଇନିଂସରେ ୨୭ ରନ ମଧ୍ୟରେ ୨ଟି ଉଇକେଟ ହରାଇ ବିପଦରେ ପଡ଼ିଛି। ଫଳରେ ଦକ୍ଷିଣ ଆଫ୍ରିକାକୁ ସିରିଜ୍ ସୁଇପ୍ କରିବାକୁ ୮ ଉଇକେଟ ଦରକାର ଥିବା ବେଳେ ଭାରତକୁ ଆହୁରି ୫୨୨ ରନର ଆବଶ୍ୟକତା ରହିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିନ ଥିବାବେଳେ ଏତେ ବଡ଼ ଟାର୍ଗେଟର ପିଛା କରି ବିଜୟ ହାସଲ କରିବା ଅସମ୍ଭବ ମନେ ହେଉଥିବାରୁ ଭାରତ ମ୍ୟାଚ୍ ଡ୍ର' କରିବାକୁ ଚେଷ୍ଟା କରିପାରେ।

ମଙ୍ଗଳବାର ଦକ୍ଷିଣ ଆଫ୍ରିକା ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୬/୦ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ରିୟାନ ରିକଲଟନ ଓ ଏଡେନ ମାରକ୍ରାମ ପ୍ରଥମ ଉଇକେଟରେ ୫୯ ରନ ଯୋଡ଼ିଥିଲେ। ଉଭୟ ଓପନର ରିକଲଟନ ୩୫ ଓ ମାରକ୍ରାମ ୨୯ ରନ କରି ରବୀନ୍ଦ୍ର ଜାଡେଜାଙ୍କ ବଲରେ ଆଉଟ୍ ହୋଇଥିଲେ। ଅଧିନାୟକ ଟେମ୍ବା ବଭୁମା (୩) ବିଫଳ ହୋଇଥିଲେ। ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ଟୋନୀ ଡି ଜର୍ଜି ମିଶି ଚତୁର୍ଥ ଉଇକେଟରେ ୧୦୧ ରନ କରିଥିଲେ। ଅର୍ଦ୍ଧଶତକ ଦ୍ୱାରରେ ଥିବା ଜର୍ଜି (୪୯)ଙ୍କୁ ଜାଡେଜା ଏଲ୍‌ବିଡବ୍ଲ୍ୟୁ କରାଇଥିଲେ। ଏହିଠାରୁ ଷ୍ଟବ୍ସ ଓ ୱିଆନ ମୁଲ୍ଡର ଦଳୀୟ ସ୍କୋରରେ ପଞ୍ଚମ ଉଇକେଟରେ ୮୨ ରନ ଯୋଡ଼ି ଦଳୀୟ ସ୍କୋରକୁ ୨୬୦ ରନରେ ପହଞ୍ଚାଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ଷ୍ଟବ୍ସ(୯୪ ରନ୍, ୯ ଚୌକା ଓ ୧ ଛକା)ଙ୍କୁ ଜାଡେଜା କ୍ଲିନବୋଲ୍ଡ କରିବା ପରେ ବଭୁମା ୨୬୦/୫ ସ୍କୋରରେ ପାଳି ଘୋଷଣା କରିଥିଲେ। ଭାରତ ପାଇଁ ଜାଡେଜା ୪ ଓ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ। ଏହାପରେ ୫୪୯ ରନର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଭାରତ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭରୁ ଦୁଇ ଓପନରଙ୍କୁ ହରାଇଥିଲା। ଯଶସ୍ୱୀ ଜୟସ୍ୱାଲ ୧୩ ଓ ଲୋକେଶ ରାହୁଲ ୬ ରନ୍ କରି ଯଥାକ୍ରମେ ମାର୍କୋ ଜାନସେନ ଓ ସାଇମନ ହାର୍ମରଙ୍କ ବଲରେ ଆଉଟ୍ ହୋଇଥିଲେ। ଏହିଠାରୁ ସାଇ ସୁଦର୍ଶନ ଓ ନାଇଟ୍ ୱାଚମ୍ୟାନ କୁଲଦୀପ ଯାଦବ ଡିଫେନ୍ସିଭ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକୀୟ ବୋଲରଙ୍କୁ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଫଳରେ ଭାରତ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୨୭ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ସୁଦର୍ଶନ ୨ ଓ କୁଲଦୀପ ଯାଦବ ୪ ରନରେ ଅପରାଜିତ ଅଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୪୮୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୨୦୧/ଅଲଆଉଟ୍। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୬୦/୫ (ଘୋଷଣା) (ଟ୍ରିଷ୍ଟାନ ଷ୍ଟବ୍ସ-୯୪, ଟୋନି ଡି ଜର୍ଜି-୪୯, ରିୟାନ ରିକଲଟନ-୩୫, ରବୀନ୍ଦ୍ର ଜାଡେଜା-୪/୬୨, ୱାଶିଂଟନ ସୁନ୍ଦର-୧/୬୭)। ଭାରତ ଦ୍ୱିତୀୟ ଇନିଂସ: ୨୭/୨।

# କଳିଙ୍ଗରେ ହେବ ନ୍ୟାଶନାଲ ଇନ୍‌ଡୋର, ୱାର୍ଲ୍ଡ ଆଥ୍‌ଲେଟିକ୍ସ ସିଲ୍‌ଭର ଲେଭଲ ପ୍ରତିଯୋଗିତା



ଭୁବନେଶ୍ୱର, ୨୫ା୧୧ (ତପନ ସ୍ୱାଇଁ)

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆଉ ଦୁଇଟି ବଡ଼ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ପକ୍ଷରୁ ମଙ୍ଗଳବାର ପ୍ରକାଶିତ ୨୦୨୬ ଘରୋଇ କ୍ୟାଲେଣ୍ଡରରୁ ଏହା ଜଣାପଡ଼ିଛି। ତଦନୁସାରେ ନ୍ୟାଶନାଲ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣ ମାର୍ଚ୍ଚ ୨୪ ଓ ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ସେହିପରି ଇଣ୍ଡିଆନ ଓପନ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ ମିଟ୍ ମଧ୍ୟ ଏଠାରେ ଅଗଷ୍ଟ ୨୨ରେ ଆୟୋଜନ ହେବ। ଏହା ବ୍ୟତୀତ ମେ ୨ ଓ ୩ରେ ପ୍ରଥମ ଇଣ୍ଡିଆନ ଇନ୍‌ଡୋର ଓପନ କମ୍ବାଇନ୍‌ଡ ଇଭେଣ୍ଟ ଏବଂ ପୋଲଭଲ୍ଟ ପ୍ରତିଯୋଗିତା ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଜୁଲାଇ ୮ରୁ ୧୨ ପର୍ଯ୍ୟନ୍ତ ୬୫ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ମଧ୍ୟ ଭୁବନେଶ୍ୱର ଆୟୋଜନ କରିବ। ୨୦୨୬ ଘରୋଇ କ୍ୟାଲେଣ୍ଡରରେ ୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତା ଆୟୋଜନ ହେବ ବୋଲି ଦର୍ଶା ଯାଇଛି। ପ୍ରକାଶ ଯୋଗ୍ୟ ଯେ ୨୦୨୫ ଅଗଷ୍ଟ ୧୦ରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତାକୁ ଓଡ଼ିଶା ସରକାର ସଫଳତାର ସହ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ କରିଥିଲେ। ଭବିଷ୍ୟତରେ ଏଠାରେ ସିଲଭର ଏବଂ ଗୋଲ୍ଡ ଲେଭଲ ପ୍ରତିଯୋଗିତା ଆୟୋଜନ ହେବ ବୋଲି ପ୍ରକାଶ କରାଯାଇଥିଲା। ତାହା ଏବେ ସତ ହେବାକୁ ଯାଉଛି।

# ପ୍ରତ୍ୟାଶାଙ୍କୁ ସ୍ୱର୍ଣ୍ଣ: ଓଡ଼ିଶାକୁ ୫ ପଦକ





ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ବିଜୟୀ ଓଡ଼ିଶା କ୍ରୀଡ଼ାବିତ୍।

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭୁବନେଶ୍ୱର, ୨୫ା୧୧ (ତପନ ସ୍ୱାଇଁ)

ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଦ୍ୱିତୀୟ ଦିବସରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଦଳଗୁଡ଼ିକ ମୋଟ ୫ଟି ପଦକ ହାସଲ କରିଛନ୍ତି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀଙ୍କ ୩ ପଦକ ସାମିଲ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ରାୟ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସ୍ୱର୍ଣ୍ଣ ଓ ୪୦୦ ମିଟର ଫ୍ରିଷ୍ଟାଇଲରେ ବ୍ରୋଞ୍ଜ ପଦକ ଜିତିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍, ନୀଳାବ୍‌ଜା ଘୋଷ ୫୦ ମିଟର ଫ୍ରିଷ୍ଟାଇଲରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି କିଟ୍ ୪x୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ରିଲେ ଦଳ ମଧ୍ୟ ବ୍ରୋଞ୍ଜ ପଦକ ଜିତିଛି। ଏହା ବ୍ୟତୀତ କିଟ୍ ମହିଳା ହକି ଦଳ ୬-୦ ଗୋଲରେ ମହୀଶୂରକୁ ହରାଇ ଅଭିଯାନ ଆରମ୍ଭ କରିଛି। ସମସ୍ତ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୫ା୧୧ (ତପନ ସ୍ୱାଇଁ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାଇତୋ, ଉପଶାସନ ସଚିବ ବସନ୍ତ ବେହେରା, ଉପ ଶାସନ ସଚିବ ସନ୍ନ୍ୟାସୀ କୁମାର ବେହେରା, ଶିଶୁ ଓ ମହିଳା ବିକାଶ ସମିତିର ଅଧ୍ୟକ୍ଷା ମେଜର କଳ୍ପନା ଦାସ, ସୋଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ସୁନୀତା ବର୍ମା ଓ ପ୍ରମୋଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ୍ ସଂଘ ସଭାପତି ମହମ୍ମଦ ଜାଫର ଇକବାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ସ୍କୁଲ ଫର୍ ଦି ବ୍ଲାଇଣ୍ଡ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍ ରାଣୀପାଟଣା ବାଲେଶ୍ୱର, ଲୁଇସ ବ୍ରେଲ ସ୍କୁଲ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ଶୈଳବାଳା ଦୃଷ୍ଟିହୀନ ମହିଳା କ୍ରିକେଟ୍ ଟିମ୍, କଟକ, ରେଡକ୍ରସ ସ୍କୁଲ ଫର୍ ଦ ବ୍ଲାଇଣ୍ଡ, ଆମ୍ବପୁଆ, ଗଞ୍ଜାମ, ମୟୂରଭଞ୍ଜ ଦୃଷ୍ଟିହୀନ ମହିଳା ଦଳ, ଭୀମଭୋଇ ଦୃଷ୍ଟିହୀନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବଲାଙ୍ଗୀର ମହିଳା ଦୃଷ୍ଟିହୀନ କ୍ରିକେଟ୍ ଦଳ ଆଦି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ମୋଟ ୪ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି।

# ଉତ୍ତରପୂର୍ବ ଭାରୋତ୍ତୋଳନରେ ଭାଗନେବ ଓଡ଼ିଶା



ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ଦଳ।

ଭୁବନେଶ୍ୱର, ୨୫ା୧୧ (ତପନ ସ୍ୱାଇଁ)

କୋଲକାତାଠାରେ ଉତ୍ତରପୂର୍ବ ଅସ୍ମିତା (ଜୋନାଲ) ଭାରୋତ୍ତୋଳନ ପ୍ରତିଯୋଗିତା ବୁଧବାର ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ୧୫ ଭାରୋତ୍ତୋଳକ ଏବଂ ୫ କୋଚ୍/ମ୍ୟାନେଜର ମଙ୍ଗଳବାର କୋଲକାତା ଯାତ୍ରା କରିଛନ୍ତି। ପ୍ରତିଯୋଗୀମାନେ ହେଲେ ଅଭୀପ୍ସା ଆଚାର୍ଯ୍ୟ, ବନିତା ନାଏକ, ମୀନା ସିଂ, ଅଙ୍କିତା ପ୍ରଧାନ, ମୀନା ସାନ୍ତା (ବି), ଶ୍ୱେତଲିନା ମହାନ୍ତି, ଆଲିଶା ବେହେରା, ରୋମାଲି ପ୍ରଧାନ, ପ୍ରୀତିମୟୀ ମହାନ୍ତି, ରିମ୍‌ଝିମ୍ ନାଏକ, ଟିନା ରାଉତ, ପ୍ରତିଭାରାଣୀ ପାତ୍ର, ଆଦ୍ୟାଶା ମହାପାତ୍ର, ମୌସୁମୀ ଦାସ ଓ ତନିଶା ତମନ୍ନା ସ୍ୱାଇଁ। ଯଜ୍ଞ ନାରାୟଣ ନନ୍ଦ, ପଦ୍ମିନୀ ମହାନ୍ତି, ବୁଲୁ ସୁବୁଦ୍ଧି, ଲିଟିଲ ସାହୁ ଏବଂ ରାଜ୍ୟ ସଂଘର ଅନ୍ତରୀଣ ସମ୍ପାଦକ ଗୋପାଳ କୃଷ୍ଣ ଦାସ କୋଚ୍ ଏବଂ ମ୍ୟାନେଜରଭାବେ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତିଯୋଗିତାର ସୁପରିଚାଳନା ଲାଗି ଓଡ଼ିଶାର କେ. ରବିକୁମାର, ସୁଧୀର କୁମାର ପାତ୍ର, ଜୀତେନ୍ଦ୍ର ସାହୁ, ଦାମିନୀ କୁମାରୀ ସାହୁ, ବନିତା ଘଡ଼େଇ ଓ ପିଙ୍କି ପାଣିଗ୍ରାହୀ ଟେକ୍ନିକାଲ ଅଫିସିଆଲ ମନୋନୀତ ହୋଇଛନ୍ତି।

**ଆଜଲାନ ଶାହା କପ୍ ହକି**

# ବେଲଜିୟମଠାରୁ ଭାରତ ହାରିଲା

**ଇପୋ (ମାଲେସିଆ), ୨୫ା୧୧ (ପି.ଟି.):** ଭାରତୀୟ ଦଳ କଡ଼ା ଟକ୍କର ଦେବା ସତ୍ତ୍ୱେ ମଙ୍ଗଳବାର ଏକ ବର୍ଷା ପ୍ରଭାବିତ ସୁଲତାନ ଆଜଲାନ ଶାହା କପ୍ ହକି ମ୍ୟାଚ୍‌ରେ ବେଲଜିୟମଠାରୁ ୨-୩ ଗୋଲରେ ପରାଜିତ ହୋଇଛି। ଭାରତ ପାଇଁ ଅଭିଷେକ (୩୩ତମ ମିନିଟ୍) ଓ ଓଡ଼ିଶାର ଶିଳାନନ୍ଦ ଲାକ୍ରା (୫୭ତମ) ଗୋଲ କରିଥିବା ବେଳେ ବେଲଜିୟମ ପକ୍ଷରୁ ରୋମାନ ଡୁଭେକଟ (୧୭ ଓ ୫୭ତମ) ଦୁଇଟି ଓ ନିକୋଲାସ ଡି କର୍ପେଲ (୪୫ତମ) ଗୋଟିଏ ଗୋଲ ସ୍କୋର କରିଥିଲେ।

ପ୍ରଥମ ମ୍ୟାଚ୍‌ରେ ୩ ଥରର ଚାମ୍ପିୟନ ଦକ୍ଷିଣ କୋରିଆକୁ ୦-୧ ଗୋଲରେ ହରାଇଥିବା ଭାରତୀୟ ଦଳ ପାଇଁ ଆରମ୍ଭରୁ ଗୋଲକିପର ପୱନ ଓ ଡିଫେନ୍ସ ବିଭାଗ ଖୁବ ଭଲ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ଦଶମ ମିନିଟ୍‌ରେ ବେଲଜିୟମକୁ ଲଗାତର ଦୁଇଟି ପେନାଲ୍ଟି କର୍ନର ମିଳିଥିଲା। ହେଲେ ଭାରତୀୟ ଡିଫେନ୍ସବିଭାଗ ଉଭୟ ଉଦ୍ୟମକୁ ପ୍ରତିହିତ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ୧୭ତମ ମିନିଟ୍‌ରେ ରୋମାନଙ୍କ ଜରିଆରେ ବେଲଜିୟମ ଖାତା ଖୋଲିଥିଲା। ଏହାର ଜବାବ ଦ୍ୱିତୀୟାର୍ଦ୍ଧରେ ଦେଇଥିଲା ଭାରତୀୟ ଦଳ। ୩୩ ମିନିଟ୍‌ରେ ଅଭିଷେକଙ୍କ ଗୋଲ ବଳରେ ଭାରତ ମ୍ୟାଚ୍‌କୁ ୧-୧ ସ୍ତରକୁ ଆଣିଥିଲା। ୪୫ତମ ମିନିଟ୍‌ରେ ବେଲଜିୟମକୁ ମିଳିଥିବା ପେନାଲ୍ଟି କର୍ନରକୁ ନିକୋଲାସ ଡି କର୍ପେଲ ଗୋଲରେ କନଭର୍ଟ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ରୋମାନ ଡୁଭେକଟ (୪୬ତମ) ବେଲଜିୟମ ପାଇଁ ତୃତୀୟ ଗୋଲ କରିଥିଲେ। ଭାରତ ପକ୍ଷରୁ ୫୭ତମ ମିନିଟରେ ଶିଳାନନ୍ଦ ଲାକ୍ରା ଦ୍ୱିତୀୟ ଗୋଲ୍ ପରିଶୋଧ କରିଥିଲେ।

# କଳିକେଶ ଜାତୀୟ ରାଇଫଲ ସଂଘ ସଭାପତି ନିର୍ବାଚିତ

ବଲାଙ୍ଗୀର, ୨୫ା୧୧
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଭାରତୀୟ ଜାତୀୟ ରାଇଫଲ ସଂଘ (ଏନ୍‌ଆରଏଆଇ) ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ଅତୀତରେ ସେ ଆନ୍ତରିଣ ସଭାପତି ଥିବାବେଳେ ଅଲିମ୍ପିକ୍ସରେ ଭାରତ କୃତିତ୍ୱ ଅର୍ଜନ କରିଥିଲା। ତାଙ୍କ କ୍ରୀଡା ସଙ୍ଗଠନ ଏବଂ ନେତୃତ୍ୱକୁ ପ୍ରଶଂସା କରାଯାଇଛି। କଳିକେଶ ସଭାପତି ଭାବେ ନିର୍ବାଚିତ ହେବା ପରେ ବଲାଙ୍ଗୀରରେ ମଧ୍ୟ ଉତ୍ସାହର ମାହୋଲ ଦେଖାଦେଇଛି। ତାଙ୍କୁ ବିଭିନ୍ନ କ୍ରୀଡା ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ଅଭିନନ୍ଦନ ଜଣାଇଛନ୍ତି। ଏଥିପାଇଁ ଓଡିଶା ରାଇଫଲ ସଂଘ ତରଫରୁ କଳିକେଶଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହା ଓଡିଶା ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ ବୋଲି ସମ୍ପାଦକ ହରି ପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେ ସଭାପତି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାରୁ ଭାରତୀୟ ଶୁଟିଂ ଜଗତ ଆହୁରି ସୁଦୃଢ଼ ହେବ। ଶୁଟରମାନଙ୍କ ପାଇଁ ଉନ୍ନତ ସୁବିଧା ଏବଂ ପ୍ରଶିକ୍ଷଣ ବୃଦ୍ଧି ପାଇଁ ତାଙ୍କ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ରାଜ୍ୟ ସଂଘ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।



କଳିକେଶ ନାରାୟଣ ସିଂଦେଓ

# କିଟ୍ ୩-୧ ଗୋଲରେ ବିଜୟୀ

**ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍**

ଭୁବନେଶ୍ୱର, ୨୫ା୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ କିଟ୍ ୩-୧ ଗୋଲରେ ଶିବ ଶକ୍ତି ଏଫ୍‌ସିକୁ ପରାସ୍ତ କରିଛି। କିଟ୍ ପକ୍ଷରୁ ଅଙ୍କିତ ୨ଟି ଏବଂ ପ୍ରିୟାଂଶୁ ଗୋଟିଏ ଗୋଲ ଦେଇଥିଲେ। ଶିବ ଶକ୍ତି ପକ୍ଷରୁ ଉଦୟ ମୁର୍ମୁ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଆୟୋଜକ ଆସୋସିଏଶନ କୋଷାଧ୍ୟକ୍ଷ ରଘୁ ପଣ୍ଡା ଅତିଥିଭାବେ ଯୋଗଦେଇ ଅଙ୍କିତଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ନେହା କୁମାରୀ, ସାର୍ଥକ ଚାମ୍ପିୟନ

**ରାଜ୍ୟ ଟେବୁଲ ଟେନିସ ପ୍ରତିଯୋଗିତା ଉଦ୍‌ଯାପିତ**

ଭୁବନେଶ୍ୱର, ୨୫ା୧୧ (ତପନ ସ୍ୱାଇଁ)

କଟକର ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ୩୧ତମ ଆନ୍ତଃ ଜିଲା ଏବଂ ରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବର୍ଗରେ ନେହା କୁମାର ଏବଂ ପୁରୁଷରେ ସାର୍ଥକ ଆର୍ଯ୍ୟ ଚାମ୍ପିୟନ ହୋଇଛନ୍ତି। ସାର୍ଥକ ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ମଧ୍ୟ ଟାଇଟଲ ହାସଲ କରିଛନ୍ତି। ଉର୍ଜା ବର୍ମା ୧୯ ଓ ୧୭ ବର୍ଷରୁ କମ୍ ବାଳିକା ବର୍ଗ ଟାଇଟଲ ଜିତିଛନ୍ତି। ଜିଜ୍ଞାଶୁ ସାହୁ ୧୭ ଓ ୧୫ ବର୍ଷରୁ କମ୍ ବାଳକ ବର୍ଗରେ ଚାମ୍ପିୟନ ହୋଇଛନ୍ତି। ୧୫ ବର୍ଷରୁ କମ୍ ବାଳିକାରେ ଆରାଧ୍ୟା ସାହୁ, ୧୩ ବର୍ଷରୁ କମ୍ ବାଳିକା ଓ ବାଳକରେ ଯଥାକ୍ରମେ ସ୍ୱେତା ବର୍ମା ଓ ଅଭିଷେକ ଦାସ, ୧୧ ବର୍ଷରୁ କମ୍ ବାଳିକା ଓ ବାଳକରେ ଗାୟତ୍ରୀ ପଟ୍ଟନାୟକ ଓ ସ୍ୱସ୍ତିକ ସିଂ ଟାଇଟଲ ବିଜେତା ହୋଇଛନ୍ତି। ଭେଟୋନ ବର୍ଗର ମହିଳା ସିଙ୍ଗଲ୍ସରେ ଉତ୍କଳିକା ପତି, ୩୯+ରେ ଡି. ଦେବଦତ୍ତ ମହାନ୍ତି, ୪୯+ରେ ଆଲବର୍ଟ କିଣ୍ଡୋ, ୫୯+ରେ ଫୈଜ ମହମ୍ମଦ, ୬୪+ରେ ବିଜନ ଦାସମହାପାତ୍ର ଏବଂ ୬୯+ରେ ପି.କେ. ସାମନ୍ତରାୟ ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।




ଟେବୁଲ ଟେନିସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

# ଓଡ଼ିଶା-କେରଳ ମ୍ୟାଚ୍ ଆଜି

**ସୟଦ ମୁସ୍ତାକ ଅଲୀ ଟ୍ରଫି**

ଭୁବନେଶ୍ୱର, ୨୫ା୧୧ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସୟଦ ମୁସ୍ତାକ ଅଲୀ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାରଠାରୁ ଲକ୍ଷ୍ନୌରେ ଆରମ୍ଭ ହେବାକୁ ଯାଉଛି। ଏଲିଟ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଏହାର ପ୍ରଥମ ମ୍ୟାଚ କେରଳ ବିପକ୍ଷରେ ଖେଳିବ। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ବିଦର୍ଭ, ରେଲୱେ, ଆସାମ, ଆନ୍ଧ୍ର ପ୍ରଦେଶ, ମୁମ୍ବାଇ ଓ ଛତିଶଗଡ଼। ପ୍ରଥମ ମ୍ୟାଚର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ମଙ୍ଗଳବାର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ କଡ଼ା ଅଭ୍ୟାସ କରିଛି।

କେରଳ ବିପକ୍ଷରେ ଓଡ଼ିଶାର ରେକର୍ଡ ଭଲ ନାହିଁ। ଶେଷଥର ପାଇଁ ୨୦୨୩ ଅକ୍ଟୋବର ୨୫ରେ ମୁମ୍ବାଇର ଡି.ୱାଇ. ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୫୦ ରନରେ କେରଳ ନିକଟରୁ ହାରିଥିଲା। କେରଳ ୨୦ ଓଭରରେ ୪ ଉଇକେଟ ହରାଇ ୧୮୩ ରନ କରିଥିବାବେଳେ ଓଡ଼ିଶା ୧୮.୧ ଓଭରରେ ୧୩୩ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଶୁଭ୍ରାଂଶୁ ସେନାପତି ସର୍ବାଧିକ ୩୭ ରନ କରିଥିଲେ। ଜଲଜ ସକ୍ସେନା ୫ ଓ ଶ୍ରେୟାସ ଗୋପାଳ ୪ ଉଇକେଟ ନେଇ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ସେହିପରି ୨୦୧୩ ମାର୍ଚ୍ଚ ୨୯ରେ ଇନ୍ଦୋରରେ ଅନୁଷ୍ଠିତ ମ୍ୟାଚରେ ମଧ୍ୟ କେରଳ ୬ ଉଇକେଟରେ ବିଜୟ ହାସଲ କରିଥିଲା। ଧିମା ବ୍ୟାଟିଂ କରିଥିବା ଓଡ଼ିଶା ୨୦ ଓଭରରେ ୮ ଉଇକେଟ ହରାଇ ୧୨୫ ରନ କରିବାକୁ ସକ୍ଷମ ହୋଇଥିଲା। ୧୨୬ ରନର ବିଜୟ ଲକ୍ଷ୍ୟକୁ କେରଳ ୧୯.୨ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା।





ଲକ୍ଷ୍ନୌରେ ମଙ୍ଗଳବାର ଓଡ଼ିଶା କ୍ରିକେଟ ଦଳର ବ୍ୟାଟିଂ ଓ ବୋଲିଂ ଅଭ୍ୟାସ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ